

# ଆଶାରାମଙ୍କ ଅନ୍ତରୀଣ ଜାମିନ ନାମଞ୍ଜୁର

ପୃଷ୍ଠା ୪

ସଂଚାର THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 137 ଭାଗ ୩୪ | ସଂଖ୍ୟା ୧୩୭ | Friday 7 August 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର,୭ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ଅଗ୍ନି-୪ର ସଫଳ ପରୀକ୍ଷଣ

**୪ ହଜାର କିମି ଲକ୍ଷ୍ୟଭେଦ କ୍ଷମତା**

**ବାଲେଶ୍ୱର,୬।୮(ସଂଚାର ବ୍ୟୁରୋ):** ଓଡ଼ିଶାର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷା କେନ୍ଦ୍ର (ଆଇଟିଆର)ରୁ ଗୁରୁବାର ଭାରତର ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ୍ ଅଗ୍ନି-୪ର ସଫଳ ପରୀକ୍ଷଣ କରାଯାଇଛି। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା କରାଯାଇଥିବା ଏହି ପରୀକ୍ଷଣ କ୍ଷେପଣାସ୍ତ୍ରର ସମସ୍ତ ପରିଚାଳନାଗତ ଓ ବୈଷୟିକ ମାପଦଣ୍ଡକୁ ବୈଧ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବାଲିଷ୍ଟିକ୍ ମିସାଇଲ ଅଗ୍ନି-୪ ଅତି କମ୍‌ରେ ୪ ହଜାର କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରଖିଛି। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ସଫଳ କରିବା ପାଇଁ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଓ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ମିଳିତ ଭାବେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅଗ୍ନି କ୍ଷେପଣାସ୍ତ୍ରଗୁଡ଼ିକ ହେଉଛି ଶକ୍ତିଶାଳୀ ପରମାଣୁ କ୍ଷମତାସମ୍ପନ୍ନ ତଥା ଭୂମିରୁ ଭୂମିକୁ ନିକ୍ଷେପ କରାଯାଇପାରୁଥିବା ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଶ୍ରେଣୀର। ପ୍ରକାଶଯୋଗ୍ୟ ଯେ ଚଳିତ ବର୍ଷ ଜୁନ୍ ୧୫ ତାରିଖରେ ଡିଆରଡିଓ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଭୂମିରୁ ଲକ୍ଷ୍ୟଭେଦ କରିପାରୁଥିବା ଦୂରଗାମୀ କ୍ରୁଜ୍ ମିସାଇଲର ସଫଳ ପରୀକ୍ଷଣ କରିଥିଲା। ଓଡ଼ିଶା ଉପକୂଳସ୍ଥ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଏହି ଉଡ଼ାଣ ପରୀକ୍ଷା (ଫ୍ଲାଇଟ୍ ଟେଷ୍ଟ) କରାଯାଇଥିଲା।

## ସମ୍ବେଦନହୀନ ସନ୍ତାନ: ବାପାଙ୍କ ଅନ୍ତ୍ୟେଷ୍ଟି ପାଇଁ ସମୟ ନାହିଁ ଭିଡିଓ କଲ୍‌ରେ ସାରିଦେଲେ



**ହରିଆଣା,୬।୮:** ବୃଦ୍ଧମାନଙ୍କ ପ୍ରତି ପରିବାରର ଦାୟିତ୍ୱ ଓ ବଦଳୁଥିବା ସାମାଜିକ ସମ୍ପର୍କକୁ ନେଇ ପୁଣି ଥରେ ଚର୍ଚ୍ଚା ସୃଷ୍ଟି କରିଛି। ହରିଆଣାର ଏକ ଘଟଣା ବର୍ତ୍ତମାନର ପାରିବାରିକ ସ୍ଥିତି ନେଇ ସାଧାରଣରେ ଚିନ୍ତା ସୃଷ୍ଟି କରିଛି। ଗୋଟିଏ ବାପା ୩ ଝିଅଙ୍କୁ ପାଳିପୋଷି ମଣିଷ କଲା, ହେଲେ ସେହି ୩ ଝିଅ ନିଜ ଗୋଡ଼ରେ ଛିଡ଼ା ହେବା ପରେ ବୁଢ଼ା ବାପାକୁ ସମ୍ଭାଳିପାରିଲେନି। ଫଳସ୍ୱରୂପ ବୃଦ୍ଧାଶ୍ରମରେ ବିତିଲା ଶେଷ ସମୟ। ତେବେ ସବୁଠୁ ଦୁଃଖର କଥା ହେଉଛି, ଦେଶ ଭିତରେ ଥାଇ ମଧ ବାପାକୁ ଶେଷ ଥର ପାଇଁ ବିଦାୟ ଦେବାକୁ ବି ଆସିପାରିଲେ ନାହିଁ। ଯେଉଁ ବାପା ନିଜ ଜୀବନର ସମସ୍ତ ପରିଶ୍ରମ ଓ ରୋଜଗାର ୩ ଝିଅଙ୍କ ଭବିଷ୍ୟତ ଗଢ଼ିବାରେ ଖର୍ଚ୍ଚ କରିଥିଲେ, ସେହି ବାପାଙ୍କ ଶେଷ ଯାତ୍ରାରେ ଝିଅମାନଙ୍କ ମଧ୍ୟରୁ କେହି ଜଣେ ବି ସାମିଲ ହୋଇ ନ ଥିଲେ। ହରିଆଣାର ସୋନିପତର ଏକ ବୃଦ୍ଧାଶ୍ରମରେ ରହୁଥିବା ଶିବଚରଣ ରାମରତନ ଗୁପ୍ତାଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତିମ ସଂସ୍କାର ବୃଦ୍ଧାଶ୍ରମ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ସମ୍ପନ୍ନ କରିଥିଲେ। ସମ୍ବେଦନହୀନ ତିନି ଝିଅ ନେପାଳ, ➪ପୃଷ୍ଠା-୬

## ୨୨ ଜିଲ୍ଲାକୁ ୧୧୦ କୋଟି ବନ୍ୟା ସହାୟତା



- ଆଜି ଆସିବ ବିଭାଗୱାରୀ କ୍ଷୟକ୍ଷତି ରିପୋର୍ଟ
- ରାଜସ୍ୱ ମନ୍ତ୍ରୀ ଡାକିଲେ ଜରୁରୀ ବୈଠକ

**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ବନ୍ୟା ସହାୟତା ବାବଦରେ ୨୨ ଜିଲ୍ଲାକୁ ୧୧୦ କୋଟି ବନ୍ୟା ସହାୟତା ଦେଲେ ରାଜ୍ୟ ସରକାର। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। କ୍ଷୟକ୍ଷତିର ଆକଳନ ଅନୁଯାୟୀ ସହାୟତା ରାଶି ଡିବିଟି ମାଧ୍ୟମରେ ପହଞ୍ଚାଇବାକୁ ନିଷ୍ପତ୍ତି ହୋଇଛି। ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା। ତେଣୁ ବାଲେଶ୍ୱରକୁ ୨୨.୦୩ କୋଟି, ଯାଜପୁରକୁ ୨୦.୨୦ କୋଟି ଓ ଭଦ୍ରକକୁ ୨୦.୧୨ କୋଟି ଟଙ୍କାର ବନ୍ୟା ସହାୟତା ପ୍ରଦାନ କରାଯାଇଛି।

ଏହାଛଡ଼ା ଜଗତସିଂହପୁର ଜିଲ୍ଲାକୁ ୮.୧୮ କୋଟି, କେନ୍ଦୁଝର ଜିଲ୍ଲାକୁ ୬.୧୧ କୋଟି, ସମ୍ବଲପୁର ଜିଲ୍ଲାକୁ ୫.୫୬ କୋଟି, କେନ୍ଦ୍ରାପଡ଼ା ଜିଲ୍ଲାକୁ ୫.୦୪ କୋଟି, ମୟୂରଭଞ୍ଜ ଜିଲ୍ଲାକୁ ୫.୦୨ କୋଟି, ଖୋର୍ଦ୍ଧା ଜିଲ୍ଲାକୁ ୨.୦୬ କୋଟି, ସୁବର୍ଣ୍ଣପୁର ଜିଲ୍ଲାକୁ ୨.୩୧ କୋଟି ଓ ବୌଦ୍ଧ ଜିଲ୍ଲାକୁ ୧.୨୯ କୋଟି ପ୍ରଦାନ କରାଯାଇଛି। ଅନେକ ➪ପୃଷ୍ଠା-୬

ଜିଲ୍ଲାରେ ଏବେ ବି ବନ୍ୟାଜଳ ସମ୍ପୂର୍ଣ୍ଣ ନିଷ୍କାସନ ହୋଇନାହିଁ। ➪ପୃଷ୍ଠା-୬

# ସ୍ମରଣୀୟ ହେବ ସ୍ୱଦେଶୀ ଆନ୍ଦୋଳନ

- ‘ଭୋକାଲ ଫର ଲୋକାଲ’ର ଅପିଲ କଲେ ମୋଦି
- ଇନଷ୍ଟାଗ୍ରାମରେ ଯୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀଙ୍କ ନୂଆ ନିବେଦନ
- ଅଧିକ ସ୍ୱଦେଶୀ ସାମଗ୍ରୀ କିଣିବାକୁ ଦେଶବାସୀଙ୍କୁ ଆହ୍ୱାନ
- ବନ୍ଧୁତା ଦିବସ ପରି ହସ୍ତତନ୍ତ ଦିବସକୁ ପାଳିବାକୁ ପରାମର୍ଶ
- ଦେଶର ଅର୍ଥନୀତି ସୁଦୃଢ଼ ସହ ସ୍ୱାବଲମ୍ବୀ ହେବେ କାରିଗର



**ନୂଆଦିଲ୍ଲୀ,୬।୮:** ଆସନ୍ତାକାଲି ଅର୍ଥାତ୍ ଅଗଷ୍ଟ ୭ ତାରିଖରେ ସାରା ଦେଶରେ ‘ଜାତୀୟ ହସ୍ତତନ୍ତ ଦିବସ’ ପାଳନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏକ ସ୍ୱତନ୍ତ୍ର ନିବେଦନ କରିଛନ୍ତି। ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ବାର୍ତ୍ତା ଶେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକମାନଙ୍କୁ ସ୍ଥାନୀୟ ବୁଣାକାରମାନଙ୍କୁ ସମର୍ଥନ କରିବାକୁ ଏବଂ ହସ୍ତତନ୍ତ ସାମଗ୍ରୀ କିଣିବାକୁ ଅପିଲ୍ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ଯେପରି ଲୋକମାନେ ‘ବନ୍ଧୁତା ଦିବସ’ ଖୁବ୍ ଉତ୍ସାହର ସହ ପାଳନ କରୁଛନ୍ତି, ଠିକ୍ ସେହିପରି ଦେଶର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିଥିବା ହସ୍ତତନ୍ତ ଦିବସକୁ ମଧ୍ୟ ବ୍ୟାପକ ଭାବେ ପାଳନ କରିବା ଉଚିତ୍। ଦେଶର କୋଣ ଅନୁକୋଣରେ ଥିବା ଆମର ବୁଣାକାର ଭାଇଭଉଣୀମାନଙ୍କ ପାଇଁ ଏହା ଏକ ବଡ଼ ସମ୍ମାନ ହେବ ବୋଲି ସେ କହିଛନ୍ତି।

ଏହା ସହିତ ସ୍ୱଦେଶୀ ସାମଗ୍ରୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସେ ‘ଭୋକାଲ ଫର ଲୋକାଲ’ ଉପରେ ଗୁରୁତ୍ୱାରୋପ କରିଛନ୍ତି। ହସ୍ତତନ୍ତ କପଡ଼ା କିଣିବା ଦ୍ୱାରା କେବଳ ଦେଶର ଅର୍ଥନୀତି ସୁଦୃଢ଼ ହୁଏ ନାହିଁ, ବରଂ ଗ୍ରାମାଞ୍ଚଳରେ ଥିବା ହସ୍ତଶିଳ୍ପୀ ଓ କାରିଗରମାନେ ମଧ୍ୟ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିବେ। ଏହି ଭିଡିଓକୁ ଅଧିକରୁ ଅଧିକ ଶେୟାର କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ମୋଦି ଦେଶର ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ତଥା ହସ୍ତତନ୍ତ ଶିଳ୍ପକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଗତ ୨୦୧୫ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଉଛି। ୧୯୦୫ ମସିହାରେ ଆଜିର ଦିନରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ ଏହି ତାରିଖକୁ ଚୟନ କରାଯାଇଥିଲା।

### ଆଜି ଓଡ଼ିଶା ଫୁଡ୍ ପ୍ରୋ—୨୦୨୬

## ଖାଦ୍ୟ ପ୍ରକ୍ରିୟାକରଣରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା

- ଗୁଣାତ୍ମକ ନିବେଶ, କୃଷକ ଓ ଉଦ୍ୟୋଗୀଙ୍କ ପାଇଁ ସୁଯୋଗ
- ପୂରା ଟିମ୍ ସହ ଦିଲ୍ଲୀରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ
- ଅଗ୍ରଣୀ ଶିଳ୍ପ ସଂସ୍ଥା ସହ ଯୋଡ଼ିହେବାର ସୁଯୋଗ



**ନୂଆଦିଲ୍ଲୀ,୬।୮:** ରାଜ୍ୟ ବାହାରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଖାଦ୍ୟ ପ୍ରକ୍ରିୟାକରଣ ନିବେଶ ସମ୍ମିଳନୀ ‘ଓଡ଼ିଶା ଫୁଡ୍ ପ୍ରୋ—୨୦୨୬’ରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ବିପୁଳ ସମ୍ଭାବନାକୁ ଦେଶର ପ୍ରମୁଖ ଶିଳ୍ପପତି ଓ ନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ।

ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରର ଶିଳ୍ପପତିମାନଙ୍କ ସହ ଏକାଧିକ ରଣନୀତିଗତ ବୈଠକ କରିବେ। ଏହା ମାଧ୍ୟମରେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ନୂତନ ନିବେଶ ଆକର୍ଷିତ କରିବା ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାର ଓ ଆସୋଚାମର ମିଳିତ ଉଦ୍ୟମରେ ଆୟୋଜିତ ➪ପୃଷ୍ଠା-୬

## ବଜ୍ରପାତ ହେବା ପୂର୍ବରୁ ବାଜିବ ସାଇରନ୍

- ଜୀବନ ବଞ୍ଚାଇବାକୁ ସରକାରଙ୍କ ବଡ଼ ପଦକ୍ଷେପ
- ପ୍ରାଥମିକ ପର୍ଯ୍ୟାୟରେ ୫ ଜିଲ୍ଲାରେ ପରୀକ୍ଷାମୂଳକ ବ୍ୟବସ୍ଥା



**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ବନ୍ୟା, ବାତ୍ୟା ଭଳି ମହାବିପତ୍ତିକୁ ସରକାର ଦୃଢ଼ତାର ସହ ମୁକାବିଲା କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶାର ଜିରୋ କାଜୁଆଲିଟି ମିଶନ ସାରା ବିଶ୍ୱ ପାଇଁ ମଡେଲ। କିନ୍ତୁ, ବଜ୍ରପାତ ମୃତ୍ୟୁ ଏବେ ବି ରାଜ୍ୟ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଗତ ୨ ତାରିଖରୁ ୪ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୦ ଜଣ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ଅନେକ ଆହତ ହୋଇଛନ୍ତି। ମୃତ ବ୍ୟକ୍ତିମାନଙ୍କ ଭିତରେ ୭ ଜଣ ଚାଷୀ ଅଛନ୍ତି।

ଏବେ ପ୍ରଶ୍ନ ଉଠୁଛି ଯେ ପାଣିପାଗ ବିଭାଗର ଆଗୁଆ ସତର୍କ ସୂଚନା ଓ ସରକାରୀ ସଚେତନା ସତ୍ତ୍ୱେ କେମିତି ଏତେ ଜୀବନ ଯାଉଛି? ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ) ରାଜ୍ୟ ପ୍ରୋଜେକ୍ଟ ମ୍ୟାନେଜର ମେଘନାଦ ବେହେରା କହିଛନ୍ତି ଯେ ବଜ୍ରପାତ ମୃତ୍ୟୁ ରୋକିବା ପାଇଁ କାନ୍ଥରେ ଚିତ୍ର ଆଙ୍କିବାଠାରୁ ନେଇ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଉଛି। ପାଲା, ଦାସକାଠିଆ, ନାଟକ ମାଧ୍ୟମରେ ସଚେତନ କରାଯାଉଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଉଥିବା ସତର୍କ ସୂଚନାକୁ ମୋବାଇଲ ମେସେଜରେ ପଠାଯାଉଛି। ଅଧ ଘଣ୍ଟା ପୂର୍ବରୁ ଏଭଳି ମୋବାଇଲ୍ ମେସେଜ ପହଞ୍ଚୁଛି। ହେଲେ ବିଲରେ କାମ କରୁଥିବା ଅନେକ ଚାଷୀ ସୂଚନା ପାଇପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଇଲେକ୍ଟ୍ରିକ ଫିଲ୍ଡ ମିଟର ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏଥିରେ ସାଇରନ ବାଜିବା ବ୍ୟବସ୍ଥା ରହିବ।

ପାଣିପାଗ ବିଭାଗରୁ ବିଜୁଳି, ଘଡ଼ଘଡ଼ି, ବର୍ଷା, ପବନ, କାଳବୈଶାଖୀ ନେଇ ସତର୍କ ସୂଚନା ଆସିବା ମାତ୍ରେ ଏହି ମେସିନରୁ ଆପେ ଆପେ ସାଇରନ ବାଜିବ। ଏହା ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ସତର୍କ କରାଇବ। ଦେଢ଼ କିମିରୁ ୫ କିମି ପର୍ଯ୍ୟନ୍ତ ଦୂରକୁ ଶୁଭିଲା ଭଳି ସାଇରନ କାର୍ଯ୍ୟ କରିବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏନଡିଏମ୍ଏ) ଓ ରାଜ୍ୟ ସରକାର ମିଳିତ ଭାବେ ଏ ଦିଗରେ କାମ କରୁଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏଥିପାଇଁ ବୈଷୟିକ ସହାୟତା ଯୋଗାଇ ଦେଉଛି। ସମସ୍ତ ପଞ୍ଚାୟତରେ ଏଭଳି ବ୍ୟବସ୍ଥା କରିବାକୁ ଯୋଜନା ଅଛି। ମାତ୍ର ଏହା ବ୍ୟୟବହୁଳ ହୋଇଥିବାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲ୍ଲାରେ ଏହି ବ୍ୟବସ୍ଥା ଆରମ୍ଭ ହେବ। ବଜ୍ରପାତ ପ୍ରବଣ ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, କେନ୍ଦୁଝର ଓ କଟକ ଜିଲ୍ଲାରେ ଏହି ସାଇରନ ବ୍ୟବସ୍ଥା ➪ପୃଷ୍ଠା-୬

## ମନୋବଳ ଆଗରେ ହାର୍ ମାନିଲା ଅକ୍ଷମତା

**ତିନିଚକିଆରେ ୧୫୦ କିମି ଆସିଲେ ବୃଦ୍ଧ**

**ଭଙ୍ଗାଗୋଡ଼ ଭଲ କରିବାକୁ ଦୁଃସାହସିକ ପଦକ୍ଷେପ**



**ବ୍ରହ୍ମପୁର,୬।୮(ସଂଚାର ବ୍ୟୁରୋ):** କଥାରେ ଅଛି, ଦୃଢ଼ ମନୋବଳ ଆଗରେ ସବୁକିଛି ହାର୍ ମାନେ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ସକାଶେ ମନୋବଳ ଦୃଢ଼ କଲେ, ସାମ୍ନାରେ ଥିବା ପ୍ରତିଟି ପ୍ରତିବନ୍ଧକ ଅଚିରେ ହଟିଯାଏ। ଏପରି କିଛି ଘଟିଛି ୭୩ ବର୍ଷୀୟ ବୃଦ୍ଧ ଶୁକଦେବ ନାହାକଙ୍କ କ୍ଷେତ୍ରରେ। ଗୋଟିଏ ଗୋଡ଼ ଭାଙ୍ଗିଯାଇଥିଲେ ମଧ ଏକ ତିନିଚକିଆ ସାଇକେଲ୍‌ରେ ସେ ଅତିକ୍ରମ କରିଛନ୍ତି ଦେଢ଼ଶ କିମିର ଲମ୍ବା ବାଟ। ଭାଙ୍ଗିଯାଇଥିବା ଗୋଡ଼କୁ ଭଲ କରିବା ସକାଶେ ସେ ଅନ୍ୟ ଉପାୟ ନ ପାଇ କାହାର ସାହାଯ୍ୟ ନେବା ପରିବର୍ତ୍ତେ ନିଜ ବଳରେ ଏମ୍‌କେସିଜିରେ ପହଞ୍ଚିଛନ୍ତି। ମନରେ ତାଙ୍କର ଦୃଢ଼ ଆଶା ଯେ ଡାକ୍ତରଖାନାରେ ତାଙ୍କ ଭଙ୍ଗାଗୋଡ଼ ଦିନେ ନା ଦିନେ ଭଲ ହେବ ଓ ସେ ପୂର୍ବପରି ଚାଲିବୁଲି ପାରିବେ।

ଶୁକଦେବଙ୍କ ପରିବାରରେ ତାଙ୍କ ବ୍ୟତୀତ କେବଳ ଜଣେ ପୁଅ, ଯିଏକି ମାନସିକ ଭାବେ ବିକୃତ। ତେଣୁ ତାଙ୍କୁ କିଏ ହସ୍ପିଟାଲ୍ ନେବ, ସେପରି କିଛି ଆଶା ନଥିଲା। କିନ୍ତୁ କାହାର ସାହାଯ୍ୟକୁ ଅପେକ୍ଷା ନ କରି ନୟାଗଡ଼ ଜିଲ୍ଲାର ଶରଣକୁଳ ଥାନାଞ୍ଚଳର ବଡ଼ସାହି ବାସିନ୍ଦା ଶୁକଦେବ ନିଜେ ତାଙ୍କ ତିନିଚକିଆ ସାଇକେଲ୍‌ରେ ୧୫୦ କିମି ଦୂରବର୍ତ୍ତୀ ଏମ୍‌କେସିଜିରେ ପହଞ୍ଚିବା ସକାଶେ ପଣ କଲେ। ଏଥିପାଇଁ ପାଖାପାଖି ୩ ଦିନ ସମୟ ଲାଗିଥିଲା। ବାଟରେ ସେ ଲୋକଙ୍କଠାରୁ ମାଗିକରି ଖାଦ୍ୟ ଖାଇଥିଲେ। କିନ୍ତୁ ସବୁ ପ୍ରକାର ବାଧାବିଘ୍ନକୁ ଅତିକ୍ରମ କରି ଶୁକଦେବ ଏମ୍‌କେସିଜିରେ ପହଞ୍ଚିବା ପରେ ତାଙ୍କର ଏପରି ପଦକ୍ଷେପକୁ ଅନେକ ଲୋକ ବିଶ୍ୱାସ କରିପାରୁନାହାନ୍ତି। ଶୁକଦେବଙ୍କ ବାମଗୋଡ଼ଟି ଭାଙ୍ଗିଯାଇଥିବା ବେଳେ ଡାକ୍ତର ଏହାକୁ ପରୀକ୍ଷା କରି ଭଲ ହୋଇଯିବ ବୋଲି ପୂର୍ବରୁ ଭରସା ଦେଇଥିଲେ। ଏହି ଭରସାକୁ ପାଥେୟ କରି ସେ ଦୀର୍ଘ ପଥ ଅତିକ୍ରମ କରି ହସ୍ପିଟାଲ୍‌ରେ ପହଞ୍ଚିଛନ୍ତି। ୨୦୧୧ରୁ ଶୁକଦେବ ପତ୍ନୀଙ୍କୁ ହରାଇ ଏକୁଟିଆ ହୋଇଯାଇଛନ୍ତି। କିନ୍ତୁ ତାଙ୍କର ଏବେ ବି ଭରସା ଅଛି ଯେ ତାଙ୍କ ଭଙ୍ଗା ଗୋଡ଼ ଭଲ ହୋଇଯିବ ଓ ସେ ଦୁଇ ଗୋଡ଼ରେ ଚାଲିବେ।

ଶୁକଦେବଙ୍କ ଏପରି ଉଦ୍ୟମରେ ନିଜେ ଏମ୍‌କେସିଜି ସୁପରିଣ୍ଟେଣ୍ଡେଣ୍ଟ୍ ➪ପୃଷ୍ଠା-୬

## କୁମ୍ଭୀର ପାଟିରେ ଗଲା ଆଉ ଏକ ଜୀବନ

- ମାଛ ଧରୁଥିବା ବେଳେ ବୃଦ୍ଧଙ୍କୁ ଟାଣିନେଲା



**ମହାକାଳପଡ଼ା,୭।୮(ସଂଚାର ବ୍ୟୁରୋ):** ପୁଣି କୁମ୍ଭୀର ପାଟିରେ ଯାଇଛି ଏକ ଜୀବନ। ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣୈକା ମହିଳାଙ୍କୁ କୁମ୍ଭୀର ଟାଣିନେଇଥିବା ବେଳେ ଆଜି ପୁଣିଥରେ ଜିଲ୍ଲାରେ ଜଣେ ବୃଦ୍ଧଙ୍କୁ କୁମ୍ଭୀର ପାଟିରେ ଜୀବନ ଦେବାକୁ ପଡ଼ିଛି। ମିଳିଥିବା ସୂଚନାନୁସାରେ, ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ ଜଣେ ୭୫ ବର୍ଷୀୟ ବୃଦ୍ଧ ମାଛ ଧରୁଥିବା ସମୟରେ ତାଙ୍କୁ କୁମ୍ଭୀର ଟାଣିନେଇଥିବା ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିବା ବେଳେ ବୃଦ୍ଧଙ୍କ ସନ୍ଧାନ ପାଇଁ ଉଦ୍ୟମ ଜାରି ରହିଛି। ବୃଦ୍ଧ ଜଣଙ୍କ ବରକନ୍ଧା ଗ୍ରାମର ଚକ୍ରଧର ବେହେରା (୭୫) ହୋଇଥିବା ବେଳେ ସେ ପୂର୍ବରୁ ଗୋଜାବନ୍ଧ ଗାନ୍ଧିଜୀ ବିଦ୍ୟାପୀଠରେ ରାତ୍ରି ଜଗୁଆଳୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଚକ୍ରଧର ଗୁପ୍ତଗିରି ପୋଲ ତଳେ ଏକ ଭଉଁରୀ ଜାଲରେ ମାଛ ଧରୁଥିବା ➪ପୃଷ୍ଠା-୬

## ମୋଦିଙ୍କ ସହ ପଶ୍ଚିମ ଏସିଆ ସଂକଟ ନେଇ ନେତାନ୍ୟାହୁଙ୍କ ଆଲୋଚନା

**ନୂଆଦିଲ୍ଲୀ, ୬।୮:** ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ ଫୋନ୍ କରିଛନ୍ତି। ଉଭୟ ନେତା ଟେଲି-ଆଳାପ ଅବସରରେ ଭାରତ-ଇସ୍ରାଏଲ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀ ଏବଂ ପଶ୍ଚିମ ଏସିଆ ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ତାଙ୍କୁ କଲ୍ କରିଥିଲେ। ଆମେ ଦୁଇଦେଶର ରଣନୈତିକ ଭାଗିଦାରୀ ନେଇ ରହିଥିବା ବିଭିନ୍ନ ଦିଗଗୁଡ଼ିକ ଉପରେ ବିଚାର ବିମର୍ଶ କରିଛୁ। ସେହିଭଳି ଆମ ଭିତରେ ପଶ୍ଚିମ ଏସିଆ ସଂକଟକୁ ନେଇ ମଧ ଆଲୋଚନା ହୋଇଛି ବୋଲି ମୋଦି ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି।

**ଭୁଶୁଡ଼ିଲା ଶହେ ବର୍ଷ ପୁରୁଣା କୋଠା**

## ପରିବାରର ୬ ମୃତ

**ଲକ୍ଷ୍ନୌ,୬।୮:** ଉତ୍ତରପ୍ରଦେଶର ପ୍ରତାପଗଡ଼ରେ ଏକ ବଡ଼ ଦୁର୍ଘଟଣା ଘଟିଛି। ନଗର କୋତବାଲି ଅନ୍ତର୍ଗତ ମହୁଲି ନିକଟରେ ଏକ ଶହେ ବର୍ଷ ପୁରୁଣା ଜର୍ଜର ଘର ହଠାତ୍ ଭୁଶୁଡ଼ି ପଡ଼ିବାରୁ ଗୋଟିଏ ପରିବାରର ୬ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଏହି ଅଭାବନୀୟ ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ପ୍ରତାପଗଡ଼ର ମହୁଲି ନହର ପାଖରେ ପ୍ରମୋଦ ଶ୍ରୀବାସ୍ତବ ନିଜର ପୂରା ପରିବାର ସହିତ ରହୁଥିଲେ। ସେଠାରେ ଗତ ଦୁଇଦିନ ହେବ କ୍ରମାଗତ ଭାବେ ବର୍ଷା ଜାରି ରହିଛି। ଗତ ବୁଧବାର ରାତିରେ ମଧ୍ୟ ପରିବାର ସମସ୍ତ ସଦସ୍ୟ ଗୋଟିଏ କୋଠରୀରେ ଶୋଇଥିଲେ, ଯେଉଁଥିରେ ଏସି ଲାଗିଥିବାରୁ ସେମାନେ ଏକାଠି ସେହି କୋଠରିରେ ରହିଥିଲେ। ହେଲେ ମଧ୍ୟରାତ୍ରିରେ ହଠାତ୍ ଏହି ପୁରୁଣା ଘରଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ପରିବାରର ୭ ସଦସ୍ୟ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିଲେ।



### କାନ ଡେରିଥା

ସ୍ୱାଧୀନତା ଦିନ ପାଖେଇ ଆସିଲା
ଜିନ୍ଦାବାଦ କହି ପାଳିବେ
ମହାପୁରୁଷଙ୍କ କଥା ତୁଣ୍ଡେ ନେଇ
ମାନିବାକୁ ସବୁ କହିବେ
ନିଜେ କି ସେମାନେ ମାନିବେ....
ଭେଦଭାବ ଆଉ ଭ୍ରଷ୍ଟଯୁକ୍ତ
କାର୍ଯ୍ୟ
ସେଇମାନେ ଆଗେ କରିବେ।

■ ଦେବାଶିଷ

# ସ୍ମାର୍ଟ ମିଟର ଲଗାଇ ଟାଟା ପାୱାର୍ କୁବେର

- ଗ୍ରାହକଙ୍କ ମୁଣ୍ଡରେ ଲଦିଛି ବୋଝ
- ଶକ୍ତି ବିଭାଗ ଆଖିରେ ଅନ୍ଧପୁଟୁଳି



**ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):** ଓଡିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାରେ ଘରେ ଘରେ ସ୍ମାର୍ଟ ମିଟର ଲଗାଇ କୁବେର ପାଲଟିଛି। ଗୋଟିଏ ମିଟରରେ ପ୍ରାୟ ୧୦୦୦ ଟଙ୍କା ମୁନାଫା ଉଠାଇଥିବା ନେଇ ଆଲୋଚନା ହେଉଛି। ରାଜ୍ୟର ଲକ୍ଷାଧିକ ଗ୍ରାହକଙ୍କ ମୁଣ୍ଡରେ ମିଟର ବୋଝ ଲଦି ଟାଟା ପାୱାର ମାଲେମାଲ ହୋଇଥିବା ବେଳେ ଶକ୍ତି ବିଭାଗ ଆଖିରେ ଏକପ୍ରକାର ଅନ୍ଧପୁଟୁଳି ବାନ୍ଧି ବସିଛି।

ହିତାଧିକାରୀଙ୍କ ଘରେ କିଭଳି ସ୍ମାର୍ଟ ମିଟର ଲାଗିବ ସେଥିପାଇଁ ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବ ଆସିଥିଲା ଚଳିତ ବର୍ଷ ଜାନୁଆରୀ ୬ ତାରିଖରେ। ଏହାପରେ ରାଜ୍ୟ ସରକାର ଟାଟା ପାୱାରକୁ ୭୧୫ କୋଟି ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ପାଇବା ପରେ ଟାଟା ପାୱାର ପକ୍ଷରୁ ଘରକୁ ଘର ବୁଲି ବିଦ୍ୟୁତ୍ ମିଟର ଲଗାଗଲା। ଯେଉଁ ମିଟରର ଦର ୨୭୦୦ ଟଙ୍କା ସେହି ମିଟର ବାବଦରେ ହିତାଧିକାରୀଙ୍କଠାରୁ ୩୭୫୦ ଟଙ୍କା ଅସୁଲ କରାଗଲା। ଯେଉଁମାନଙ୍କ ଘରେ ଭଲ ମିଟର ଥିଲା ଓ ଚାଲୁଥିଲା, ତାହାକୁ ବି ବଦଳାଇ ଦିଆଗଲା। ଏହାକୁ ନେଇ ସାରା ରାଜ୍ୟରେ ପ୍ରତିବାଦ ଦେଖାଦେଇଥିଲେ ମଧ୍ୟ ଟାଟା ପାୱାର ପଛରେ ଶକ୍ତି ବିଭାଗ ଛିଡ଼ା ହେବାରୁ କମ୍ପାନୀ କାହାକୁ ବି ଖାତିର କରି ନ ଥିଲା।

ତେବେ ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶରେ ମଧ୍ୟ ହିତାଧିକାରୀଙ୍କ ଘରେ ଅନୁରୂପ ସ୍ମାର୍ଟ ମିଟର ଲାଗିଛି। ସେଠାରେ ସ୍ମାର୍ଟ ମିଟର ଦର ୨୭୦୦ ଟଙ୍କା ଥିବା ବେଳେ ଏହାକୁ ଲଗାଉଥିବା କମ୍ପାନୀ ମହାରାଷ୍ଟ୍ରରେ ୨୦୦ ଟଙ୍କା ଓ ୟୁପିରେ ୧୪୦ ଟଙ୍କା କରି ନେଉଛନ୍ତି। ହେଲେ ଓଡ଼ିଶାରେ ଟାଟା ପାୱାର ୧୦୦୦ ଟଙ୍କା ଆଦାୟ କରିଛି। ତେବେ ସବୁଠାରୁ ବଡ଼ କଥା ହେଲା, ହିତାଧିକାରୀମାନଙ୍କୁ ଖୋଲା ବଜାରରୁ ମିଟର କିଣିବାକୁ କିମ୍ବା ଟାଟା ପାୱାର ବସାଉଥିବା ମିଟର ବାବଦରେ ଏକକାଳୀନ ଅର୍ଥ ଦାଖଲ କରିବାର ସୁଯୋଗ ଦିଆଗଲା ନାହିଁ। ଫଳରେ ଅଧିକାଂଶ ଗ୍ରାହକ ଟାଟା ପାୱାରର ଏହି ଲୁଟ୍ ସଂକ୍ରାନ୍ତରେ ଜାଣିପାରିଲେ ନାହିଁ। ଯେଉଁମାନେ ପ୍ରତିବାଦ କଲେ ସେମାନଙ୍କ ସ୍ୱରକୁ ଶକ୍ତି ବିଭାଗ ନାଲିଆଖି ଦେଖାଇ ଚାପିଦେଲା।

ଯେଉଁ ହିତାଧିକାରୀଙ୍କ ଘରେ ପୂର୍ବରୁ ଡିଜିଟାଲ ମିଟର ଲାଗିଥିଲା ଓ ଏ ବାବଦ ଅର୍ଥ ସେମାନେ କିସ୍ତି ଆକାରରେ ପ୍ରଦାନ କରିଥିଲେ, ସେମାନଙ୍କ ଉପରେ ପୁଣିଥରେ ମିଟର ବାବଦ ମାସିକିଆ କିସ୍ତି ଲଦି ଦିଆଗଲା। ଲକ୍ଷାଧିକ ଗ୍ରାହକ କେବଳ ଜୀବନସାରା କିସ୍ତି ଦେଇ ଚାଲୁଛନ୍ତି। ଶକ୍ତି ବିଭାଗ ପକ୍ଷରୁ ବିଧାନସଭାରେ ଦର୍ଶାଯାଇଥିଲା ଯେ ବିଦ୍ୟୁତ୍ ଗ୍ରାହକମାନେ ଚାହିଁଲେ ଖୋଲା ବଜାରରୁ ମିଟର କିଣିପାରିବେ। ହେଲେ କାହା ନିର୍ଦ୍ଦେଶରେ ଟାଟା ପାୱାର ଏହି ନିୟମକୁ ଦଳି ମକଚି ଦେବାକୁ ସାହସ କଲା, ତାହା ଏବେ ପ୍ରଶ୍ନବାଚୀ ହୋଇଛି।

ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଚଳିତ ବର୍ଷ ଜାନୁଆରୀ ୬ ତାରିଖରେ କ୍ୟାବିନେଟରେ ସ୍ମାର୍ଟ ମିଟର ପ୍ରସ୍ତାବ ପାରିତ ହେବା ସହିତ ୧୨ ଲକ୍ଷ ମିଟର ଲଗାଯିବ ବୋଲି କୁହାଯାଇଥିଲା। ତିନି ମାସ ପରେ ଅର୍ଥାତ୍ ମାର୍ଚ୍ଚ ଶେଷ ସୁଦ୍ଧା ଏହିସବୁ ମିଟର ଲାଗିଗଲା ବୋଲି ଟାଟା ପାୱାର କହିଲା। ଏବେ ➪ପୃଷ୍ଠା-୬

# ଚୋରାମଦ ଜବତ, ୯ଗିରଫ




କେନ୍ଦ୍ରାପଡ଼ା, ୬।୮(ସଂଚାର ବ୍ୟୁରୋ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ଜମ୍ବୁ ସାମୁଦ୍ରିକ, କେନ୍ଦ୍ରାପଡ଼ା ସଦର ଓ କେନ୍ଦ୍ରାପଡ଼ା ଟାଉନ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ତେରଗାଓଁ ଗ୍ରାମର ରାମଚନ୍ଦ୍ର ସେଠୀ (୪୪)ଙ୍କ ନିକଟରୁ ୨୫ ଲିଟର ଚୋରା ଦେଶୀ ମଦ, ପ୍ରଭାକରପୁର ଗ୍ରାମର ରଜତ ରାଉତ(୪୫)ଙ୍କ ନିକଟରୁ ୨୦ ଲିଟର ଚୋରା ଦେଶୀ ରନ୍ଧା ମଦ, ରାଜଶ୍ରୀ ରାଉତ(୩୯)ଙ୍କ ନିକଟରୁ ୯୦୦ କିଗ୍ରାର ଚୋରା ଗୁଡପୋଚ, ପାଟଳିପଙ୍କ ଗ୍ରାମର କୈଳାଶ ବେହେରା(୪୧)ଙ୍କ ନିକଟରୁ ୧୯ ଲିଟର ବିଦେଶୀ ମଦ, ବରେଇ ଗ୍ରାମର କୈଳାଶ ଚନ୍ଦ୍ର ମୁଣ୍ଡଦୁ(୬୦)ଙ୍କ ନିକଟରୁ ୨୮ ଲିଟର ଚୋରା ଦେଶୀ ମଦ, ଠାକୁରପାଟଣା ଗ୍ରାମର ଅମର ସେଠୀ (୪୫)ଙ୍କ ଠାରୁ ୩୧ ଲିଟର ଚୋରା ବିଦେଶୀ ମଦ, ବାରୁଆ ଗ୍ରାମର ବିଭୁତି ସାମଲ(୨୬)ଙ୍କ ଠାରୁ ୨୨ ଲିଟର ଚୋରା ଦେଶୀ ମଦ, ଜମଧର ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ଦାସ(୩୬)ଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ମଦ ଏବଂ ଅର୍ଜୁନ ଚନ୍ଦ୍ର ବାରିକ(୩୨)ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ସମୁଦାୟ ୧୯୬.୯୦୦ ଲିଟର ଦେଶୀ, ଦେଶୀ ରନ୍ଧା, ଗୁଡପୋଚ ଓ ବିଦେଶୀ ଚୋରା ମଦ ଜବତ କରାଯିବା ସହ ୯ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରଞ୍ଜନ କୁମାର ପାତ୍ର, ଦୀପକ କୁମାର ଜେନାଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# କୋର୍ଟ ପରିସରରେ ଅଭାବନୀୟ ପରିସ୍ଥିତି



**କେନ୍ଦ୍ରାପଡା, ୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଗୁରୁବାର ଦିନ ପ୍ରାୟ ୧ଟା ସମୟରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଟପାଳ ଗ୍ରାମର ସ୍ୱାମୀ ସ୍ତ୍ରୀଙ୍କର ଗଣ୍ଡଗୋଳ ହେବାରୁ ସ୍ଥାନୀୟ ଶହ ଶହ ଲୋକ ଛିଡା ହୋଇ ଦେଖୁଥିଲେ। ପେଣ୍ଟପାଳ ଅଞ୍ଚଳର ଏହି ଦମ୍ପତିଙ୍କର ଏକ ମାମଲା ପରିବାର ଅଦାଲତରେ ଚାଲୁଛି। ଦୀର୍ଘମାସର ବ୍ୟବଧାନ ପରେ ସ୍ୱାମୀ କୋର୍ଟକୁ ଆସିବା ପରେ ସ୍ତ୍ରୀ ତାଙ୍କୁ ଧରି ଟଣା ଓଟରା କରି ସାଙ୍ଗରେ ନେବାପାଇଁ ଜୋର୍ କରୁଥିବାବେଳେ ଏହି ଅଭାବନୀୟ ପରିସ୍ଥିତି ଦ୍ୱାରା କୋର୍ଟ ପରିସର ଗହଳୀପୂର୍ଣ୍ଣ ହୋଇଥିଲା। ସ୍ୱାମୀଙ୍କ ପକ୍ଷରୁ ବିବାହ ବିଚ୍ଛେଦ ମାମଲା ରୁଜୁ କରାଯାଇଥିଲା। ଉଭୟଙ୍କର ଦୁଇଟି ପୁତ୍ର ସନ୍ତାନ ଥିବାବେଳେ ସ୍ୱାମୀ ଏହି ବିଚ୍ଛେଦ ମାମଲା କରିଥିବାରୁ ସ୍ତ୍ରୀ ଏହାର ତୀବ୍ର ବିରୋଧ କରି ତାଙ୍କୁ ସାଙ୍ଗରେ ନେବାପାଇଁ ଉଦ୍ୟମ କରିବାରୁ ଏଥିରେ ସ୍ୱାମୀ ଅମଙ୍ଗ ହେବାରୁ ଏକ ଅଭାବନୀୟ ପରିସ୍ଥିତ ହୋଇଥିଲା। ଜିଲ୍ଲା କୋର୍ଟର ବରିଷ୍ଠ ଅଧିକାରୀ ତଥା ମାନ୍ୟବର ରେଜିଷ୍ଟାର ଘଟଣାସ୍ଥଳରେ ପହଁଚି ମାମଲାକୁ ଶାନ୍ତ କରିଥିବା ଜଣାପଡ଼ିଛି।

# ବାରମ୍ବାର ଅଚଳ ହେଉଛି ପାନୀୟଜଳ ପ୍ରକଳ୍ପ

## ସ୍ଥାୟୀ ପ୍ରତିକାର ଦାବି




ମାର୍ଶାଘାଇ, ୬।୮(ସଂଚାର ବ୍ୟୁରୋ): ମାର୍ଶାଘାଇ ମୁଖ୍ୟ ବଜାର ସମେତ ତୁଳସୀପୁର, ଗାଁ ମାର୍ଶାଘାଇ, ଜେନାସାହି, ଶିବମନ୍ଦିର ନିକଟ ସାହି, କୁମ୍ଭାରସାହି, ବନ୍ଧସାହି, ହାଟସାହି ସମେତ ମୁଖ୍ୟ ବଜାର ବ୍ୟବସାୟୀ, ସରକାରୀ ଅଫିସ, ଭଡାରେ ରହୁଥିବା ଲୋକମାନଙ୍କ ପାଇଁ ପାନୀୟ ଜଳ ଯୋଗାଉଥିବା ମାର୍ଶାଘାଇର ନଂ ୨ ପାନୀୟଜଳ ପ୍ରକଳ୍ପ ବାରମ୍ବାର ଅଚଳ ହୋଇପଡୁଛି। ଅଧିକାଂଶ ସମୟ ମଟର ପୋଡି ଯାଉଥିବାରୁ ଅଚଳ ହୋଇ ପଡୁଥିବା ଜଣାପଡ଼ିଛି। ଏହି ପ୍ରକଳ୍ପରୁ ପ୍ରାୟ ୧୫ ହଜାର ଲୋକ ପିଇବା ପାଣି ସଂଗ୍ରହ କରୁଥିବା ବେଳେ ୨୦ଟି ରୁ ଊର୍ଦ୍ଧ୍ୱ ଟ୍ୟାଙ୍କର ମହାକାଳପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳକୁ ଏଠାରୁ ପିଇବା ପାଣି ନେଇ ଯୋଗାଉଛନ୍ତି। ସ୍ଥାନୀୟ ଲୋକମାନେ ପ୍ରତିବାଦ କରିଲେ ବି ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବନ୍ଦ ହେଉନାହିଁ। ମହାକାଳପଡ଼ା ଅଞ୍ଚଳରେ ପିଇବା ପାଣିର ସଙ୍କଟ ଥିବାରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ତେବେ ଗୋଟିଏ ପମ୍ପ ହାଉସ ଉପରେ ଅଧିକ ହିତାଧିକାରୀଙ୍କୁ ପାଣି ଯୋଗାଇ ଦିଆଯାଉଥିବାରୁ ପାଣିପ୍ରକଳ୍ପର ମଟର ଉପରେ ଚାପ ସୃଷ୍ଟି ହୋଇ ମଟର ପୋଡ଼ିଯାଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଟ୍ୟାଙ୍କର ଯୋଗେ ପ୍ରକଳ୍ପ ଅଞ୍ଚଳ ବାହାରକୁ ଯୋଗାଇ ଦିଆଯାଉଥିବା ପାଣି କୁ ବନ୍ଦ କରିବା ସହିତ ତୁରନ୍ତ ମଟର ମରାମତି କରିବାକୁ ସ୍ଥାନୀୟ ଲୋକମାନେ ଦାବୀ କରିଛନ୍ତି ।

# ନିଶାମୁକ୍ତି ପାଇଁ ୧୦କୋଟି ପ୍ରତିଜ୍ଞା ଅଭିଯାନ




**ମାର୍ଶାଘାଇ,୬।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅଧିନ ଓସ୍ତର ହାଟ ସ୍ଥିତ ଗଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସାରା ଭାରତବର୍ଷରେ ଅଗଷ୍ଟ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପକ୍ଷ ବ୍ୟାପି"୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ" କାର୍ଯ୍ୟକ୍ରମ କରାଯାଉଅଛି କ୍ଷ ଏହି ଅବସରରେ ଯଦୁପୁର -ଓସ୍ତର ଶାଖା ମିଳିତ ଆନୁକୂଲ୍ୟରେ ବ୍ରହ୍ମକୁମାରୀ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୋଭନୀୟ ଆନ୍ଦୋଳନର ଆଜୀବନ ସଭ୍ୟ ଇନ୍ଦ୍ରମଣି ନାୟକ ନିଶା ସେବନର କୁପରିଣାମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପାଣି ପ୍ରଦୀପ ପାଣି, ଇଞ୍ଜିନିୟର୍ ଅଶୋକ କୁମାର ସାହୁ , ଗୁରୁମା ମମତା ମଲ୍ଲ,ଆଧ୍ୟାତ୍ମିକପ୍ରେମୀ ବିଶ୍ୱନାଥ ଦାସ,ଛାତ୍ରୀ ଦେବସ୍ମିତା ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଶୀଳା ପାଣି, ବାସନ୍ତୀ ବେହେରା, ଅନୀତା ବିଶ୍ୱାଳ,ଯମୁନା ରାଉତ,ଶିକ୍ଷୟିତ୍ରୀ ସୁଧାଂଶିନୀ ପଟ୍ଟନାୟକ, ନିଖିଳ ରଞ୍ଜନ ପାଣି, ପ୍ରସନ୍ନ କୁମାର ପାଣି, ସନ୍ତୋଷ କୁମାର ମାହାଳୀ, ପ୍ରହ୍ଲାଦ ପାଣି, ଲୋକନାଥ ମାହାଳୀ, ବୈଷ୍ଣବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାପତି ନିଶାମୁକ୍ତି ପ୍ରତିଜ୍ଞା ସମସ୍ତଙ୍କୁ ପାଠକରାଇଥିଲେ। ଶୁକଦେବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିରିଡ଼ି ସାଇ ବାବାଙ୍କ ବାର୍ଷିକ ଉତ୍ସବ



ଆଳି, ୬।୮(ସଂଚାର ବ୍ୟୁରୋ): ଶ୍ରୀଶ୍ରୀ ଶିରିଡ଼ି ସାଇ ବାବାଙ୍କ ୪ର୍ଥ ବାର୍ଷିକ ମୋହତ୍ସବ ଆଡମ୍ବର ସହ ପାଳିତ ହେଉଛି। ଧର୍ମୀୟ ଭାବନା ର ଜାଗ୍ରତ ପ୍ରହରୀ ରୂପେ ମାନବ ସମାଜ ଅଗ୍ରସର ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମଧୁବନ ଗ୍ରାମ ବାସିନ୍ଦାଙ୍କ ଓ ସାଇ ଟ୍ରଷ୍ଟ ପ୍ରଚେଷ୍ଟାରେ ସାଇ ବାବାଙ୍କ ୪ର୍ଥ ବାର୍ଷିକ ଉତ୍ସବ ଧୁମ ଧାମ ରେ ପାଳିତ ହୋଇଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଗ୍ରାମବାସୀ ମାନେ ଧୁମ ଧାମରେ ପାଳନ କରୁଛନ୍ତି।ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ କଳସ ଶୋଭାଯାତ୍ରା, କଳସ ସ୍ଥାପନ ସପ୍ତଧନ୍ୟାଦି, ସୂର୍ଯ୍ୟ, ଧରିତ୍ରୀ, ଗୋପୂଜା, ମଣ୍ଡଳପସ୍ତ, ଅଗ୍ନି ସ୍ଥାପନ, ସାଇ ନାଥଙ୍କ ବଡ଼ ସିଙ୍ଗର ବେଶ, ପୂର୍ଣ୍ଣାହୂତି ପ୍ରସଦସେବନ କାର୍ଯ୍ୟ ସୂଚୀ ରହିଥିଲା। ପ୍ରଥମେ ଖରସ୍ରୋତା ନଦୀରୁ ପାଣି ଉଠାଇଥିବା ସହ ସୁବୈଦ୍ୟ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ରେ ପୂଜାର୍ଚ୍ଚନା ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ମନ୍ଦିର ପ୍ରାଙ୍ଗଣ ରେ ଭକ୍ତି ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।

# ଡ. ଅଚ୍ୟୁତ ସାମନ୍ତ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇଙ୍କୁ ଅସୀ ଓ ମସୀ ପ୍ରଦାନ




**କେନ୍ଦ୍ରାପଡ଼ା, ୬।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ସଂଘର ମୁଖପତ୍ର 'ଅସି ଓ ମସି' କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଡ଼ା ଅଚ୍ୟୁତ ସାମନ୍ତଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ଅତିଥି ଭବନରେ ଏବଂ ଓଡ଼ିଶାର ବର୍ଷିଆନ ବରିଷ୍ଠ ପ୍ରାକ୍ତନ ଅର୍ଥ, ଶିକ୍ଷା ଓ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଏବଂ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କୁ ସଂଘ ପକ୍ଷରୁ ତାଙ୍କ ବାସଭବନରେ ସୌଜନ୍ୟ ମୂଳକ ଭାବେ ପ୍ରଦାନ କରାଯାଇଛି। ଏହି ଅବସରରେ ସଂଘର ସଭାପତି ଶରତ କୁମାର ବେହୁରାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳରେ କାର୍ଯ୍ୟକାରୀ କମିଟି ସଦସ୍ୟ କାର୍ତ୍ତିକ କୁମାର ରାଉତ ଓ ଶରତ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁଶୀଲ କୁମାର ସାମଲ, ନଗର ସଭାପତି ସଂଗ୍ରାମ କେଶରୀ ଜେନା ପ୍ରମୁଖ ସାମିଲ ଥିଲେ। ପ୍ରତିନିଧି ଦଳ ସଂଘର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଐତିହ୍ୟ ସଂରକ୍ଷଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ମୁଖପତ୍ର 'ଅସି ଓ ମସି'ର ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀ ସାମନ୍ତ ଓ ଶ୍ରୀ ଘଡ଼େଇ ସଂଘର ଏହି ସାହିତ୍ୟିକ ତଥା ସାମାଜିକ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ସମାଜର ଇତିହାସ, ପରମ୍ପରା ଓ ଗୌରବମୟ ଐତିହ୍ୟକୁ ନୂତନ ପିଢ଼ି ନିକଟରେ ପହାଇବାରେ ଏଭଳି ପ୍ରକାଶନ ଯଥେଷ୍ଟ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ସେମାନେ ମୁଖପତ୍ରର ଉତ୍ତରତ୍ତ୍ୱର ସଫଳତା କାମନା କରିବା ସହ ସଂଘର ସାମାଜିକ କାର୍ଯ୍ୟଧାରା ଅବ୍ୟାହତ ରହୁ ବୋଲି ଶୁଭେଚ୍ଛା ଜଣାଇଥିଲେ।

# ରାଜସ୍ୱ ସମୀକ୍ଷା ବୈଠକ, ଚୋରା ବାଲି ଓ ଚୋରା ମଦ ବନ୍ଦ ପାଇଁ ନିର୍ଦ୍ଦେଶ



**କେନ୍ଦ୍ରାପଡା,୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ରାଜସ୍ୱ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ପୋଲିସ୍ ଅଧିକାରୀ, ଜିଲ୍ଲା ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ବେଆଇନ୍ ଭାବେ ଚାଲାଣ ହୋଇଥିବା ମାଟି, ବାଲି, ଗୋଡି ଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଚାଲାଣରେ ସଂପୃକ୍ତ ଥିବା ଗାଡି ଗୁଡିକ ଉପରେ ଜରିମାନା ଆଦାୟ କରିବା, ରାଜକନିକା, ରାଜନଗର ଅଞ୍ଚଳରେ ବେଆଇନ୍ ଚୁଙ୍ଗୁଡିଘେରୀକୁ ଭାଙ୍ଗିବା, ଜାତୀୟ ରାଜପଥ ଉପରେ ଗାଡି ପାର୍କିଂ କରୁଥିବା ଓ ଗାଡି ଗୁଡିକୁ ରାସ୍ତା ଉପରେ ଧୋଉଥିବା ଗାଡି ମାଲିକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବା, ଆମ ଗାଁରେ ତହସିଲ୍ କାର୍ଯ୍ୟକ୍ରମରେ ପ୍ରତ୍ୟେକ ତହସିଲ୍ ଅଞ୍ଚଳରେ ତହସିଲ୍ ରଥ ବୁଲାଇ ଜନସାଧାରଣଙ୍କୁ ତହସିଲ୍ ଓ ରାଜସ୍ୱ ସମ୍ପର୍କିତ ସମସ୍ତ ବିଷୟରେ ସଚେତନ କରିବା ଏବଂ ରଥ ବୁଲୁଥିବା ସମୟରେ ଜନସାଧାରଣ ଆବେଦନ କରି ବିଭିନ୍ନ ପ୍ରମାଣପତ୍ର ତତ୍‌କ୍ଷଣ ପ୍ରଦାନ କରିବା, ରାଜସ୍ୱ ଦେୟ ଇତ୍ୟାଦି ଦେବା ସହିତ ଅନ୍ୟାନ୍ୟ ସୁବିଧା ନେଇପାରିବେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ତହସିଲଦାର ଓ ଥାନା ଅଧିକାରୀ ଉଭୟ ସମନ୍ୱୟ ରକ୍ଷା କରି ରୋଡ୍ ରୋମିଓଙ୍କୁ ସାବାଡ୍ କରିବା ସହିତ ରାତ୍ରକାଳରେ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଉପରେ ଆଲୋକପାତ କରାଯାଇଥିଲା। ଉପଜିଲ୍ଲାପାଳ ଶ୍ରୀ ନାୟକ ମଦ ପିଇ ରାସ୍ତାଘାଟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରି ନିରୀହ ଲୋକଙ୍କୁ ହଇରାଣ ହରକତ କରୁଥିବା ମଦ୍ୟପଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନା ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

# ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

**କେନ୍ଦ୍ରାପଡା, ୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନ ଓ ଲୋକଙ୍କୁ ସୁଗମ ରାଜସ୍ୱ ସେବା ପ୍ରଦାନ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାରେ ପ୍ରତିମାସ ତହସିଲ୍ ସ୍ତରରେ ବରିଷ୍ଠ ଅଧିକାରୀ ମାନଙ୍କ ଦ୍ୱାରା ରାଜସ୍ୱ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଜାରି ରହିଛି। ଏ ପରିପେକ୍ଷୀରେ ଅଗଷ୍ଟ ମାସ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଏକ କାର୍ଯ୍ୟସୂଚୀ ଚୂଡାନ୍ତ କରାଯାଇଛି। ଆସନ୍ତା ଅଗଷ୍ଟ ୧୧ ତାରିଖ ପଟ୍ଟାମୁଣ୍ଡାଇରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍, ୧୪ ଅଗଷ୍ଟରେ ମହାକାଳପଡାଠାରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ୧୮ ଅଗଷ୍ଟରେ ରାଜନଗରଠାରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଏବଂ ୨୦ ଅଗଷ୍ଟରେ ରାଜକନିକାଠାରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ତହସିଲ୍ ଗୁଡିକରେ ରାଜସ୍ୱ ଅଭିଯୋଗ ଶୁଣାଣି କରିବେ। ସମସ୍ତ ଶୁଣାଣୀ ସକାଳ ୧୦ଟା ୩୦ ମିନିଟ୍‌ଠାରୁ ଆରମ୍ଭ ହେବ। ଜନସାଧାରଣ ଯେ କୌଣସି ରାଜସ୍ୱ ସମ୍ପର୍କିତ ଅଭିଯୋଗ କିମ୍ବା ସମସ୍ୟା ଥିଲେ ନିର୍ଦ୍ଧାରିତ ତାରିଖରେ ସମ୍ପୃକ୍ତ ତହସିଲ୍ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# କଳିଙ୍ଗ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ମେଗା ସ୍ୱାସ୍ଥ୍ୟ ସେବା

**କେନ୍ଦ୍ରାପଡ଼ା,୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଜମଧର ନିକଟରେ ଥିବା କଳିଙ୍ଗ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ମେଗା ସ୍ୱାସ୍ଥ୍ୟ ସେବା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରତିବର୍ଷ ଏହି ମେଗା ସ୍ୱାସ୍ଥ୍ୟ ଶିବିର ଅଞ୍ଚଳର ହଜାର ହଜାର ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି। ଶିବିରରେ ଅଭିଜ୍ଞତା ଥିବା ପ୍ରଫେସର ମାନେ ସେବା ଯୋଗାଇ ଦେଇଥିଲେ। ମୁଖ୍ୟତଃ ୧୦ଟି ବିଭାଗର ଡାକ୍ତରମାନେ କଟକ, ଭୁବନେଶ୍ୱରରୁ ଆସି ରୋଗି ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଚିକିତ୍ସା କରିବା ସହ ମାଗଣା ଔଷଧ ଯୋଗାଇ ଦେଇଥିଲେ।

# ଭୋଜି କରିବାକୁ ଡାକି ନେଇ ହତ୍ୟା ଅଭିଯୋଗ

**କେନ୍ଦ୍ରାପଡ଼ା, ୬।୮(ସଂଚାର ବ୍ୟୁରୋ):** ଭୋଜି କରିବା ପାଇଁ ଘରୁ ଡାକି ନେଇ ସାଙ୍ଗମାନେ ଯୁବକଙ୍କୁ ମାଡ ମାରି ଗୁରୁତର କରି ଦେଇଥିଲେ। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଡେରାବିଶ ଥାନା ଅନ୍ତର୍ଗତ ତରଜଙ୍ଗା ଗାଁର ଅମରଜିତ କର। ମୃତ ଅମରଜିତଙ୍କ ମା ଉଷାରାଣୀ କର ଓ ବାପା ଅଭିନ୍ନ କରଙ୍କ ଅଭିଯୋଗ ଅନୁଯାୟୀ, ଜୁଲାଇ ୨୯ ତାରିଖ ଦିନ ୨ଟାରେ ଅମରଜିତଙ୍କ ସାଙ୍ଗ ମୃତ୍ୟୁଞ୍ଜୟ ଓ ମଣ୍ଟୁ ତାଙ୍କୁ ଫୋନ୍ କରି ଭୋଜି ପାଇଁ ଡାକିଥିଲେ। ସନ୍ଧ୍ୟା ୫ଟାରେ ଅମରଜିତଙ୍କର ଦୁର୍ଘଟଣା ହୋଇଯାଇଥିବା ପରିବାର ଲୋକେ ଖବର ପାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଅମରଜିତଙ୍କୁ ଭର୍ତ୍ତି କରାଯାଇଥିଲା। ଆଜି ଅପରାହ୍ନରେ ଅମରଜିତଙ୍କର ଦେହାନ୍ତ ହୋଇଯାଇଥିଲା। ତାଙ୍କ ପୁଅକୁ ବିଷ ଦିଆଯିବା ପରେ ମାଡ ମରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର



**ମହାକାଳପଡ଼ା,୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସମ୍ମୁଖରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୪ ଦଫା ଦାବି ନେଇ ବୁଧବାର ଧାରଣା ଦିଆଯାଇଛି। ରାଜ୍ୟ ସରକାରଙ୍କ ପାତର ଅନ୍ତର ନୀତିକୁ ନେଇ ସଂଘ କାର୍ଯ୍ୟକର୍ତ୍ତା ବର୍ଷିଥିଲେ। ପରେ ଏକ ୪ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ଦେଶ୍ୟରେ ପୃଥକ୍ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀଙ୍କ ବୟସସୀମା ୬୦ରୁ ୬୨ ବର୍ଷ ବୃଦ୍ଧି, ନୂତନ ପେନସନ କାର୍ଯ୍ୟକାରୀ, ଗ୍ରେଡ୍‌ପେ ଓ ସ୍ଥାୟୀ ଅନୁଦାନ ପ୍ରଦାନ ଉପରେ ଆଧାରିତ ରହିଛି। ଏହି ଦାବିଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ବ୍ୟାସଦେବ ବେବର୍ତ୍ତା, ସଭାପତି ନିମାଇଁ ରାଉତ, ପ୍ରଭାତ ବେହେରା, ଅଶୋକ ମହାପାତ୍ର, ନରୋତ୍ତମ ପାର୍ଥ ସାରଥୀ, ବୃନ୍ଦାବନ ସାଇଁ, ସଚ୍ଚିଦାନନ୍ଦ ପାଇକରାୟ, ପ୍ରଶାନ୍ତ ଦାସ, ଜ୍ୟୋତି ରଞ୍ଜନ ମିଶ୍ର ଓ ଆଦିକନ୍ଦ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ମହାନଦୀରେ ବନ୍ୟାଜଳ: ପ୍ରଭାବିତ ହେଉଛନ୍ତି ମତ୍ସ୍ୟଜୀବୀ



**ମହାକାଳପଡ଼ା,୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବାହାକୁଦ ପିତାପାଟ ଗ୍ରାମ ସଂଲଗ୍ନ ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ସ୍ଥାନୀୟ ପାରମ୍ପରିକ ମତ୍ସ୍ୟଜୀବୀମାନେ ହାତ ବାନ୍ଧି ବସିଛନ୍ତି। ମହାନଦୀରୁ ମାଛ ଧରି ପରିବାର ପ୍ରତିପୋଷଣ କରୁଥିବା ଧୀବରମାନେ ଦୁର୍ଦ୍ଦଶା ମଧ୍ୟଦେଇ ଗତି କରୁଛନ୍ତି। ମହାନଦୀରେ ବନ୍ୟା ଜଳ ସହ ପ୍ରବଳ ଅନ୍ତସ୍ରୋତ ଯୋଗୁ ମାଛ ଧରିବା ସମ୍ଭବ ହେଉନାହିଁ। ଏଥିସହିତ ବନ୍ୟା ଯୋଗୁ ନଦୀରେ ପ୍ରବେଶ ଉପରେ ପ୍ରଶାସନ କଟକଣା ରହିଛି ବୋଲି ବୋଲି କହିଛନ୍ତି ସହଦେବ ବେହେରା, ନାରାୟଣ ବେହେରା, ଚଗଲି ବେହେରା, ବସନ୍ତ ବେହେରା। ଦୈନିକ ମାଛ ଧରି ୨ରୁ ୩ହଜାର ଟଙ୍କା ରୋଜଗାର କରନ୍ତି ବୋଲି କହିଛନ୍ତି ସ୍ଥାନୀୟ ଧୀବରମାନେ। ହେଲେ ଏବେ ସେମାନେ ଭୋକ ଉପାସରେ ଦିନ କାଟୁଛନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ବିଡ଼ିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ମହାନଦୀ ଓ ଶାଖା ନଦୀରେ ବନ୍ୟା ଯୋଗୁ ନଦୀ ମଧ୍ୟକୁ ପ୍ରବେଶ ନ କରିବା ନେଇ ସତର୍କ ସୂଚନା ଦିଆଯାଇଛି ବୋଲି କହିଛନ୍ତି।

# ବନ୍ୟାସ୍ରୋତରେ ଭାସିଗଲେ ଯୁବକ





ଆଳି,୬।୮(ସଂଚାର ବ୍ୟୁରୋ): ମା'ଙ୍କ ଔଷଧ ପାଇଁ ସିଂହପୁର ଯିବା ସମୟରେ ମାନପୁର ଘୋଷରା ରେ ପ୍ରବାହିତ ବନ୍ୟା ସ୍ରୋତରେ ଜଣେ ଯୁବକ ମଙ୍ଗଳବାର ସନ୍ଧ୍ୟାରେ ଭାସି ଯାଇଥିଲେ। ବୁଧବାର ଅପରାହ୍ନରେ ତାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଆଳି ଥାନା ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ପ୍ରବୀର କୁମାର ଦାସ (୩୨)। ମଙ୍ଗଳବାର ଅପରାହ୍ନରେ ତାଙ୍କ ମା'ଙ୍କର ଔଷଧ ଆଣିବା ପାଇଁ ପ୍ରବୀର ସିଂହପୁର ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ଘରଲୋକ ମାନପୁର ଘୋଷରା ନିକଟକୁ ଯାଇ ପ୍ରବୀରଙ୍କ ବାଇକ୍ ମାନପୁର -ଡ଼ିମିରିପାଳ ରାସ୍ତାର ମାନପୁର ଘୋଷରା ପୋଲ ନିକଟରେ ପଡ଼ିଥିବା ବେଳେ ତାଙ୍କୁ ପାଇ ନ ଥିଲେ। ପ୍ରବୀର ବନ୍ୟାସ୍ରୋତରେ ଭାସି ଯାଇଥିବା ସନ୍ଦେହକରି ପରିବାର ଲୋକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ସେଠାରେ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରି ଫେରି ଆସିଥିଲେ। ବୁଧବାର ସକାଳୁ ପୁଣି ଖୋଜାଖୋଜି ଜାରି ରଖିଥିବା ବେଳେ ତାଙ୍କ ମୃତଦେହ ଜବତ ହୋଇଥିଲା। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ମିଳିତ ବୈଠକ



**କେନ୍ଦ୍ରାପଡ଼ା,୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନମାନେ ସ୍ୱାଧୀନ ଫେଡେରେସନ୍ ଓ ଆସୋସିଏସନମାନେ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ଜିଲ୍ଲା ସ୍ତରୀୟ ମିଳିତ ବୈଠକ କେନ୍ଦ୍ରାପଡା ଖଡ଼ିଅଙ୍ଗସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବର୍ତ୍ତମାନ ଦେଶର ଶ୍ରମିକ, କୃଷକ, କୃଷି ଶ୍ରମିକ ଏବଂ ସାଧାରଣ ଜନତାଙ୍କ ଉପରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଓ କର୍ପୋରେଟ୍ ସପକ୍ଷପାତୀ ନୀତିର ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ କନଭେନସନରେ ଗୃହୀତ ଘୋଷଣାପତ୍ର ଓ ନିଷ୍ପତ୍ତିଗୁଡ଼ିକ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଦ୍ରବ୍ୟମୂଲ୍ୟ ବୃଦ୍ଧି, ବେରୋଜଗାରୀ, ସରକାରୀ କ୍ଷେତ୍ରର ବେସରକାରୀକରଣ, ଶ୍ରମ ଆଇନକୁ ଦୁର୍ବଳ କରିବା, କୃଷି କ୍ଷେତ୍ରରେ କର୍ପୋରେଟ୍ ହସ୍ତକ୍ଷେପ, କୃଷକମାନଙ୍କୁ ଲାଭଜନକ ମୂଲ୍ୟ ପ୍ରଦାନରେ ସରକାରଙ୍କ ବିଫଳତା, ସାମାଜିକ ସୁରକ୍ଷା ଯୋଜନାରେ କଟକଣା ଏବଂ ଜନବିରୋଧୀ ଆର୍ଥିକ ନୀତି ବିରୋଧରେ ୧୦ ଅଗଷ୍ଟରେ ଅନୁଷ୍ଠିତ ହେବାକୁ ଥିବା ଦେଶବ୍ୟାପୀ ଆନ୍ଦୋଳନକୁ ସର୍ବାତ୍ମକ ସଫଳ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଅଫିସି ସମ୍ମୁଖରେ ଆଇନ ଆମାନ୍ୟ ଆନ୍ଦୋଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତୀ ଗ୍ରହଣ କରାଯାଇଛି। ଜିଲ୍ଲାର ଶ୍ରମିକ, କୃଷକ, କୃଷି ଶ୍ରମିକ, କର୍ମଚାରୀ, ମହିଳା, ଯୁବକ, ଛାତ୍ର ଓ ଦଳିତ ସଂଗଠନ ସମେତ ସମସ୍ତ ପ୍ରଗତିଶୀଳ, ଗଣତାନ୍ତ୍ରିକ ରାଜନୈତିକ ଦଳ ଓ ଗଣତାନ୍ତ୍ରିକ ଶକ୍ତିଙ୍କୁ ଏହି ମିଳିତ ସଂଗ୍ରାମରେ ସକ୍ରିୟ ଭାବେ ସାମିଲ ହୋଇ ୧୦ ଅଗଷ୍ଟର ଦେଶବ୍ୟାପୀ ଆନ୍ଦୋଳନକୁ ସର୍ବାତ୍ମକ ସଫଳ କରିବା ପାଇଁ ଏହି ବୈଠକରେ ନିବେଦନ କରାଯାଇଛି। ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଆଇଟିୟୁ ପକ୍ଷରୁ ଜଗତଜୀବନ ଦାଶ, ଏଆଇକେଏସ ପକ୍ଷରୁ ଆଦିକନ୍ଦ ରାଉଳ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାସରଥୀ ସାହୁ, କର୍ମଚାରୀ ନେତା ନରୋମ ପାର୍ଥସରଥୀ, ସିପିଆଇଏମଏଲ ପକ୍ଷରୁ ଶ୍ରୀକାନ୍ତ ଲେଙ୍କା, ୟୁଟିୟୁସି ପକ୍ଷରୁ ଏଲିନା ସାମନ୍ତରାୟ ଓ ଅନ୍ୟମାନଙ୍କ ମଧ୍ୟରେ ନିରାକାର ସାହୁ, ବିନୟ ମଲ୍ଲିକ, ମାନଭଞ୍ଜନ ଷଡଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଏସ୍‌ଆଇଆର୍-୨୬ରେ ଚାଲୁରହିଛି ଦାବି, ଆପତ୍ତି ଓ ଶୁଣାଣି

# ୧୯ ଯାଏଁ କରିପାରିବେ ଆବେଦନ

■ ୫ରୁ ୧୭ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ଫେସଲା
■ ସେପ୍ଟେମ୍ବର ୨୧ରେ ଆସିବ ଚୂଡ଼ାନ୍ତ ଭୋଟର୍ ତାଲିକା



ଭୁବନେଶ୍ୱର,୬।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଦାବି, ଆପତ୍ତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖ ମଧ୍ୟରେ ଯୋଗ୍ୟ ନାଗରିକମାନେ ଆବେଦନ କରିପାରିବେ। ଆଜି ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୫୭ ଲକ୍ଷ ୭୭ ହଜାର ୫୬୫ ଜଣ ଭୋଟରଙ୍କୁ ନୋଟିସ ପ୍ରଦାନ କରାଯାଇସାରିଛି। ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ମଧ୍ୟ ଶେଷ ହୋଇଛି।

ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟରଙ୍କ ଆବଶ୍ୟକ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସେହିପରି ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି।ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି। ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟ ଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି। ସେହିପରି ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି।

# ନିରାମୟରେ ମିଳୁନି ଔଷଧ: ବଢ଼ୁଛି ରୋଗୀଙ୍କ ଦୁର୍ଦ୍ଦଶା



ଯାଜପୁର,୬।୮ (ସଂଚାର ବ୍ୟୁରୋ): ରାଜ୍ୟର ଗରିବଗୁରୁବାଙ୍କୁ ମାଗଣାରେ ଔଷଧ ଯୋଗାଇଦେବା ସକାଶେ ସରକାର ନିରାମୟ ଯୋଜନା ଲାଗୁ କରିଛନ୍ତି। କିନ୍ତୁ ଔଷଧ କମ୍ପାନୀମାନଙ୍କ ସହ ଅଦୃଶ୍ୟ ମେଣ୍ଟ ଯୋଗୁଁ ଏବେ ଅନେକ ଔଷଧ ନିରାମୟରେ ପ୍ରଦାନ କରାଯାଉନାହିଁ। ଫଳରେ ଗରୀବ ଲୋକେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ଆରୋଗ୍ୟ ହେବା ପାଇଁ ଔଷଧ କିଣି ପାରୁନାହାନ୍ତି। ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଗୋଡିପାଟିଆ ଗ୍ରାମର ଲକ୍ଷ୍ମଣ ପ୍ରଧାନ ଜଣେ ଗରୀବ ଶ୍ରେଣୀର ଭିନ୍ନକ୍ଷମ ଯୁବକ। ସେ ବାତରୋଗରେ ପୀଡ଼ିତ ଥିବା ବେଳେ ପୂର୍ବରୁ ତାଙ୍କୁ ଆବଶ୍ୟକ ଚିକିତ୍ସା ସେବା ଏସସିବିରେ ମିଳି ନ ପାରିବାରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଏସସି ପକ୍ଷରୁ ତଦନ୍ତ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଏନେଇ ଏସସିବିର ତତ୍କାଳୀନ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଡ ଅଶୋକ ମଲିକ ଗତ ବର୍ଷ ଜୁଲାଇ ୨୨ ତାରିଖରେ ରିପୋର୍ଟ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ। ଏହାପରେ ଲକ୍ଷ୍ମଣଙ୍କୁ ଏସସିବିରେ ଆବଶ୍ୟକ ଚିକିତ୍ସାସେବା ମିଳିଥିଲେ ମଧ୍ୟ ପରେ ତାଙ୍କୁ ନିରାମୟରୁ ଆବଶ୍ୟକ ଔଷଧ ମିଳିପାରୁନାହିଁ। ଯେଉଁ ରୋଗୀଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ପରେ ତଦନ୍ତ ହୋଇ ଆବଶ୍ୟକ ଚିକିତ୍ସା ସେବା ମିଳିଲା, ସେହି ରୋଗୀଙ୍କୁ ନିରାମୟ ଔଷଧ ନ ମିଳିବା ରାଜ୍ୟରେ ଚାଲିଥିବା ସ୍ୱାସ୍ଥ୍ୟସେବାର ଦୁର୍ବଳ ଚିତ୍ରର ପ୍ରମାଣ। ତାଙ୍କୁ କଟକ ଏସସିବିରୁ ପ୍ରଦାନ କରାଯାଇଥିବା ଔଷଧ ଚିଠା ଅନୁସାରେ ସୋଡିୟମ ଭାଲପ୍ରୋଏଟ ଏବଂ ଭାଲପ୍ରୋକ ଏକିଡ କଂଟ୍ରୋଲଡ ରିଲିଜ ଟାବଲେଟ ଦୁଇଟି ମିଳୁନାହିଁ। ଫଳରେ ଏହି ଦୁଇଟି ଟାବଲେଟ ପାଇଁ ଲକ୍ଷ୍ମଣଙ୍କ ପରି ଜଣେ ଗରୀବ ଭିନ୍ନକ୍ଷମଙ୍କୁ ମାସିକ ଦୁଇ ହଜାର ଟଙ୍କା ବ୍ୟୟ କରିବାକୁ ପଡୁଛି, ଯାହାକି ତାଙ୍କ ପକ୍ଷେ କାଠିକର ପାଠ ହେଉଛି। ତେବେ ନିରାମୟରୁ ଔଷଧ ନ ପାଇବା କ୍ଷେତ୍ରରେ ଲକ୍ଷ୍ମଣ ଭାତହାଣ୍ଡିରୁ ଗୋଟିଏ ଭାତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଲକ୍ଷ୍ମଣଙ୍କ ପରି ଆହୁରି ଅନେକ ରୋଗୀ ଅଛନ୍ତି, ଯେଉଁମାନେ ନିରାମୟରୁ ଆବଶ୍ୟକ ଔଷଧ ପାଉନାହାନ୍ତି। ଗୋଟିଏ ପଟେ ରୋଗର ଯନ୍ତ୍ରଣା ସହିବାକୁ ବାଧ୍ୟ ହେଉଥିବା ରୋଗୀଟି ଔଷଧ ଟିକେ ନ ପାଇ ଯେଉଁ ଯମ ଯନ୍ତ୍ରଣା ଭୋଗୁଛି, ତାହା କୌଣସି ହୃଦୟବାନ ଲୋକ ବେଶ୍ ସହଜରେ ବୁଝିପାରିବେ। ଏ ଦିଗରେ ପଦକ୍ଷେପ ନେବା ସକାଶେ ଯୁବନେତା ସତୀଶ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

■ ଶ୍ରାବଣୀ ଯାତ୍ରା ଲାଗି ଟ୍ରାଫିକ୍ କଟକଣା

## ବଡମ୍ବା-ବୈଦେଶ୍ୱର ଟି-ବ୍ରିଜ୍ 'ନୋ ଭେଇକିଲ୍ ଜୋନ୍' ଘୋଷିତ

କଟକ, ୬।୮(ସଂଚାର ବ୍ୟୁରୋ): ପବିତ୍ର ସିଂହନାଥ ପୀଠରେ ହେଉଥିବା ଶ୍ରାବଣୀ ଯାତ୍ରା ତଥା ବୋଲବମ୍ ଯାତ୍ରା ଅବସରରେ ବିପୁଳ ସଂଖ୍ୟାରେ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯାନବାହନ ଚଳାଚଳ ଉପରେ ସ୍ୱତନ୍ତ୍ର କଟକଣା ଜାରି କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବଡମ୍ବା-ବଇଦେଶ୍ୱରକୁ ସଂଯୋଗ କରୁଥିବା ସମ୍ପୂର୍ଣ୍ଣ ଟି-ବ୍ରିଜ୍‌କୁ 'ନୋ ଭେଇକିଲ୍ ଜୋନ୍' ଭାବେ ଘୋଷଣା କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ବଡ଼ମ୍ବା-ନରସିଂହପୁର ରାସ୍ତାର ଗୋପୀନାଥପୁର ଓ ବାଙ୍କୀ-ବଇଦେଶ୍ୱର ରାସ୍ତାର ବଇଦେଶ୍ୱର ଛକରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନଗୁଡ଼ିକୁ ଏହି କଟକଣା ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧାଜନକ ଦର୍ଶନ ବ୍ୟବସ୍ଥା ଓ ଯାତାୟାତକୁ ସୁପରିଚାଳନା କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୬।୮ (ସଂଚାର ବ୍ୟୁରୋ): ଅଗଷ୍ଟ ୧୦ ତାରିଖ ସୋମବାର କଟକସଦର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକର ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

■ ମିଥ୍ୟା ଫେରସ୍ତ ବିଲ୍ କରି ୨୨ ଲକ୍ଷ ହଡ଼ପ

## କୃଷି ସମବାୟ ସମିତି ପୂର୍ବତନ ସମ୍ପାଦକ ଗିରଫ

ବଲାଙ୍ଗୀର, ୬।୮ (ସଂଚାର ବ୍ୟୁରୋ): ପାଟଣାଗଡ଼ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିସ୍ (ଏଆର୍‌ସିଏସ୍) ସର୍କଲ ଅଧୀନ ସୁନାମୁଣ୍ଡି ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସମ୍ପାଦକ ମୌସମ ବେହେରାଙ୍କୁ ଭିଜିଲାନ୍ସ ଗିରଫ କରିଛି। ସମବାୟ ସମିତିର ୨୨ଲକ୍ଷ ୧୯ ହଜାର ୬୩୬ଟଙ୍କା ହେରଫେର ଘଟଣାରେ ଅଭିଯୋଗ ପାଇ ଭିଜିଲାନ୍ସ ତଦନ୍ତ କରିଥିଲା। ତଦନ୍ତରେ, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ହେରଫେର ହୋଇଥିବା ଜଣାପଡ଼ିଛି। ଏଥିରେ ତତ୍କାଳୀନ ସମ୍ପାଦକ ମୌସମ ବେହେରାଙ୍କ ସକ୍ରିୟ ଭୂମିକା ଥିବା ସ୍ପଷ୍ଟ ହୋଇଥିଲା। ସେ କୃଷକ ସଦସ୍ୟଙ୍କ ଜମା (ଅମାନତ) ଟଙ୍କାକୁ ଫେରାଇବା ଦର୍ଶାଇ ମିଥ୍ୟା ଫେରସ୍ତ ବିଲ୍ ପ୍ରସ୍ତୁତ କରି ଟଙ୍କା ହଡ଼ପ କରିଥିଲେ। ଏହା ବ୍ୟତୀତ ସେ ସାର ବିକ୍ରି ଟଙ୍କା ମଧ୍ୟ ସମିତି ଖାତାରେ ଜମା ନକରି ନିଜ ଜମାଖାତାରେ ଜମା କରିଛନ୍ତି।

## ବିଜ୍ଞାନ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ଉପଯୋଗିତା ନେଇ ବୈଠକ



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ଥିବା କେନ୍ଦ୍ର ସରକାରଙ୍କ ପ୍ରମୁଖ ଅନୁଷ୍ଠାନଗୁଡ଼ିକର ମୁଖ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାରେ ନାଇଜର, ଆଇଏଲଏସ, ଆଇଆଇଟି, ଆଇଏମଏମଟି, ଆରଏମଆରସି ଭଳି ପ୍ରତିଷ୍ଠିତ ସଂସ୍ଥାର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଅନୁଷ୍ଠାନ ମୁଖ୍ୟମାନେ ନିଜ ନିଜ ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ବିଶଦ ଆଲୋଚନା କରିବା ସହ ଆଗାମୀ ଦିନରେ ଥିବା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଉପରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଅବଗତ କରାଇଥିଲେ।

ମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟର ବିଜ୍ଞାନ ଶିକ୍ଷା ଓ ଗବେଷଣା ଅନୁଷ୍ଠାନଗୁଡ଼ିକର ଅବଦାନକୁ ପ୍ରଶଂସା କରିବା ସହ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ରାଜ୍ୟର ସାମଗ୍ରିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଓ ଏହି ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱିତ ଉଦ୍ୟମ ଓ ଘନିଷ୍ଠ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ବୃଦ୍ଧି ବ୍ୟବସ୍ଥାବଳୀକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାରଙ୍କ ସହ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏକ ମିଳିତ ପ୍ରତିବଦ୍ଧତା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଅତିରିକ୍ତ ଶାସନ ସଚିବ ଚିତ୍ରା ଆରୁମୁଗମ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

■ ୱେସାଇଡ୍ ଆମିନିଟିସ୍ ସେଣ୍ଟର ପ୍ରତିଷ୍ଠା ନେଇ ଆଲୋଚନା

## ଯାତ୍ରୀଙ୍କୁ ପ୍ରତି ୫୦ କିମିରେ ମିଳିବ ସମସ୍ତ ସୁବିଧା

■ ତୈଳ କମ୍ପାନୀ ସହ ସ୍ୱାକ୍ଷର ହେବ ବୁଝାମଣାପତ୍ର
■ ରହିବ ଶୌଚାଳୟ, ବିଶ୍ରାମ ଗୃହ ଓ ଫୁଡ୍ କୋର୍ଟ



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦେଶ ତଥା ରାଜ୍ୟ ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେଉଛି। ଏହି କ୍ରମରେ ରାଜ୍ୟର ସଡ଼କ ନେଟ୍‌ୱାର୍କ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଦୁର୍ଘଟଣାମୁକ୍ତ କରିବା ଦିଗରେ ଅନେକ ଯୋଜନା ପ୍ରସ୍ତୁତ ହେଉଛି। ତେବେ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଏକ୍ସପ୍ରେସ୍ ୱେ କିମ୍ବା ଜିଲ୍ଲା ମୁଖ୍ୟ ସଡ଼କରେ ଦୀର୍ଘ ଯାତ୍ରା କରୁଥିବା ଗାଡ଼ିଚାଳକ ତଥା ପର୍ଯ୍ୟଟକଙ୍କୁ ରାସ୍ତାକଡ଼ରେ ସର୍ବନିମ୍ନ ସୁବିଧା ପ୍ରଦାନ କରିବା ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ରାସ୍ତାକଡ଼ରେ ୱେ-ସାଇଡ୍ ଆମିନିଟିସ୍ ସେଣ୍ଟର (ସଡ଼କ ପାଶ୍ୱର୍ ସୁବିଧା କେନ୍ଦ୍ର) ପ୍ରତିଷ୍ଠା ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜାତୀୟ ରାଜପଥ, ଏକ୍ସପ୍ରେସ୍ ୱେ, ରାଜ୍ୟ ରାଜପଥ କିମ୍ବା ଜିଲ୍ଲା ମୁଖ୍ୟ ସଡ଼କର ପ୍ରତି ୫୦ କିମି ଅନ୍ତରରେ ୱେ-ସାଇଡ୍ ଆମିନିଟିସ୍ ସେଣ୍ଟର ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ରାସ୍ତାରେ ଯାତ୍ରା କରୁଥିବା ଟ୍ରାକ ଚାଳକ, ବସ୍‌ଯାତ୍ରୀ କିମ୍ବା ଚାରିଚକିଆ ଯାନରେ ଯାତ୍ରା କରୁଥିବା ଯାତ୍ରୀମାନେ ଏହି କେନ୍ଦ୍ରର ସୁବିଧା ନେଇପାରିବେ।

କୁଳପତିଙ୍କ ନେତୃତ୍ୱରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଐତିହାସିକ ପଦକ୍ଷେପ

# ଆଇଆଇଟି ଭୁବନେଶ୍ୱର ସହ ବୁଝାମଣାପତ୍ର ସ୍ୱାକ୍ଷର



ବଲାଙ୍ଗୀର,୬।୮ (ସଂଚାର ବ୍ୟୁରୋ): ଉଚ୍ଚଶିକ୍ଷା, ଗବେଷଣା, ନବସୃଜନ ଓ ଉଦ୍ୟମିତା କ୍ଷେତ୍ରରେ ପଶ୍ଚିମ ଓଡ଼ିଶାକୁ ଏକ ନୂତନ ଦିଗ ଦେବା ଉଦ୍ଦେଶ୍ୟରେ କୁଳପତି ପ୍ରଫେସର ବିଭୂତି ଭୂଷଣ ମଲ୍ଲିକଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ମାଧ୍ୟମରେ ବିଶେଷକରି କେବିକେ ଅଞ୍ଚଳର ଛାତ୍ରଛାତ୍ରୀ ଓ ଗବେଷକମାନେ ଉଚ୍ଚମାନର ଶିକ୍ଷା ଏବଂ ଗବେଷଣାର ନୂତନ ସୁଯୋଗ ପାଇବେ। ଏହି ବୁଝାମଣାପତ୍ର ଅନୁଯାୟୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଇନ୍‌କ୍ୟୁବେସନ୍ ଓ ଉଦ୍ୟମିତା କେନ୍ଦ୍ର ସହ ଶ୍ରମ ଓ ପ୍ରବାସ ଅଧ୍ୟୟନ ପାଇଁ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ନବସୃଜନ, ଷ୍ଟାର୍ଟଅପ୍ ସଂସ୍କୃତି, ନୀତିଭିତ୍ତିକ ଗବେଷଣା ଓ ଆନ୍ତଃବିଷୟକ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯିବ।

ଉଭୟ ଅନୁଷ୍ଠାନ କଗ୍ନିଟିଭ୍ ସାଇନ୍ସ, କୃତ୍ରିମ ବୁଦ୍ଧିମତ୍ତା, ଦର୍ଶନ, ଭୂଗୋଳ, ଥର୍ମାଲ୍ କ୍ୟାମୋଫ୍ଲାଜ୍ ପ୍ରଯୁକ୍ତି, ଉନ୍ନତ ପତଳା-ସ୍ତରୀୟ ପଦାର୍ଥ ବିଜ୍ଞାନ ଓ ଜୈବ ବର୍ଜ୍ୟ ପରିଚାଳନା ପରି ଆଧୁନିକ କ୍ଷେତ୍ରରେ ମିଳିତ ଗବେଷଣା କରିବେ। ଏଥିସହ ମିଳିତ ଗବେଷଣା ପ୍ରକଳ୍ପ, ଅନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରକାଶନ ଓ ଶିକ୍ଷାବିତ୍ ବିନିମୟକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଆଇଆଇଟି ଭୁବନେଶ୍ୱରରେ ଇନ୍‌ଟର୍ନସିପ୍, ସ୍ୱଳ୍ପମିଆଦୀ ଗବେଷଣା ପ୍ରକଳ୍ପ ଓ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ସେହିପରି ଆଇଆଇଟି ଭୁବନେଶ୍ୱରର ଅତ୍ୟାଧୁନିକ ଏସ୍‌କେବେଟ୍ ସେଣ୍ଟର୍, ସେଣ୍ଟ୍ରାଲ୍ ଇନଷ୍ଟ୍ରୁମେଣ୍ଟାଲ୍ ଫ୍ୟାସିଲିଟି, ଆଡଭାନ୍ସଡ ଜିଓକେମିକାଲ୍ ଲାବୋରେଟୋରି ଓ କଗ୍ନିଟିଭ୍, ବିହେଭିଅରାଲ୍ ଆଣ୍ଡ୍ ସାଇକୋଲିଙ୍ଗୁଇଷ୍ଟିକ୍ସ (ସିବିପି) ଲାବୋରେଟୋରିର ଇଇଜି ଓ ଏଫ୍‌ଏନ୍‌ଆଇଆର୍‌ଏସ୍ ଭଳି ଉନ୍ନତ ଗବେଷଣା ସୁବିଧା ମଧ୍ୟ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ପାଇଁ ଉପଲବ୍ଧ ହେବ। ତିନି ବର୍ଷ ପାଇଁ ବୈଧ ଏହି ବୁଝାମଣାପତ୍ର ପଶ୍ଚିମ ଓଡ଼ିଶାରେ ଗୁଣାତ୍ମକ ଉଚ୍ଚଶିକ୍ଷା, ନବସୃଜନ, ଗବେଷଣା, କୌଶଳ ବିକାଶ ଓ ଉଦ୍ୟମିତାର ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିବ ବୋଲି ଆଶା କରାଯାଉଛି।

## ଅବିଳମ୍ବେ ବିଧାୟକଙ୍କୁ ଗିରଫ କରାଯାଉ: ଏସଏଫଆଇ

କଟକ,୬।୮(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଦବଙ୍ଗଗିରି ଓ ଅଧ୍ୟାପକଙ୍କ ପ୍ରତି ଦୁର୍ବ୍ୟବହାର ପାଇଁ ତାଙ୍କୁ ଅବିଳମ୍ବେ ଗିରଫ କରାଯିବାକୁ ଦାବି କରିଛି ଏସଏଫଆଇର ଓଡ଼ିଶା ରାଜ୍ୟ କମିଟି। ଏକ ପ୍ରେସବିବୃତିରେ କମିଟିର ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ଓ ବିଧାନସଭା ଭିନ୍ନ ଭିନ୍ନ ଦୁଇଟି ସ୍ୱତନ୍ତ୍ର ସାମ୍ବିଧାନିକ ଅନୁଷ୍ଠାନ; ଯାହାର କ୍ଷମତା ଓ କାର୍ଯ୍ୟ ପରିସର ସମ୍ବିଧାନ ଏବଂ ଆଇନ ଦ୍ୱାରା ସ୍ପଷ୍ଟ ଭାବେ ନିର୍ଦ୍ଧାରିତ। କିନ୍ତୁ ଏହା ପରିତାପର ବିଷୟ ଯେ ଓଡ଼ିଶା ରାଜ୍ୟ ବିଜେପି ଦଳର ବିଧାୟକ ଶ୍ରୀ ସେଠୀ ରେଭେନ୍ସା ବିଶ୍ୱବିଦ୍ୟାଳୟ ହତା ଭିତରେ ବେଆଇନ ଭାବେ ଧସେଇ ପଶି ଜଣେ କାର୍ଯ୍ୟରତ ପ୍ରଫେସର ତଥା କର୍ମଚାରୀଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ଏକ ଐତିହାସିକ ଶିକ୍ଷାନୁଷ୍ଠାନର ପବିତ୍ର ହତା ଭିତରେ ବେଆଇନ ଭାବେ ପ୍ରବେଶ କରି ଜଣେ ପ୍ରଫେସରଙ୍କୁ ଅପମାନିତ କରିଥିବା ବିଧାୟକଙ୍କୁ ଅବିଳମ୍ବେ ଗିରଫ କରାଯିବା ଦରକାର। ଯଦି ବିଧାୟକଙ୍କର କୌଣସି ପ୍ରକାରର ଆପତ୍ତି ବା ସମସ୍ୟା ଥିଲା, ତେବେ ସେ ସିଧାସଳଖ କୁଳପତିଙ୍କୁ ଭେଟି ସମାଧାନର ମାର୍ଗ ବାହାର କରିଥାନ୍ତେ; କିମ୍ବା ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ କିମ୍ବା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିପାରିଥାନ୍ତେ। କିନ୍ତୁ ସେସବୁ ସାମ୍ବିଧାନିକ ପନ୍ଥା ପରିହାର କରି ଶ୍ରୀ ସେଠୀ ସିଧାସଳଖ ହତା ଭିତରେ ପଶି ଏଭଳି ଗୁଣ୍ଡାଗର୍ଦ୍ଦି କରିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଏସ୍‌ଏଫ୍‌ଆଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

## ରାଜ୍ୟ ସଂଗ୍ରହାଳୟ ବୁଲିଲେ ଚୀନ୍ ଓ ଇରାନ୍ ପ୍ରତିନିଧି



ଭୁବନେଶ୍ୱର, ୬।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଆୟୋଜିତ ହେଉଥିବା ବ୍ରିକ୍ସ ଶିକ୍ଷା ସମ୍ମିଳନୀରେ ଯୋଗଦେଇଥିବା ଚୀନ ଓ ଇରାନ ଦେଶର ପ୍ରତିନିଧିମଣ୍ଡଳୀ ଗୁରୁବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ଼. ଭାରତୀ ପାଲ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଓଡ଼ିଶାର ସମୃଦ୍ଧ ଇତିହାସ, ଐତିହ୍ୟ, ସ୍ଥାପତ୍ୟ, ସାହିତ୍ୟ, କଳା ଓ ସଂସ୍କୃତି ସମ୍ବନ୍ଧରେ ଚୀନ ଓ ଇରାନ ଦେଶର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ପ୍ରତିନିଧିମାନେ ସଂଗ୍ରହାଳୟରେ ଥିବା ପ୍ରତ୍ନତତ୍ତ୍ୱ, ତାଳପତ୍ର ପୋଥି, ଲିପିତତ୍ତ୍ୱ, ମୁଦ୍ରା, ଅସ୍ତ୍ରଶସ୍ତ୍ର, ଚାରୁ ଓ କାରୁକଳା, ଅନୁଭବ ଐତିହ୍ୟ ଗ୍ୟାଲେରୀ ଆଦିକୁ ବୁଲି ଦେଖିଥିଲେ। ଏଥିସହ ଓଡ଼ିଶାର ପ୍ରତ୍ନତତ୍ତ୍ୱ ଏବଂ ବୌଦ୍ଧ ଓ ଜୈନ ଧର୍ମ ସମ୍ବନ୍ଧିତ କୀର୍ତ୍ତିରାଜିର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଚୀନ ଓ ଇରାନ ଦେଶର ପ୍ରତିନିଧିମାନଙ୍କୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ 'ଟାଇମ୍‌ଲେସ୍ ଟେଲ୍' ଶୀର୍ଷକ ଏକ ପୁସ୍ତକ (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ବନ୍ଧିତ ବିବରଣୀ ପୁସ୍ତକ) ପ୍ରଦାନ କରାଯାଇଥିଲା।

# ବେଦାନ୍ତ ପାଳିଲା ସମ୍ବଲପୁରୀ ଦିବସ




ଝାରସୁଗୁଡ଼ା,୬।୮ (ସଂଚାର ବ୍ୟୁରୋ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ୍ ନିଜର ସାମୁଦାୟିକ ବିକାଶ ପଦକ୍ଷେପ 'ପ୍ରୋଜେକ୍ଟ ବେଦକଳା' ଅଧୀନରେ ସମ୍ବଲପୁରୀ ଦିବସ ପାଳନ କରିଛି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ପରମାନପୁର ଓ ଡାଲକି ଗ୍ରାମପଞ୍ଚାୟତର ୧୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ଯୋଗଦେଇ ସମ୍ବଲପୁରୀ ପରମ୍ପରାକୁ ଉତ୍ସବମୁଖର ପରିବେଶରେ ପାଳନ କରିଛନ୍ତି। ବିଶିଷ୍ଟ ଭାଷାବିତ୍ ଓ ପଣ୍ଡିତ ଗୁରୁ ସତ୍ୟନାରାୟଣ ବୋହିଦାରଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରୀ ଦିବସ ପାଳନ କରାଯାଏ। ଏହି ଦିବସ ପଶ୍ଚିମ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ସ୍ମରଣ କରାଇଥାଏ, ଯାହା ବିଶ୍ୱପ୍ରସିଦ୍ଧ ହସ୍ତତନ୍ତ ବସ୍ତ୍ର, ଲୋକସଙ୍ଗୀତ ଓ ଲୋକନୃତ୍ୟ, ସାହିତ୍ୟ ଓ ସ୍ୱଦେଶୀ କଳାରୂପରେ ପ୍ରତିଫଳିତ ହୋଇଛି। ଏଥିସହ ଏହି ଅବସର ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ସାଂସ୍କୃତିକ ସମ୍ପଦକୁ ସଂରକ୍ଷଣ ଓ ସୁରକ୍ଷିତ ରଖିବାର ସାମୂହିକ ଦାୟିତ୍ୱକୁ ମଧ୍ୟ ସ୍ମରଣ କରାଇଥାଏ।

ଏହି ଭାବନାକୁ ପ୍ରତିଫଳିତ କରି ବେଦାନ୍ତ ଆଲୁମିନିୟମର ସମ୍ବଲପୁରୀ ଦିବସ ଉତ୍ସବ ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ସାଂସ୍କୃତିକ ପରିଚୟ ପ୍ରଦର୍ଶନ, ପାରମ୍ପରିକ କଳାରୂପକୁ ସମ୍ମାନ ଜଣାଇବା ଏବଂ ସମ୍ବଲପୁରୀ ଐତିହ୍ୟ ପ୍ରତି ଗର୍ବବୋଧକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା। ଏହି ଉତ୍ସବରେ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା, ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା, ସାଂସ୍କୃତିକ ପରିବେଷଣ, ସମ୍ବଲପୁରୀ ଐତିହ୍ୟ ସଂରକ୍ଷଣର ଗୁରୁତ୍ୱ ଉପରେ ସଚେତନତା ଅଧିବେଶନ ଏବଂ ଉଲ୍ଲେଖନୀୟ ପ୍ରତିଭା ଓ ସମୁଦାୟର ଅଗ୍ରଣୀ ସଦସ୍ୟଙ୍କୁ ସମ୍ମାନିତ କରିବା ପାଇଁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦକ୍ଷତା ବିକାଶ ସହ ସ୍ୱଦେଶୀ କଳାର ପୁନଃଜୀବନ ଓ ସାଂସ୍କୃତିକ ଉଦ୍ୟୋଗୀ ସୃଷ୍ଟି କରିବା ମଧ୍ୟ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ବେଦାନ୍ତ ଆଲୁମିନିୟମ-ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ ସମ୍ବଲପୁରୀ ଦିବସ ଓଡ଼ିଶାର ଅମୂଲ୍ୟ ସାଂସ୍କୃତିକ ସମ୍ପଦର ଏକ ଜୀବନ୍ତ ପ୍ରତୀକ। ପ୍ରୋଜେକ୍ଟ ବେଦକଳା ମାଧ୍ୟମରେ ଆମେ ସ୍ଥାନୀୟ ସମୁଦାୟକୁ ସେମାନଙ୍କର ସମୃଦ୍ଧ କଳା ପରମ୍ପରାର ଉତ୍ସବ ପାଳନ, ସଂରକ୍ଷଣ ଓ ପ୍ରସାର ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ସଂସ୍କୃତିଭିତ୍ତିକ ଜୀବିକାର ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରୁଛୁ।

# ହଜାରେରୁ ଅଧିକ ଗାଁରେ ମୋବାଇଲ୍ ସେବା ଅପହଞ୍ଚ



ଭୁବନେଶ୍ୱର,୬।୮: ରାଜ୍ୟର ହଜାରେରୁ ଅଧିକ ଗାଁରେ ଏବେ ବି ମୋବାଇଲ୍ ସେବା ଅପହଞ୍ଚ। ଏଥିରୁ ସର୍ବାଧିକ ୧୨୯ଟି ଗାଁ ରାୟଗଡା ଜିଲ୍ଲାରେ ରହିଛି। ମାଲକାନଗିରି ଓ କନ୍ଧମାଳ ଜିଲ୍ଲାରେ ବି ଏଭଳି ଗାଁ ସଂଖ୍ୟା ଶହେରୁ ଅଧିକ। ଓଡିଶାରେ ମୋବାଇଲ୍ ସେବା ସଂକ୍ରାନ୍ତରେ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ରାଜ୍ୟସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଯୋଗାଯୋଗ ଓ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ପେମାସାନି ଚନ୍ଦ୍ର ଶେଖର। କେନ୍ଦ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଓଡିଶାରେ ମୋଟ୍ ୫୧,୧୭୬ଟି ଗ୍ରାମ ଥିବାବେଳେ ଏଥିରୁ ୧୦୯୧ ଟି ଗାଁରେ ଏବେ ବି ମୋବାଇଲ୍ ସେବା ପହଞ୍ଚି ପାରିନାହିଁ। ଝାରସୁଗୁଡା ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ୨୯ଟି ଜିଲ୍ଲାରେ ମୋବାଇଲ ଅପହଞ୍ଚ ଗାଁ ରହିଛି।

ଏହି ଅପହଞ୍ଚ ଗାଁ ତାଲିକାରେ ଖୋର୍ଦ୍ଧା ଜିଲ୍ଲାର ୧୫ଟି ଗାଁ ରହିଥିବାବେଳେ କଟକ ଜିଲ୍ଲାର ୧୪ଟି, ପୁରୀର ୬ଟି, ବାଲେଶ୍ୱରର ୧ଟି, କେନ୍ଦ୍ରାପଡାର ୧୬ଟି, ଯାଜପୁରର ୨୨ଟି ଗାଁ ରହିଛି। ସେହିଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମଧ୍ୟରେ ମାଲକାନଗିରି ଜିଲ୍ଲାର ୧୦୩ଟି ଗାଁ ଏହି ତାଲିକାରେ ଥିବାବେଳେ କନ୍ଧମାଳର ୧୧୨ଟି, କଳାହାଣ୍ଡିର ୯୨ଟି, କୋରାପୁଟର ୮୫ଟି ଗାଁ ରହିଛି। ସେହିଭଳି ରାଜ୍ୟରେ କଲ ଡ୍ରପ୍, ବ୍ରଡବ୍ୟାଣ୍ଡର ବେଗ, ମୋବାଇଲ ଅଞ୍ଚଳରେ ଥିବା ପାର୍ଥକ୍ୟ ଏବଂ ଅନ୍ୟାନ୍ୟ ଟେଲିକମ୍ ଅଭିଯୋଗ ସଂଖ୍ୟା ବଢିବାରେ ଲାଗିଛି। ୨୦୨୧-୨୨ରେ ରାଜ୍ୟରେ ଏଭଳି ଅଭିଯୋଗ ସଂଖ୍ୟା ୧୦୩୨ ଥିବାବେଳେ ୨୦୨୫-୨୬ରେ ତାହା ୨୨୫୧ରେ ପହଞ୍ଚିଛି। ଏହି ପାଞ୍ଚବର୍ଷ ମଧ୍ୟରେ ମୋଟ୍ ଅଭିଯୋଗ ସଂଖ୍ୟା ୬୭୪୯ ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ତେବେ ସର୍ବାଧିକ ଅଭିଯୋଗ ରାଜ୍ୟ ରାଜଧାନୀ ଥିବା ଖୋର୍ଦ୍ଧା ଜିଲ୍ଲାରୁ ଆସିଥିବାବେଳେ ଏହା ପଛକୁ କଟକ ଜିଲ୍ଲା ରହିଛି।

ଉତ୍ତରରେ ଦର୍ଶାଯାଇଛି ଯେ ଭାରତ ସରକାର ଡିଜିଟାଲ ଭାରତ ନିଧି ଯୋଜନାରେ ଗ୍ରାମାଞ୍ଚଳ ଓ ଅପହଞ୍ଚ ଇଲାକାରେ ବ୍ରଡବ୍ୟାଣ୍ଡ ମୋବାଇଲ୍ ସେବାପାଇଁ ଏକାଧିକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ରାଜ୍ୟର ୨୯୫୪ ଗ୍ରାମ ପଞ୍ଚାୟତରେ ଭାରତ୍ ନେଟ୍ ପ୍ରକଳ୍ପ ଇଣ୍ଟରନେଟ୍ ସେବା ଯୋଗାଣ ପାଇଁ ପ୍ରସ୍ତୁତ ହୋଇ ରହିଛି। ଏହାବାଦ୍ ରାଜ୍ୟରେ ମୋବାଇଲ୍ ସେବା ପାଇଁ ୩୭୨୬ଟି ମୋବାଇଲ ଟାୱାର ପ୍ରତିଷ୍ଠା କରାଯାଇଛି। ତେବେ ଯେଉଁସବୁ ଗାଁରେ ଏବେ ବି ମୋବାଇଲ୍ ସେବା ଅପହଞ୍ଚ ରହିଛି ସେଠାରେ ଆର୍ଥିକ କାରବାର ଠାରୁ ଆରମ୍ଭ କରି ପିଲାଙ୍କ ପାଠପଢା ପର୍ଯ୍ୟନ୍ତ ସବୁକିଛି ବ୍ୟାହତ ହେଉଛି। ସବୁଠାରୁ ଅଧିକ ସମସ୍ୟାରେ ପଡୁଛନ୍ତି ଭତ୍ତା ପାଉଥିବା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ପାଉଥିବା ହିତାଧିକାରୀ। ମୋବାଇଲ୍ ସେବା ନଥିବାରୁ ସେମାନଙ୍କର ଅଙ୍ଗୁଠି ଛାପ ଆଦି ନେବାରେ ସମସ୍ୟା ଦେଖା ଦେଉଛି ଓ ବୟସ୍କ ଲୋକେ ବାରମ୍ବା ଏଥିପାଇଁ ଦଉଡୁଛନ୍ତି। ସେହିଭଳି କଲ୍ ଡ୍ରପ୍ ଓ ଇଣ୍ଟରନେଟ୍‌ର ଧିମା ଗତି ଅଭିଯୋଗ ବୃଦ୍ଧି ମଧ୍ୟ ରାଜ୍ୟରେ ଟେଲିକମ୍ ସେବାର ଦୁର୍ବଳ ଭିତ୍ତିଭୂମିକୁ ଦର୍ଶାଉଛି। (ତଥ୍ୟ)

# ଶାମପୁରରେ ବିଡିଏର ଉଚ୍ଛେଦ ଅଭିଯାନ

■ ଭାଙ୍ଗିଲା ୫୮ ବେଆଇନ ନିର୍ମାଣ, ଦୁଇ ଏକର ସରକାରୀ ଜମି ଉଦ୍ଧାର



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ରାଜଧାନୀରେ ବେଆଇନ ଜବରଦଖଲ ବିରୋଧରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଏନଫୋର୍ସମେଣ୍ଟ ବିଭାଗ ଆଜି ଏକ ବଡ଼ ଉଚ୍ଛେଦ ଅଭିଯାନ କରିଛି। ଭରତପୁର ଥାନା ଅଧୀନସ୍ଥ ଶାମପୁର ଅଞ୍ଚଳରେ ପ୍ରାୟ ଦୁଇ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶରେ ପରିଚାଳିତ ଏହି ଅଭିଯାନକୁ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନା ତଦାରଖ କରିଥିଲେ। ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ଓ ସୁନ୍ଦର ସହରାଞ୍ଚଳ ବିକାଶ ଓ ସାର୍ବଜନୀନ ଭିତ୍ତିଭୂମି ପ୍ରକଳ୍ପ ପାଇଁ ପଥ ପ୍ରସ୍ତୁତ କରିବା ଲକ୍ଷ୍ୟରେ କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

ଆଇନଗତ ପ୍ରକ୍ରିୟା ଅନୁସରଣ କରିବା ପରେ ହିଁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ଆରମ୍ଭ କରିବା ପୂର୍ବରୁ ବିଡିଏ ଜବରଦଖଲକାରୀଙ୍କୁ ଉଚ୍ଛେଦ ନୋଟିସ୍ ଜାରି କରିଥିଲା ଓ ବାରମ୍ବାର ଲାଉଡ୍‌ସ୍ପିକର ମାଧ୍ୟମରେ ସାର୍ବଜନୀନ ଘୋଷଣା କରିଥିଲା। ପ୍ରଥମ ଦିନରେ ବେଆଇନ ଭାବେ ନିର୍ମିତ ୩୮ଟି ଏସିସି ଘର, ନିର୍ମାଣାଧୀନ ୪ଟି ଆରସିସି ଘର, ୧୫ଟି ଗାଧୁଆ ଘର, ଗୋଟିଏ ନିର୍ମାଣାଧୀନ ଲୁହା ସେଡ୍ ଓ ପ୍ରାୟ ୧୦୦ ଫୁଟ୍ ଲମ୍ବା ସୀମା କାନ୍ଥକୁ ଭାଙ୍ଗିଦେଇଛନ୍ତି। ସରକାରୀ ଜମିରୁ ସମସ୍ତ ଅବୈଧ ଦଖଲ ହଟା ନ ଯିବା ପର୍ଯ୍ୟନ୍ତ କର୍ତ୍ତୃପକ୍ଷ ଏହି ଅଭିଯାନ ଜାରି ରଖିବ। ବିନାନୁମତିରେ ସରକାରୀ ଜମି ଦଖଲ କରୁଥିବା ବାସିନ୍ଦାଙ୍କୁ ସ୍ୱେଚ୍ଛାକୃତ ଭାବେ ଜମି ଖାଲି କରିବାକୁ ଓ ପ୍ରଶାସନକୁ ସହଯୋଗ କରିବାକୁ ବିଡିଏ ଉପାଧ୍ୟକ୍ଷ ଶ୍ରୀ ରାଣା ନିବେଦନ କରିଛନ୍ତି।

**ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।**

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୭ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Friday 7 August 2026, Bhubaneswar

# ଦରବୃଦ୍ଧି ଏକ ଚିରନ୍ତନ ଚ୍ୟାଲେଞ୍ଜ



ଭାରତର ସାଧାରଣ ନାଗରିକଙ୍କ ପାଇଁ ଦୈନନ୍ଦିନ ଜୀବନର ସବୁଠାରୁ ବଡ଼ ଚିନ୍ତା ହେଉଛି ଦରବୃଦ୍ଧି। ଖାଦ୍ୟ, ଜାଳେଣି ଓ ଆବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ସିଧାସଳଖ ପରିବାରର ବଜେଟକୁ ପ୍ରଭାବିତ କରେ। ଗତ ଦୁଇ ଦଶନ୍ଧିରେ ୟୁପିଏ (୨୦୦୪-୨୦୧୪) ଓ ଏନଡିଏ (୨୦୧୪ରୁ ବର୍ତ୍ତମାନ) ସରକାରଙ୍କ ଅମଳରେ ଦରବୃଦ୍ଧିର ଚିତ୍ର ତୁଳନା କଲେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବାହାରି ଆସେ।

ୟୁପିଏ ସରକାରଙ୍କ ଦଶ ବର୍ଷରେ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୂଲ୍ୟସ୍ଫୀତିର ହାର ହାରାହାରି ୮.୧ରୁ ୮.୨ ଶତାଂଶ ଥିଲା। ବିଶେଷକରି ୨୦୦୯ରୁ ୨୦୧୪ ମଧ୍ୟରେ ଏହା ଦୁଇ ଅଙ୍କର ସ୍ତରରେ ପହଞ୍ଚିଥିଲା ଏବଂ ହାରାହାରି ୧୦.୪ ଶତାଂଶ ରହିଥିଲା। ଖାଦ୍ୟ ମୂଲ୍ୟସ୍ଫୀତି ତ ଆହୁରି ବେଶି ଥିଲା, କେତେକ ସମୟରେ ୧୨ ଶତାଂଶରୁ ଅଧିକ। ୨୦୧୦-୧୧ ମଧ୍ୟରେ ଏହା ୧୨ ଶତାଂଶ ପାଖାପାଖି ପହଞ୍ଚିଥିଲା। ସାଧାରଣ ଲୋକଙ୍କ ପାଇଁ ଏହା ଏକ ବଡ଼ ବୋଝ ଥିଲା। ଉଚ୍ଚ ରାଜକୋଷ କ୍ଷତି ଓ ଯୋଗାଣ ଅଭାବ ଏହାର ମୁଖ୍ୟ କାରଣ ଭାବେ ଦେଖାଯାଇଛି। ସରକାରୀ ହ୍ୱାଇଟ୍ ପେପରରେ ମଧ୍ୟ ଏହାକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ସେହି ସମୟରେ ମୂଲ୍ୟ ସ୍ଥିରତା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା।

ଏହା ବିପରୀତରେ ଏନଡିଏ ସରକାରଙ୍କ ଅମଳରେ ସିପିଆଇ ମୂଲ୍ୟସ୍ଫୀତି ହାରାହାରି ୫.୧ ଶତାଂଶ ରହିଛି। ୨୦୧୪ ପରଠାରୁ ଏହା ଅଧିକାଂଶ ସମୟରେ ୮ ଶତାଂଶ ତଳେ ରହିଛି। ବର୍ତ୍ତମାନ ସମୟରେ ଏହା ଆହୁରି କମି ୨-୪ ଶତାଂଶ ସ୍ତରକୁ ଖସିଆସିଛି। ଖାଦ୍ୟ ମୂଲ୍ୟସ୍ଫୀତି ମଧ୍ୟ ନିୟନ୍ତ୍ରଣରେ ରଖିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି-ଯଥା ପିଏମ ଗରୀବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ନିଃଶୁଳ୍କ ରେସନ, ଭାରତ ବ୍ରାଣ୍ଡ ଦ୍ରବ୍ୟ ବିକ୍ରୟ ଓ ବଫର ଷ୍ଟକ୍ ମୁକ୍ତି।

ଜାଳେଣି ମୂଲ୍ୟରେ ମଧ୍ୟ ପାର୍ଥକ୍ୟ ଦେଖାଯାଏ। ୟୁପିଏ ଅମଳରେ ପେଟ୍ରୋଲ ମୂଲ୍ୟ ପ୍ରାୟ ୯୦-୧୧୭ ଶତାଂଶ ଓ ଡିଜେଲ ୯୬-୧୫୫ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଏନଡିଏ ଅମଳରେ ଏହି ବୃଦ୍ଧି ହାର ତୁଳନାତ୍ମକ ଭାବେ କମ୍ ରହିଛି। ଯଦିଓ ଆନ୍ତର୍ଜାତୀୟ ତେଲ ମୂଲ୍ୟର ପ୍ରଭାବ ଉଭୟ ସରକାରଙ୍କ ଉପରେ ପଡ଼ିଛି, ତଥାପି ଏନଡିଏ ସମୟରେ ମୂଲ୍ୟ ନିୟନ୍ତ୍ରଣ ପାଇଁ ଅଧିକ ସଚେତନ ପଦକ୍ଷେପ ଦେଖାଯାଇଛି।

ଖାଦ୍ୟ ଦ୍ରବ୍ୟରେ ମଧ୍ୟ ଏହି ଧାରା ଦେଖାଯାଏ। ଚାଉଳ, ଗହମ, ଡାଲି ଓ ପନିପରିବା ମୂଲ୍ୟ ବୃଦ୍ଧି ୟୁପିଏ ସମୟରେ ଅଧିକ ତୀବ୍ର ଥିଲା। ଟମାଟୋ, ପିଆଜ ଓ ଆଳୁ ଭଳି ଦ୍ରବ୍ୟର ମୂଲ୍ୟ ବିଚ୍ୟୁତି ମଧ୍ୟ ସେତେବେଳେ ଅଧିକ ଥିଲା। ଏନଡିଏ ସମୟରେ ଉତ୍ପାଦନ ବୃଦ୍ଧି, ଆମଦାନୀ ନୀତି ଓ ବଜାର ହସ୍ତକ୍ଷେପ ମାଧ୍ୟମରେ ଏହାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇଛି। ତଥାପି ଏହା କହିବା ଠିକ ନୁହେଁ ଯେ ଏନଡିଏ ଅମଳରେ ଦରବୃଦ୍ଧି ସମ୍ପୂର୍ଣ୍ଣ ଅନୁପସ୍ଥିତ। କୋଭିଡ୍, ୟୁକ୍ରେନ୍ ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ଭଳି ବାହ୍ୟ କାରଣ ମୂଲ୍ୟ ଉପରେ ପ୍ରଭାବ ପକାଇଛି। କିଛି ସମୟରେ ଖାଦ୍ୟ ମୂଲ୍ୟସ୍ଫୀତି ୬-୭ ଶତାଂଶ ପର୍ଯ୍ୟନ୍ତ ବଢ଼ିଥିଲା। ମାତ୍ର ସାମଗ୍ରିକ ଭାବେ ଦେଖିଲେ ୟୁପିଏ ସମୟର ଦୁଇ ଅଙ୍କର ମୂଲ୍ୟସ୍ଫୀତି ଆଜି ଦେଖାଯାଉନାହିଁ।

ଏହି ତୁଳନାରୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳେ। ମୂଲ୍ୟ ନିୟନ୍ତ୍ରଣ କେବଳ ରାଜନୈତିକ ପ୍ରତିଶ୍ରୁତି ଉପରେ ନିର୍ଭର କରେ ନାହିଁ; ଏହା ପାଇଁ ସୁଦୃଢ଼ ରାଜକୋଷ ନୀତି, ଯୋଗାଣ ଶୃଙ୍ଖଳା ସୁଦୃଢ଼କରଣ, ମୂଲ୍ୟ ଲକ୍ଷ୍ୟ ଢାଞ୍ଚା (ଯେପରି ୨୦୧୬ରେ ଗ୍ରହଣ କରାଯାଇଥିବା ମୂଲ୍ୟସ୍ଫୀତି ଲକ୍ଷ୍ୟ) ଓ ସମୟୋପଯୋଗୀ ହସ୍ତକ୍ଷେପ ଆବଶ୍ୟକ। ସାଧାରଣ ନାଗରିକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍ଥିର ମୂଲ୍ୟ ଓ କ୍ରୟଶକ୍ତିର ସୁରକ୍ଷା। ଯେଉଁ ସରକାର ଏହାକୁ ଭଲ ଭାବେ ପରିଚାଳନା କରିପାରେ, ସେହି ସରକାର ଲୋକଙ୍କ ବିଶ୍ୱାସ ଅର୍ଜନ କରେ। ଦରବୃଦ୍ଧି ଏକ ଚିରନ୍ତନ ଚ୍ୟାଲେଞ୍ଜ। ଏହାର ସମାଧାନ ପାଇଁ ରାଜନୀତିକ ଦଳନିରପେକ୍ଷ ନୀତି ଓ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ। ତଥ୍ୟ ଦେଖାଏ ଯେ ଗତ ଦଶନ୍ଧିରେ ମୂଲ୍ୟ ନିୟନ୍ତ୍ରଣରେ ଅପେକ୍ଷାକୃତ ଉନ୍ନତି ହୋଇଛି। ଏହି ଧାରାକୁ ବଜାୟ ରଖିବା ଓ ଆହୁରି ଉନ୍ନତ କରିବା ହେଉଛି ଆଗାମୀ ଚ୍ୟାଲେଞ୍ଜ। ସାଧାରଣ ଲୋକଙ୍କ ରୋଜଗାର ଓ ସଞ୍ଚୟକୁ ରକ୍ଷା କରିବା ହିଁ ସାଫଳତାର ପ୍ରକୃତ ମାପକାଠି।

## ଜାତୀୟ ହସ୍ତତନ୍ତ ଦିବସ
# ଅତୀତ, ବର୍ତ୍ତମାନ ଓ ଓଡ଼ିଶାର କଳାତ୍ମକ ପରମ୍ପରା

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଭାରତବର୍ଷର ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ହସ୍ତଶିଳ୍ପ ମଧ୍ୟରେ ବା ତନ୍ତବୁଣା ଶିଳ୍ପ ଏକ ଅନନ୍ୟ ସ୍ଥାନ ଅଧିକାର କରି ରହିଛି, ଯାହାକି କେବଳ ପୋଷାକ ପରିଧାନର ଏକ ମାଧ୍ୟମ ନୁହେଁ, ବରଂ ଏହା ଦେଶର କୋଟି କୋଟି କାରିଗର, ତନ୍ତୀ ଏବଂ ବୁଣାକାରମାନଙ୍କର ଜୀବିକା, ସୃଜନଶୀଳତା ଏବଂ ଆତ୍ମସମ୍ମାନର ପ୍ରତୀକ ଅଟେ। ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ସମଗ୍ର ଦେଶରେ 'ଜାତୀୟ ହସ୍ତତନ୍ତ ଦିବସ' ଭାବେ ବେଶ୍ ଉତ୍ସାହ ଓ ଗର୍ବର ସହ ପାଳନ କରାଯାଏ, ଯାହା ପଛରେ ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପୃଷ୍ଠଭୂମି। ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ କଲିକତା ସହରର ଟାଉନ୍ ହଲରେ ବ୍ରିଟିଶ ଶାସନ ବିରୋଧରେ ଏବଂ ଦେଶୀୟ ଶିଳ୍ପ ଓ ବସ୍ତୁକୁ ପ୍ରୋତ୍ସାହିତ କରିବା ପାଇଁ 'ସ୍ୱଦେଶୀ ଆନ୍ଦୋଳନ'ର ବିଧିବଦ୍ଧ ଶୁଭାରମ୍ଭ ହୋଇଥିଲା। ସେହି ଐତିହାସିକ ଦିନଟିର ସ୍ମୃତିକୁ ସବୁବେଳେ ଜୀବନ୍ତ ରଖିବା ପାଇଁ ଏବଂ ଦେଶର ତନ୍ତବୁଣା ସମ୍ପଦକୁ ବିଶ୍ୱସ୍ତରରେ ଆସନ ପ୍ରଦାନ କରିବା ନିମନ୍ତେ ଭାରତ ସରକାର ୨୦୧୫ ମସିହାରୁ ଅଗଷ୍ଟ ୭କୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ଘୋଷଣା କରିଥିଲେ। ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାଧାରଣ ଜନତାଙ୍କୁ ହସ୍ତତନ୍ତର ମହତ୍ୱ ସମ୍ପର୍କରେ ଅବଗତ କରାଇବା, ଗ୍ରାମାଚଂଳର ବୁଣାକାରମାନଙ୍କୁ ଆର୍ଥିକ ଏବଂ ସାମାଜିକ ଭାବେ ସଶକ୍ତ କରିବା ଏବଂ ଆମର ପ୍ରାଚୀନ ହସ୍ତକଳାକୁ ସୁରକ୍ଷା ଯୋଗାଇବା। ବିଶେଷ କରି ଓଡ଼ିଶା ପରି ଏକ କଳା ଓ ସଂସ୍କୃତି ସମ୍ପନ୍ନ ରାଜ୍ୟ ପାଇଁ ଏହି ଦିବସର ମହତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ ଅଟେ, କାରଣ ଓଡ଼ିଶାର ତନ୍ତବୁଣା କଳା କେବଳ ଦେଶ ଭିତରେ ନୁହେଁ, ବରଂ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଶିଳ୍ପ ଯେପରିକି ସମ୍ବଲପୁରୀ ବାନ୍ଧ, ବାମଡା, ଖଣ୍ଡୁଆ ପାଟ, ବ୍ରହ୍ମପୁରୀ ପାଟ, କୋଟପାଡ ଶାଢ଼ୀ ଏବଂ ନୂଆପାଟଣା କଟକୀ ଲୁଗା ଆଜି ମଧ୍ୟ ବିଶ୍ୱର ଚାହିଦାକୁ ନିଜର ନିଖୁଣ କାରୁକାର୍ଯ୍ୟ ଏବଂ ପ୍ରାକୃତିକ ରଙ୍ଗର ବ୍ୟବହାର ଦ୍ୱାରା ପ୍ରଭାବିତ କରିଆସୁଛି। ଏହି ସମସ୍ତ ବସ୍ତୁଗୁଡ଼ିକ ନିର୍ମାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ପରିବେଶ ଅନୁକୂଳ ଅଟେ, ଯେଉଁଥିରେ ଅଧିକ ବିଦ୍ୟୁତ୍ ଶକ୍ତି କିମ୍ବା ଯନ୍ତ୍ରପାତିର ଆବଶ୍ୟକତା ପଡେ ନାହିଁ ଏବଂ ପ୍ରକୃତିର କୋଳରେ ରହି ବୁଣାକାରମାନେ ସେମାନଙ୍କର ହାତର ଯାଦୁ ଦ୍ୱାରା ସୂତାକୁ ଅଦ୍ଭୁତ କଳାକୃତିରେ ପରିଣତ କରନ୍ତି। ବର୍ତ୍ତମାନର ସମୟରେ ଯେତେବେଳେ ସମଗ୍ର ବିଶ୍ୱ ଦ୍ରୁତଗତିରେ ପରିବର୍ତ୍ତିତ ଫ୍ୟାଶନ ଏବଂ ମେସିନ୍ ଦ୍ୱାରା ପ୍ରସ୍ତୁତ କୃତ୍ରିମ ପୋଷାକ ଆଡକୁ ଆକର୍ଷିତ ହେଉଛି, ସେତେବେଳେ ହସ୍ତତନ୍ତ ଶିଳ୍ପ କିଛି ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛି। ଆଜିର ବଜାରରେ ଶସ୍ତା ପାୱାରଲୁମ୍ (ପାୱାର ଲୁମ୍ ବା ଯନ୍ତ୍ରପାତି ତନ୍ତ) ସାମଗ୍ରୀଗୁଡ଼ିକ ପ୍ରତିଯୋଗିତାରେ ଆସି ହସ୍ତତନ୍ତର ପ୍ରକୃତ ମୂଲ୍ୟକୁ କମାଇ ଦେଉଛନ୍ତି, ଯାହାଫଳରେ ଅନେକ ଗରିବ ବୁଣାକାର ସଠିକ୍ ପାରିଶ୍ରମିକ ନପାଇ ଏହି ପାରମ୍ପରିକ ବୃତ୍ତିରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି। ସୂତା, ରଙ୍ଗ ଏବଂ ଅନ୍ୟାନ୍ୟ କଞ୍ଚାମାଲର ଦରବୃଦ୍ଧି ବୁଣାକାରମାନଙ୍କ ପାଇଁ ଏକ ବଡ ଆର୍ଥିକ ବୋଝ ପାଲଟିଛି ଏବଂ ନୂତନ ପିଢ଼ିର ଲୋକମାନେ ଉଚ୍ଚ ରୋଜଗାର ଏବଂ ସହଜ ଜୀବନଶୈଳୀରେ ଆଶାରେ ଏହି ପାରମ୍ପରିକ କଳାରୁ ଦୂରେଇ ଯାଉଛନ୍ତି। ତଥାପି, ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ହସ୍ତତନ୍ତର ଭବିଷ୍ୟତ ଅତି ଉଜ୍ଜ୍ୱଳ ଏବଂ ପ୍ରତିଶ୍ରୁତିବଦ୍ଧ ରହିଛି, ଯଦି ସମୟୋଚିତ ପଦକ୍ଷେପ ଏବଂ ସଚେତନତା ଗ୍ରହଣ କରାଯାଏ। ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ବୁଣାକାରମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ଯେପରିକି 'ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ', 'ମୁଦ୍ରା ସୂତା ଯୋଗାଣ ଯୋଜନା' ଏବଂ 'ବୁଣାକାର କ୍ରେଡିଟ୍ କାର୍ଡ' ଆଦି କାର୍ଯ୍ୟକାରୀ କରାଯାଉଛି, ଯାହାଦ୍ୱାରା ସେମାନଙ୍କୁ ସୁଲଭ ମୂଲ୍ୟରେ ସୂତା ଏବଂ ଆର୍ଥିକ ସହାୟତା ମିଳିପାରୁଛି। ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଇ-କମର୍ସ ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆର ବ୍ୟାପକ ପ୍ରଚାର ଯୋଗୁଁ ଓଡ଼ିଶାର ତନ୍ତବୁଣା ଶାଢ଼ୀ ଓ ପୋଷାକଗୁଡ଼ିକ ବିଶ୍ୱର ଯେକୌଣସି କୋଣରୁ ଅତି ସହଜରେ କ୍ରୟ କରାଯାଇପାରୁଛି, ଯାହା ବୁଣାକାରମାନଙ୍କୁ ସିଧାସଳଖ ବଜାର ସହ ଯୋଡିବାରେ ସାହାଯ୍ୟ କରୁଛି। ଯୁବ ପିଢ଼ିର ଫ୍ୟାଶନ୍ ଡିଜାଇନରମାନେ ପାରମ୍ପରିକ ଓଡିଆ ବାନ୍ଧ କଳାକୁ ଆଧୁନିକ ପୋଷାକ ଶୈଳୀ ସହିତ ମିଶ୍ରଣ କରି ଏକ ନୂତନ ଧାରା ସୃଷ୍ଟି କରୁଛନ୍ତି, ଯାହାଫଳରେ ଆଜିର ଯୁବବର୍ଗ ମଧ୍ୟ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଗର୍ବ ଅନୁଭବ କରୁଛନ୍ତି। ମହିଳା ସଶକ୍ତିକରଣ ଦୃଷ୍ଟିରୁ ମଧ୍ୟ ହସ୍ତତନ୍ତ କ୍ଷେତ୍ରର ଅବଦାନ ଅତୁଳନୀୟ, କାରଣ ଏହି ଶିଳ୍ପରେ ଶତକଡା ପ୍ରାୟ ସତୁରୀ ଭାଗରୁ ଅଧିକ କର୍ମଚାରୀ ଓ କାରିଗର ମହିଳା ଅଟନ୍ତି, ଯାହା ଗ୍ରାମାଚଂଳର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଆମକୁ ମନେ ରଖିବାକୁ ପଡ଼ିବ ଯେ ହସ୍ତତନ୍ତ କେବଳ କେତୋଟି ସୂତାର ସମାହାର ନୁହେଁ, ବରଂ ଏହା ଆମର ସଂସ୍କୃତି, ଇତିହାସ ଏବଂ ପରମ୍ପରାର ଏକ ଜୀବନ୍ତ ଦସ୍ତାବେଜ୍ ଅଟେ। ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି 'ଭୋକାଲ ଫର ଲୋକାଲ୍' ମନ୍ତ୍ରକୁ ଆପଣାଇ ସ୍ୱଦେଶୀ ହସ୍ତତନ୍ତ ସାମଗ୍ରୀ କ୍ରୟ କରିବା।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ୍:୯୪୩୭୯୯୪୩୭୯

# ୭ ଅଗଷ୍ଟ:ମଣ୍ଡଳ ବିପ୍ଳବ:ଓବିସି ସଂରକ୍ଷଣ କିପରି ଭାରତକୁ ସବୁଦିନ ପାଇଁ ବଦଳାଇ ଦେଲା

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**



ମଣ୍ଡଳ କମିଶନଙ୍କ କାହାଣୀ କେବଳ ଏକ ଆଇନଗତ କିମ୍ବା ପ୍ରଶାସନିକ ସମୟସୀମା ନୁହେଁ-ଏହା ଆଧୁନିକ ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼। ଏହା ଭାରତୀୟ ରାଜନୀତିକୁ ଏକକ-ଦଳୀୟ ପ୍ରାଧାନ୍ୟ ବ୍ୟବସ୍ଥାରୁ ଆଞ୍ଚଳିକ ଦାବି, ମିଳିତ ସରକାର ଏବଂ ନିମ୍ନ ଓ ମଧ୍ୟମ ଜାତିର ସ୍ପଷ୍ଟ ରାଜନୈତିକ ସଶକ୍ତିକରଣ ଦ୍ୱାରା ପରିଭାଷିତ ଏକ ଯୁଗକୁ ମୌଳିକ ଭାବରେ ପରିବର୍ତ୍ତିତ କରିଥିଲା।

ମଣ୍ଡଳ କମିଶନ:ଜାନୁୟାରୀ ୧, ୧୯୭୯ ପ୍ରଧାନମନ୍ତ୍ରୀ ମୋରାଜୀ ଦେଶାଇ ବି.ପି.ମଣ୍ଡଳଙ୍କୁ ପଛୁଆ ବର୍ଗ କମିଶନର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଥିଲେ। ଏହି କମିଶନ ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ କମିଶନ ଭାବରେ ଜଣାଶୁଣା-ଯାହା ଲୋକପ୍ରିୟ ଭାବରେ ମଣ୍ଡଳ କମିଶନ ନାମରେ ପରିଚିତ। ଏହାର ଅଧ୍ୟକ୍ଷତା ସାଂସଦ ତଥା ସମାଜ ସଂସ୍କାରକ ବି.ପି. ମଣ୍ଡଳ କରିଥିଲେ, ଯାହାଙ୍କୁ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗକୁ ଚିହ୍ନଟ କରିବା ଏବଂ ସେମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ସୁପାରିଶ କରିବା ଦାୟିତ୍ୱ ଦିଆଯାଇଥିଲା। କମିଶନ ଅନ୍ୟାନ୍ୟ ପଛୁଆ ବର୍ଗ ଙ୍କ କଲ୍ୟାଣ ପାଇଁ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସଂରକ୍ଷଣ ସୁପାରିଶ କରିଥିଲେ। ଏହା ଜାତି ପ୍ରଥା ଏବଂ ଆର୍ଥିକ ଓ ଶିକ୍ଷାଗତ ଅସମାନତାକୁ ବଢ଼ାଇବାରେ ଏହାର ଭୂମିକାର ଏକ ବିସ୍ତୃତ ବିଶ୍ଳେଷଣ ଉପସ୍ଥାପନ କରିଥିଲା।

ଯେତେବେଳେ କମିଶନ ୧୯୮୦ ରେ ନିଜର ରିପୋର୍ଟ ଦାଖଲ କରିଥିଲେ, ଏହାର ନିଷ୍କର୍ଷ ଆଶ୍ଚର୍ଯ୍ୟଜନକ ଥିଲା। ଏଗାରଟି ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ସୂଚକାଙ୍କର ଏକ ଜଟିଳ ମାଟ୍ରିକ୍ସ ବ୍ୟବହାର କରି କମିଶନ ସିଦ୍ଧାନ୍ତ ନେଇଥିଲେ ଯେ ଭାରତର ଜନସଂଖ୍ୟାର ପ୍ରାୟ ୫୨% ଏହି ପଛୁଆ ବର୍ଗର ଅଟନ୍ତି। ସେମାନଙ୍କ ପାଇଁ ସରକାରୀ ଚାକିରି ଏବଂ ଉଚ୍ଚଶିକ୍ଷାରେ ୨୭% ସ୍ଥାନ ସଂରକ୍ଷିତ ରଖିବାକୁ ସୁପାରିଶ କରାଯାଇଥିଲା। ରିପୋର୍ଟରେ ଦର୍ଶାଯାଇଥିଲା ଯେ ଓବିସି-ଯେଉଁ ଗୋଷ୍ଠୀଗୁଡ଼ିକ ପାରମ୍ପରିକ ଉଚ୍ଚ ଜାତି କିମ୍ବା ପଛୁଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଅଂଶ ନଥିଲେ-ସେମାନେ ଭାରତୀୟ ଜନସଂଖ୍ୟାର ଏକ ବଡ଼ ଭାଗ ଥିଲେ, ତଥାପି ସରକାରୀ ଅନୁଷ୍ଠାନଗୁଡ଼ିକରେ ସେମାନଙ୍କର ପ୍ରତିନିଧିତ୍ୱ ବହୁତ କମ୍ ଥିଲା।

ପ୍ରାୟ ଏକ ଦଶନ୍ଧି ଧରି, ଏହି ରିପୋର୍ଟ ମୁଖ୍ୟତଃ ଅଛୁଆଁ ହୋଇ ରହିଥିଲା। ଏକ ଐତିହାସିକ ସଫଳତା ୭ ଅଗଷ୍ଟ ୧୯୯୦ ରେ ଆସିଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ଭି.ପି.ସିଂ ସଂସଦରେ ଘୋଷଣା କରିଥିଲେ ଯେ ତାଙ୍କ ଜାତୀୟ ସମ୍ମୁଖ୍ୟ (ଘବଗ୍ମସକ୍ଟଭବକ୍ଷ ର୍‌କ୍ସକ୍ଟଭଗ୍ମ) ସରକାର କେନ୍ଦ୍ର ସରକାରୀ ସେବାରେ ଅନ୍ୟାନ୍ୟ ପଛୁଆ ବର୍ଗ ଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଭି.ପି. ସିଂଙ୍କ ଐତିହାସିକ ଶ୍ରଦ୍ଧାଞ୍ଜଳି: ଏହି ନିଷ୍ପତ୍ତିର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରି ଭି.ପି. ସିଂ ଘୋଷଣା କରିଥିଲେ: 'ପ୍ରକୃତରେ, ଏହା ଭାରତ ରତ୍ନ ଡଃ ବି.ଆର୍. ଆମ୍ବେଦକର, ମହାନ ପେରିୟାର ଇ.ଭି. ରାମାସାମୀ ଏବଂ ଡଃ ରାମ ମନୋହର ଲୋହିଆଙ୍କ ସ୍ୱପ୍ନର ସାକାର ଅଟେ।' ସେ ୧୩ ଅଗଷ୍ଟ ୧୯୯୦ ରେ ଆନୁଷ୍ଠାନିକ ଭାବେ ଅଫିସ୍ ମେମୋରାଣ୍ଡମ୍ (କାର୍ଯ୍ୟାଳୟ ସ୍ମାରକପତ୍ର) ଜାରି କରିଥିଲେ, ଯାହା ସାରା ଭାରତରେ କୋଟି କୋଟି ଓବିସିଙ୍କ ପାଇଁ ସାମାଜିକ ନ୍ୟାୟ ଏବଂ ରାଜନୈତିକ ସଶକ୍ତିକରଣର ଏକ ନୂତନ ଯୁଗର ସୂତ୍ରପାତ କରିଥିଲା।

ସମୟସୀମା:୧୯୭୯: ୧୯୭୯ ମସିହା ଜାନୁଆରୀ ୧ ତାରିଖରେ, ମୋରାରଜୀ ଦେଶାଇ ସରକାର ଭାରତର ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ପ୍ରଗତି ପାଇଁ ପଦକ୍ଷେପ ସୁପାରିଶ କରିବା ନିମନ୍ତେ ଗଠିତ ଦ୍ୱିତୀୟ ପଛୁଆ ବର୍ଗ କମିଶନର ନେତୃତ୍ୱ ନେବା ପାଇଁ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳଙ୍କୁ ଚୟନ କରିଥିଲେ।

୧୯୮୦: ମଣ୍ଡଳ ଦୁଇ ବର୍ଷ ପରେ, ୧୯୮୦ ମସିହା ଡିସେମ୍ବର ୩୧ ତାରିଖରେ ନିଜର ରିପୋର୍ଟ ଦାଖଲ କରିଥିଲେ, କିନ୍ତୁ ସେତେବେଳକୁ ମୋରାରଜୀ ଦେଶାଇ ସରକାର ଭାଙ୍ଗିଯାଇଥିଲା। କମିଶନଙ୍କ ରିପୋର୍ଟରୁ ଜଣାପଡ଼ିଥିଲା ଯେ ଭାରତର ଜନସଂଖ୍ୟାର ପ୍ରାୟ ୫୨% ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଅନ୍ତର୍ଭୁକ୍ତ ଏବଂ ସେମାନଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ୨୭% ସଂରକ୍ଷଣର ପ୍ରସ୍ତାବ ଦିଆଯାଇଥିଲା।

୧୯୮୦-୧୯୮୯: ଇନ୍ଦିରା ଗାନ୍ଧୀ କ୍ଷମତାକୁ ଆସିଲେ। ତାଙ୍କ ଶାସନ କାଳ ଏବଂ ରାଜୀବ ଗାନ୍ଧୀଙ୍କ ଶାସନ କାଳ ମଧ୍ୟରେ ମଣ୍ଡଳ କମିଶନ ରିପୋର୍ଟ ସମ୍ପୂର୍ଣ୍ଣ ଶୀତଳ ଭଣ୍ଡାରରେ (ଅବହେଳିତ ହୋଇ) ରହିଥିଲା, କାରଣ ସେମାନେ କମିଶନଙ୍କ ସୁପାରିଶଗୁଡ଼ିକୁ ଲାଗୁ କରିବାକୁ ଅନିଚ୍ଛୁକ ଥିଲେ।

୧୯୯୦: ୭ ଅଗଷ୍ଟ ୧୯୯୦ରେ ସଂସଦରେ ପ୍ରଧାନମନ୍ତ୍ରୀ ଭି.ପି. ସିଂଙ୍କ ଐତିହାସିକ ଘୋଷଣା ପରେ, କେନ୍ଦ୍ର ସରକାରଙ୍କ ସମସ୍ତ ସ୍ତରର ଚାକିରିରେ ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ମଣ୍ଡଳ କମିଶନଙ୍କ ୨୭% ସଂରକ୍ଷଣ ସୁପାରିଶକୁ ଲାଗୁ କରିବା ପାଇଁ ଭାରତ ସରକାର ୧୩ ଅଗଷ୍ଟରେ ଏକ ଅଫିସ୍ ମେମୋରାଣ୍ଡମ୍ (କାର୍ଯ୍ୟାଳୟ ସ୍ମାରକପତ୍ର) ଜାରି କରିଥିଲେ। ଏହି ରିପୋର୍ଟର କାର୍ଯ୍ୟକାରିତା ସହିତ, ଓବିସି ବା ଅନ୍ୟାନ୍ୟ ପଛୁଆ ବର୍ଗ ଶବ୍ଦଟି ଭାରତର ସାମାଜିକ ନ୍ୟାୟ ଆନ୍ଦୋଳନର ଶବ୍ଦକୋଷରେ ସ୍ଥାନ ପାଇଥିଲା।



ଭି.ପି. ସିଂ ନିଜର ସ୍ୱାଧୀନତା ଦିବସ ଅଭିଭାଷଣରେ ଏହି ନିର୍ଣ୍ଣୟକୁ ଦୋହରାଇବା ସହ ଏହାର ସମର୍ଥନ କରିଥିଲେ ଏବଂ ଏହାକୁ ସାମାଜିକ ନ୍ୟାୟ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ। ତେବେ, ଏହି ପଦକ୍ଷେପ ଦେଶର ବିଭିନ୍ନ ପ୍ରାନ୍ତରେ ବ୍ୟାପକ ବିରୋଧ ପ୍ରଦର୍ଶନ ସୃଷ୍ଟି କରିଥିଲା, ଯେଉଁଥିରେ ସଂରକ୍ଷଣ ନୀତିର କାର୍ଯ୍ୟକାରିତାକୁ ବିରୋଧ କରୁଥିବା ଛାତ୍ରମାନଙ୍କ ଦ୍ୱାରା ଆତ୍ମହୁତି ଭଳି ଘଟଣା ମଧ୍ୟ ସାମିଲ ଥିଲା।

୧୯୯୨: ସଂରକ୍ଷଣ ନୀତିର କାର୍ଯ୍ୟକାରିତାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା ଏବଂ 'ଇନ୍ଦ୍ରା ସାହାନୀ ବନାମ ଭାରତ ସରକାର' ମାମଲାରେ, କୋର୍ଟ କେତେକ ସର୍ତ୍ତ ସାପେକ୍ଷରେ ଓବିସି ମାନଙ୍କ ପାଇଁ ୨୭% ସଂରକ୍ଷଣର ସାମ୍ବିଧାନିକ ବୈଧତାକୁ କାଏମ ରଖିଥିଲେ।

ମଣ୍ଡଳ କମିଶନ ଆନ୍ଦୋଳନ (୧୯୯୦):୧୯୯୦ ମସିହାର ମଣ୍ଡଳ ବିରୋଧୀ ଆନ୍ଦୋଳନ ସମସାମୟିକ ଭାରତୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା, ଯାହା ଦେଶର ନିର୍ବାଚନୀ ଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଥିଲା। ସେପ୍ଟେମ୍ବର ୧୯୯୦ ରେ ଏହି ଆନ୍ଦୋଳନ ତେଜିଥିଲା-ବିଶେଷ କରି ଦେଶବନ୍ଧୁ କଲେଜର ଛାତ୍ର ରାଜୀବ ଗୋସ୍ୱାମୀଙ୍କ ଦୁଃଖଦ ଆତ୍ମହୁତି ଉଦ୍ୟମ ଏହି ବିକ୍ଷୋଭର ତୀବ୍ରତାକୁ ସାରା ଦେଶର ନଜରକୁ ଆଣିଥିଲା। ଇତିହାସକାର ରାମଚନ୍ଦ୍ର ଗୁହାଙ୍କ ଅନୁସାରେ, ସେହି ସମୟ ମଧ୍ୟରେ ପ୍ରାୟ ୨୦୦ଟି ଏଭଳି ଆତ୍ମହୁତି ଉଦ୍ୟମ ହୋଇଥିଲା, ଯେଉଁଥିରେ ୬୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହି 'ମଣ୍ଡଳ ମୁହୂର୍ତ୍ତ' ଉତ୍ତର ଭାରତର ଭୋଟରମାନଙ୍କୁ ଜାତି ଆଧାରରେ ସମ୍ପୂର୍ଣ୍ଣ ଭାବେ ବିଭାଜିତ କରିଦେଇଥିଲା, ଯାହା ପ୍ରଭାବଶାଳୀ ଏବଂ ଜାତି-ଭିତ୍ତିକ ଆଞ୍ଚଳିକ ଦଳଗୁଡ଼ିକର ଅଭ୍ୟୁଦୟ ପାଇଁ ବାଟ ଫିଟାଇଥିଲା। ଏହି ପରିବର୍ତ୍ତନରୁ ସବୁଠାରୁ ଅଧିକ ଲାଭବାନ ହୋଇଥିବା ଦୁଇଜଣ ପ୍ରମୁଖ ନେତା ଥିଲେ ଲାଲୁ ଯାଦବ ଏବଂ ମୁଲାୟମ ସିଂ ଯାଦବ; ଏହି ଦୁହେଁ ନିଜକୁ ଦୀର୍ଘ ଦିନ ଧରି ସମାଜବାଦୀ ନେତା ଭାବେ ପ୍ରତିଷ୍ଠିତ କରିଥିଲେ, ଯାହାଙ୍କ ରାଜନୀତି ରାମ ମନୋହର ଲୋହିଆଙ୍କ ଆଦର୍ଶ ଉପରେ ଗଭୀର ଭାବେ ଆଧାରିତ ଥିଲା।

ଯାଦବମାନଙ୍କ ବ୍ୟତୀତ, ପରିଚୟ ଭିତ୍ତିକ ରାଜନୀତିର ଏହି ଯୁଗ ମାୟାବତୀଙ୍କ ଭଳି ନେତାମାନଙ୍କ ପାଇଁ ମଧ୍ୟ ରାସ୍ତା ସହଜ କରିଦେଇଥିଲା। ୧୯୯୫ ମସିହାରେ, ଉତ୍ତର ପ୍ରଦେଶରେ ତାଙ୍କର ବିଜୟ ତାଙ୍କୁ ଭାରତର ପ୍ରଥମ ମହିଳା ଅନୁସୂଚିତ ଜାତିର ମୁଖ୍ୟମନ୍ତ୍ରୀ କରାଇଥିଲା, ଯାହା ଦଳିତ ରାଜନୈତିକ ସ୍ୱର ପାଇଁ ଏକ ବଡ଼ ସଫଳତାର ସଂକେତ ଥିଲା। ଶେଷରେ, ମଣ୍ଡଳ କମିଶନଙ୍କ କାହାଣୀ ହେଉଛି ନିଜର ଗଣତାନ୍ତ୍ରିକ ଆଦର୍ଶ ଏବଂ ସାମାଜିକ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଭାରତରେ ଚାଲିଥିବା ପ୍ରୟାସର ଏକ କାହାଣୀ। ଏହା କଦାପି ଐତିହାସିକ ଅସମାନତାର ଏକ ତତ୍କାଳୀନ ସମାଧାନ ନଥିଲା, ବରଂ ଶତାବ୍ଦୀ ଧରି ଦେଶକୁ ପରିଭାଷିତ କରିଆସିଥିବା ବାସନ୍ଦ ବା ବାଦ୍ ପଡ଼ିବାର ଚକ୍ରକୁ ଭାଙ୍ଗିବା ପାଇଁ ଡିଜାଇନ କରାଯାଇଥିବା ଏକ ସାଙ୍ଗଠନିକ ବ୍ୟବସ୍ଥା ଥିଲା।

ବିଧାୟକ, ଆଠଗଡ଼

# ବଦଳୁଛି ଗଣତନ୍ତ୍ରର ମୌଳିକତା

**କିଶୋର ଚନ୍ଦ୍ର ବେହେରା**



ସଂଗ୍ରାମ ବିନା ମୁକ୍ତି ତଥା ସ୍ୱାଧୀନତା ସମ୍ଭବ ନଥିଲା। ଆଜି ଯେଉଁ ସ୍ୱାଧୀନତାର ସ୍ୱାଦକୁ ପ୍ରତ୍ୟେକ ଭାରତୀୟ ଅନୁଭବ କରୁଛନ୍ତି, ତାହା ବର୍ଷ ବର୍ଷର ସଂଗ୍ରାମ। କାରଣ ସ୍ୱାଧୀନତା ହେଉଛି ଦେଶ ଓ ଜାତିର ଅମୂଲ୍ୟ ସମ୍ପଦ। ଏହାକୁ ପାଇବା ପାଇଁ କେତେକ ଯେ କଷ୍ଟ କରାଯାଇଛି, ତାହା ପ୍ରତ୍ୟେକ ଭାରତୀୟଙ୍କୁ ଜଣା। ମହାତ୍ମାଗାନ୍ଧୀଙ୍କ ଡାକରାରେ ସମସ୍ତ ଦେଶବାସୀ ଯେତେବେଳେ ସ୍ୱାଧୀନତାର ଆନ୍ଦୋଳନରେ ଝାସ ଦେଇଥିଲେ, ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଯାଇଥିଲା ଇଂରେଜଙ୍କ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏବଂ ଏହି ମୁକ୍ତିର ଆନ୍ଦୋଳନରେ ଓଡ଼ିଶାର ଅବଦାନ ଅତି ଗୁରୁତ୍ୱପୂର୍ଣ୍ଣ। ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ଓଡ଼ିଶା ଏକ ପ୍ରମୁଖ ଓ ଗୌରବମୟ ଭୂମିକା ଗ୍ରହଣ କରିଥିଲା। ଏହି ଆନ୍ଦୋଳନରେ ହରେକୃଷ୍ଣ ମହତାବ, ଲକ୍ଷ୍ମଣ ନାୟକ ଏବଂ ପାର୍ବତୀ ଗିରି ଭଳି ମହାନ ନେତାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବ୍ରିଟିଶ ବିରୋଧୀ ସଂଗ୍ରାମକୁ ଜୋରଦାର କରିଥିଲେ। ବର୍ଷ ବର୍ଷ ଧରି ଦାସତ୍ୱର ଶିକୁଳିରେ ବନ୍ଧା ହୋଇଥିବା ଭାରତ ୧୯୪୭ ମସିହାରେ ସ୍ୱାଧୀନ ହୋଇଥିଲା। ଏହି ସ୍ୱାଧୀନତା ଲକ୍ଷ ଲକ୍ଷ ଲୋକଙ୍କ ବଳିଦାନ କାରଣରୁ ସମ୍ଭବ ହୋଇପାରିଥିଲା। ଏହି ମହାନ ଲୋକମାନେ ନିଜର ତନ-ଧନ-ମନ ତ୍ୟାଗ କରି ଦେଶର ସ୍ୱାଧୀନତା ପାଇଁ ସବୁ କିଛି ଭେଟି ଦେଇ ଦେଇଥିଲେ। ସେମାନେ ତାଙ୍କ ପରିବାର, ଘର-ଦ୍ୱାର,ଦୁଖ-ସୁଖକୁ ଭୁଲି ନିଜର ପ୍ରାଣକୁ ଦେଶର ସ୍ୱାଧୀନତା ପାଇଁ ହରାଇ ଥିଲେ। ସ୍ୱତନ୍ତ୍ରତାର ଏହି ଆନ୍ଦୋଳନରେ ଆମ ସମାଜର ସବୁ ବର୍ଗର ଲୋକ ସାମିଲ ହୋଇଥିଲେ। କେବଳ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଆମ ଦେଶ ସ୍ୱାଧୀନରେ ସାମିଲ ହୋଇନଥିଲେ, ବରଂ ଏମିତି ଅନେକ ମହିଳା ସ୍ୱାଧୀନତା ସଂଗ୍ରାମୀ ଥିଲେ ଯେଉଁମାନେ ଦେଶର ସ୍ୱାଧୀନତାରେ ଯୋଗ ଦେଇ ଥିଲେ। ଓଡିଶାର ସେହି ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ସଲାମ, ଯେଉଁମାନେ ଏଥିରେ ସାମିଲ ହୋଇଥିଲେ। କ୍ରାନ୍ତିକାରୀମାନଙ୍କ ମୁଖ୍ୟ ସ୍‌ୱପ୍ନ ଥିଲା ଏକ ସ୍‌ୱାଧୀନ, ସମତାଭିତ୍ତିକ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ କରିବା, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର, ସ୍ୱାଧୀନତା ଏବଂ ଶୋଷଣରୁ ମୁକ୍ତି ମିଳିପାରିବ। ଜାତି, ଧର୍ମ କିମ୍ବା ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଅଧିକାର। ଦରିଦ୍ର ଓ ଅବହେଳିତ ବର୍ଗଙ୍କ ଉପରେ ଚାଲିଥିବା ଅନ୍ୟାୟ ଓ ଶୋଷଣର ଅନ୍ତ। ରାଜା କିମ୍ବା ବିଦେଶୀ ଶାସକଙ୍କ ବଦଳରେ ଲୋକଙ୍କ ଦ୍ୱାରା ନିର୍ବାଚିତ ଶାସନ ବ୍ୟବସ୍ଥା। ମୌଳିକ ଅଧିକାରର ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କୁ ବାକ୍ ସ୍ୱାଧୀନତା ଏବଂ ନିରାପତ୍ତା ପ୍ରଦାନ। ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ସଂଗଠିତ ଜନମତରୁ ଗଣତନ୍ତ୍ରର ସୃଷ୍ଟି । ଜନଚେତନା ଓ ବୌଦ୍ଧିକ ଚେତନାର ମିଶ୍ରଣରୁ ଜନ୍ମନିଏ ଆଜିର ଗଣତାନ୍ତ୍ରିକ ଚିନ୍ତାଧାରା । ସମ୍ରାଟଙ୍କ ଅଖଣ୍ଡ ଆଧିପତ୍ୟକୁ ଜନସାଧାରଣ ଗ୍ରହଣ କରିବାକୁ ଅନିଚ୍ଛୁକ ହେବାରୁ ସ୍ୱତନ୍ତ୍ରତା ଓ ନ୍ୟାୟ । ଇଂଲାଣ୍ଡର ୧୬୮୮ ମସିହାର ଗ୍ଲୋରିୟସ ବିପ୍ଳବ , ୧୭୭୬ ମସିହାର ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ୧୭୮୯ ମସିହାର ଫରାସୀ ବିପ୍ଳବ ବିଶ୍ୱ -ଇତିହାସକୁ ଓଲଟ ପାଲଟ କରିଦେଲା । ଅସୀମ ରାଜତନ୍ତ୍ର ସମାଧିରୁ ଜନ୍ମନେଲା ଗଣତନ୍ତ୍ର । ଏହା ମାତ୍ର ୪୦୦ ବର୍ଷ ତଳର କଥା । ଜନସାଧାରଣଙ୍କ ଦାବି ପୂରଣ ହେଲା ଓ ସେମାନେ ପାଇଲେ " ସାର୍ବଭୌମ ଶାସନ କ୍ଷମତା"। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜନସାଧାରଣ ଏକଥା ସ୍ପଷ୍ଟ ବୁଝିପାରିଲେ ଯେ କ୍ଷମତାର ଦୁଇଟି ଉତ୍ସ - ଯଥା ଜନମତ ଓ ଜନସମ୍ମତି ହେଉଛି ଗଣତନ୍ତ୍ରର ଭିତ୍ତିଭୂମି। ବିଳମ୍ବରେ ହେଲେ ବି ଗଣତନ୍ତ୍ରରେ ସମସ୍ତ ନିଷ୍ପତ୍ତି ଆଲୋଚନା ଓ ବିତର୍କ ମାଧ୍ୟମରେ ନିଆଯାଏ। ଏହା ଏକ ଶିକ୍ଷଣୀଯ ଶାସନ ବ୍ୟବସ୍ଥା , ଯାହାକି ଜନସାଧାରଣଙ୍କୁ ରାଜନୈତିକ ନେତୃତ୍ୱ ଓ ଦାୟିତ୍ୱ ସମ୍ପର୍କରେ ଶିକ୍ଷିତ କରିଥାଏ। ଗଣତନ୍ତ୍ରରେ ସୃଷ୍ଟି ହେଉଥିବା ଭେଦଭାବ ଓ କନ୍ଦଳର ସମାଧାନ କେବଳ ଏକ ଶାନ୍ତ ପରିବେଶରେ ଆଲୋଚନା ମାଧ୍ୟମରେ ସମ୍ଭବ ହୁଏ। ଗଣତନ୍ତ୍ରରେ କେହି ସର୍ବଦା ଲାଭ ବା କ୍ଷତି ସହନ୍ତି ନାହିଁ। ଗଣତନ୍ତ୍ରରେ ବ୍ୟକ୍ତିର ଅଧିକାର , ସମାନତା ଓ ବ୍ୟକ୍ତି ପଦମର୍ଯ୍ୟାଦା ସୁରକ୍ଷିତ ରହେ।

ଅଗଷ୍ଟ କ୍ରାନ୍ତି ଦିବସ। ଭାରତର ସ୍ୱାଧିନତା ଆନ୍ଦୋଳନ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଦିନ। ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଭାରତକୁ ବ୍ରିଟିଶ ମୁକ୍ତ କରିବା ପାଇଁ ଭାରତଛାଡ଼ ଆନ୍ଦୋଳନ ଡାକରା ଦେଇଥିଲେ ଜାତିର ପିତା ମହାତ୍ମା ଗାନ୍ଧି। ଏହାପରେ ଭାରତବାସୀ ଏକଜୁଟ୍ ହୋଇ ଗୋରା ସାହେବଙ୍କ ବିରୋଧରେ ଲଢ଼େଇ କରିଥିଲେ। ମୁମ୍ବାଇର ଅରୁଣା ଆସିଫ ଅଲ୍ଲୀ ଗ୍ୱାଲିଆ କ୍ରାନ୍ତି ମଇଦାନରେ ପତାକା ଉଡ଼ାଇ ଆନ୍ଦୋଳନ ପାଇଁ ଶଙ୍ଖଧ୍ୱନି ଦେଇଥିଲେ। ଏହି ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା। ଆଜି ସେହି ମହାନ ସଂକଳ୍ପର ସ୍ମୃତି ଚାରଣ କରୁଛି ଭାରତ ବର୍ଷ। ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ। ଇତିହାସକୁ ମନେ ପକାଇ ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ଦେଶ ପାଳୁଛି କ୍ରାନ୍ତି ଦିବସ। ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିନ୍ତାଧାରା ଦେଶପ୍ରେମ, ଜାତୀୟତାବୋଧ, ଅହିଂସା, ସାମଜିକ ସମତା ଏବଂ ସ୍ୱରାଜ ଉପରେ ପର୍ଯ୍ୟବସିତ ଥିଲା। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଦେଶକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଏକ ସ୍ୱାଧୀନ, ଆତ୍ମନିର୍ଭରଶୀଳ ଏବଂ ଏକତାବଦ୍ଧ ଭାରତ ଗଠନ କରିବା। ସୁଦୃଢ଼ ଗଣତନ୍ତ୍ରର ସ୍ଥାପନ ନିମନ୍ତେ ଦେଖିଥିଲେ ଅସୁମାରୀ ସ୍ୱପ୍ନ। ସମସ୍ତ ପରିକଳ୍ପନାର ବାସ୍ତବତାକୁ ଧୂଳି ସାତ କରିଦେଲାଣି ଆଜିର ଚତୁର ସଭ୍ୟତାର ନାଗରିକ ବୃନ୍ଦ। ଗଣତନ୍ତ୍ର କେବଳ ନାମକୁ ମାତ୍ର କାରଣ ଏ ଦେଶର ଜନତାଙ୍କ ଭିତରେ ଗରିବ ହେବାଲାଗି ଗଣଦୌଡ଼। ନାଁ କେମିତି ପଡିକାର୍ଡରେ ରହିବ, କେମିତି ମିଳିବ ଇନ୍ଦିରା ଆବାସ, କେମିତି ମିଳିବ ବିଭିନ୍ନ ସବ୍‌ସିଡି ଏଇଥିରେ ବିତିଯାଏ ଜନତାର ଜୀବନ। ତା' ଭିତରେ ସେ ଭୁଲିଯାଏ ସେ ଦେଶର ମାଲିକ ବୋଲି। ସାମୁହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଆଜିର ସମାଜରେ ଗଣତନ୍ତ୍ର ପ୍ରତି ଲୋକଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ଏବଂ ନୈରାଶ୍ୟର ଏହା ଏକ ପ୍ରତିଫଳନ। ନିର୍ବାଚନ, ସ୍ୱାଧୀନତା ଏବଂ ଜନକଲ୍ୟାଣ ନାମରେ ଚାଲିଥିବା ବ୍ୟବସ୍ଥା ପ୍ରତି ଯେତେବେଳେ ସାଧାରଣ ଜନତାଙ୍କ ଆସ୍ଥା ତୁଟେ, ସେତେବେଳେ ଏଭଳି ଚିନ୍ତାଧାରା ପ୍ରକାଶ ପାଇଥାଏ।

୨୦୪୭ ସୁଦ୍ଧା ବିକଶିତ ଭାରତର ପରିକଳ୍ପନାକୁ ଆଗେଇ ନେବାରେ ପ୍ରତ୍ୟେକ ନାଗରିକଙ୍କୁ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିବାକୁ ପଡ଼ିବ। ନାଗରିକମାନଙ୍କୁ ସେମାନଙ୍କ ଆଇନଗତ ଅଧିକାର ଏବଂ ଦାୟିତ୍ୱ ବିଷୟରେ ଜ୍ଞାନ ସହିତ ସଶକ୍ତ କରିବା, ଆଇନଗତ ଅନୁପାଳନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶରେ ଆଇନର ଶାସନକୁ ସୁଦୃଢ଼ କରିବା ପାଇଁ କ୍ରାନ୍ତିକାରୀଙ୍କ ଗଣତାନ୍ତ୍ରିକ ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରିବା। ଆମର ବ୍ୟକ୍ତିଗତ କାର୍ଯ୍ୟରୁ ଉର୍ଦ୍ଧ୍ୱକୁ ଉଠି ପ୍ରଗତି, ଅନ୍ତର୍ଭୁକ୍ତୀକରଣ ଏବଂ ଧାରଣୀୟ ବିକାଶର ସ୍ତମ୍ଭ ଉପରେ ନିର୍ମିତ ହୋଇଥିବା ଏକ ରାଷ୍ଟ୍ର ଗଠନ ପାଇଁ ହାତ ମିଳାଇବାର ଏକ ଆନ୍ତରିକ ସଂକଳ୍ପ। ଭାରତର ଜନକଲ୍ୟାଣକାରୀ ଏବଂ ସମାବେଶୀ ନୀତି ସାଧାରଣ ମଣିଷର ଜୀବନଶୈଳୀକୁ ସୁରକ୍ଷିତ ଓ ଦୃଢ଼ କରିଛି। ମହିଳା, ଯୁବପିଢ଼ି ତଥା ବଞ୍ଚିତ ବର୍ଗର ଲୋକମାନେ ଆଜି ଆଶା ଓ ଉତ୍ସାହର ସହ ନିଜ ପରିବାର ଏବଂ ସମାଜ ପାଇଁ ମୂଲ୍ୟବାନ ଯୋଗଦାନ ରଖୁଛନ୍ତି। କିନ୍ତୁ, ଭାରତବର୍ଷର ପ୍ରଗତିରେ ଭ୍ରଷ୍ଟାଚାର, ବଂଶବାଦ ଓ ତୁଷ୍ଟୀକରଣ ମନୋବୃତ୍ତି ଆଧାରିତ ରାଜନୀତି ବାଧକ ସାଜିଛି। ଏହିସବୁ ବିଷୟ, ଦେଶକୁ ଏକ ପ୍ରଗତିଶୀଳ, ବିକଶିତ ଏବଂ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଗଢି ତୋଳିବାର ପ୍ରକ୍ରିୟାରେ ବାଧକ ହୋଇଛି। ସାଧାରଣ ଭାରତୀୟମାନଙ୍କର ନ୍ୟାୟପୂର୍ଣ୍ଣ, ଭ୍ରଷ୍ଟାଚାର ତଥା ଅରାଜକତା ମୁକ୍ତ ଶାସନ ପାଇବାରେ ପ୍ରତିବନ୍ଧକ ସାଜୁଛି। ତେଣୁ ଗାନ୍ଧିଜୀଙ୍କ ୧୯୪୨ର ଭାରତ ଛାଡ ଆନ୍ଦୋଳନର ପ୍ରାସଙ୍ଗିକତା ଆଜି ଆହୁରି ବଢିଯାଇଛି ବୋଲି ସଚେତନ ନାଗରିକମାନେ ଚିନ୍ତା ପ୍ରକଟ କରିଛନ୍ତି। ଭ୍ରଷ୍ଟାଚାରୀ, ବଂଶବାଦୀ ଓ ତୁଷ୍ଟିକରଣ ରାଜନୀତି କରୁଥିବା ଅପଶକ୍ତିମାନଙ୍କ ଠାରୁ ଭାରତକୁ ସୁରକ୍ଷିତ ରଖିବା ପାଇଁ ଆଜିର ଦିନରେ ସଂକଳ୍ପ ନେବା। ଏହି ନୂତନ ଭାରତ ଛାଡ ଆନ୍ଦୋଳନ ହିଁ ଗାନ୍ଧିଜୀଙ୍କ ପରିକଳ୍ପିତ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ବିକଶିତ ଭାରତବର୍ଷ ନିର୍ମାଣକୁ ସୁନିଶ୍ଚିତ କରିବ ବୋଲି ଆଶା ଓ ବିଶ୍ୱାସ ରହିଛି।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋବାଇଲ୍:୯୪୩୭୯୫୫୫୬୮

# ଡ୍ରାଫ୍ଟ ପର୍ଯ୍ୟାୟରେ ଅଛି ହର୍ମୁଜର ସମାଧାନ




ତେହରାନ, ୬।୮: ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘଚି କହିଛନ୍ତି ଯେ, ତେହେରାନ ଓ ମସ୍କାଟ ହର୍ମୁଜ ପ୍ରଣାଳୀ ଦେଇ ଏକ ଜାହାଜ ଚଳାଚଳ ମାର୍ଗର ଭୌଗୋଳିକ ସମନ୍ୱୟ ଉପରେ ସମାଧାନ କରିଛନ୍ତି। ଏହା ଏକ ଡ୍ରାଫ୍ଟ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଅଛି। ଇରାନ ହର୍ମୁଜ୍ ପ୍ରଣାଳୀରେ ଯାତାୟାତ ଉପରେ ନିଜର ନିୟନ୍ତ୍ରଣ ବଜାୟ ରଖିବା ନୀତିରେ ଅଟଳ ରହିଛି। ତେବେ ଆମେରିକା ଏବଂ ଏହାର କିଛି ଆଞ୍ଚଳିକ ସହଯୋଗୀ ଏହା ନ ହେଉ ବୋଲି ଚାହୁଁଛନ୍ତି। ସେ କାହାର ନାମ ନନେଇ କହିଛନ୍ତି, ପ୍ରକ୍ରିୟାରେ କିଛି ନିର୍ଦ୍ଦିଷ୍ଟ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ବିନା ଆଗକୁ ବଢ଼ିବାକୁ ପଡିବ। ଆସୋସିଏଟେଡ୍ ପ୍ରେସ୍ ଅନୁସାରେ ଏହା ଯୁକ୍ତରାଷ୍ଟ୍ରକୁ ବୁଝାଉଥିବା ପରି ମନେ ହେଉଛି । ଆଲୋଚନା ବିଷୟରେ ସୂଚନା ଦେଇଥିବା ଦୁଇ ଆଞ୍ଚଳିକ ଅଧିକାରୀ କହିଛନ୍ତି, ଦୁଇ ଦେଶର ଆଲୋଚନାକାରୀମାନେ ଏବେ ଚୁକ୍ତିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତାବା ଖେମିନିଙ୍କ ସ୍ୱାକ୍ଷରକୁ ଅପେକ୍ଷା କରିଛନ୍ତି। ଯୁଦ୍ଧର ପ୍ରାରମ୍ଭିକ ଦିନଠାରୁ ମୋଜତାବା ସାଧାରଣରେ ଦେଖାଯାଇ ନାହାନ୍ତି। ସେ ଆହତ ହୋଇଥିବା ଅନୁମାନ କରାଯାଉଛି।

ଇରାନର ବିବୃତିର କିଛି ଘଣ୍ଟା ପୂର୍ବରୁ ଲସ୍ ଆଞ୍ଜେଲସ୍‌ରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନ ସହିତ ଏକ ଚୁକ୍ତି ସମ୍ପର୍କରେ ଘୋଷଣା ୪୮ ଘଣ୍ଟା ମଧ୍ୟରେ ଆସିପାରେ। ସେ କହିଥିଲେ ଯେ, ଆଲୋଚନାରେ ବହୁ ଅଗ୍ରଗତି ହୋଇଛି। ଯୁଦ୍ଧ ପୂର୍ବରୁ ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ବାଣିଜ୍ୟ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ହେଉଥିଲା ଏବଂ ପାଞ୍ଚ ମାସରୁ ଅଧିକ ସମୟ ଧରି ଏହି ମାର୍ଗ ବନ୍ଦ ହେବା ଯୋଗୁଁ ବିଶ୍ୱ ଶକ୍ତି ମୂଲ୍ୟ ବୃଦ୍ଧି ପାଇଛି। ଫେବୃଆରି ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ମିଳିତ ଆକ୍ରମଣ ପରଠାରୁ ଇରାନ ଜଳପଥ ଉପରେ ନିୟନ୍ତ୍ରଣ ରଖିଛି ଏବଂ ଏହା ବିନା ଅନୁମତିରେ ପାର୍ ହେଉଥିବା ବାଣିଜ୍ୟିକ ଜାହାଜ ଉପରେ ଗୁଳି ଚଳାଉଛି। ଯୁଦ୍ଧ ପୂର୍ବରୁ ଜାହାଜଗୁଡ଼ିକ କୌଣସି ଶୁଳ୍କ କିମ୍ବା ଅନୁମତି ବିନା ମୁକ୍ତ ଭାବରେ ହର୍ମୁଜ୍‌ରେ ପରିବହନ କରୁଥିଲେ।

## ଆମେ ହର୍ମୁଜ ଚୁକ୍ତିର ନିକଟତର: ଟ୍ରମ୍ପ



ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥକୁ ପୁନର୍ବାର ଖୋଲିବା ପାଇଁ ଚଳିତ ସପ୍ତାହରେ ଏକ ଚୁକ୍ତି ହୋଇପାରେ। ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି ଏବଂ ଆଗାମୀ ଦୁଇ ଦିନ ମଧ୍ୟରେ ଏକ ବଡ଼ ଚୁକ୍ତି ହୋଇପାରେ। ଆମେ ହର୍ମୁଜ୍ ଚୁକ୍ତିର ନିକଟତର, କିନ୍ତୁ ଜଣଙ୍କୁ କିମ୍ବା ଉଭୟଙ୍କୁ ପଛକୁ ହଟିବାକୁ ପଡିବ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ଇରାନ ଏବଂ ଓମାନ ଦୀର୍ଘ ଦିନ ଧରି ହର୍ମୁଜ୍ ପ୍ରଣାଳୀ ଖୋଲିବା ନେଇ ଆଲୋଚନା କରୁଛନ୍ତି, ଯାହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଟ୍ରମ୍ପ ପୂର୍ବରୁ ହର୍ମୁଜ୍ ପ୍ରଣାଳୀ ଖୋଲିବା ପାଇଁ ମଧ୍ୟ ଦାବି କରିଛନ୍ତି। କିନ୍ତୁ ତାଙ୍କ ଦାବି ପରେ ବି ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ଜାରି ରହିଛି। ଏବେ ଅନୁମାନ କରାଯାଉଛି ଯେ, ଓମାନ ଏହି ଗୁରୁତ୍ୱପୂର୍ଣ୍ଣ ପଥ ଖୋଲିବା ପାଇଁ ଇରାନକୁ ରାଜି କରାଇଛି।

# ଆସାମରେ ବନ୍ୟା ତାଣ୍ଡବ, ୯୫ ମୃତ



ଗୁଆହାଟୀ, ୬।୮: ଆସାମରେ ପୁଣି ଥରେ ମୌସୁମୀ ବନ୍ୟା ତାଣ୍ଡବ ରଚିଛି। ରାଜ୍ୟରେ ବନ୍ୟା ଓ ବର୍ଷା ଯୋଗୁଁ ମୃତ୍ୟୁ ସଂଖ୍ୟା ୯୫ ରେ ପହଞ୍ଚିଛି। ସଦ୍ୟତମ ବନ୍ୟାରେ ୫୬୩ ଗାଁର ଲକ୍ଷେ ୬୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଶିବସାଗର ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ଶୀର୍ଷରେ ରହିଛି। ଅନେକ ଅଞ୍ଚଳରେ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ଓ ବନ୍ଧ ଭାଙ୍ଗି ପରିସ୍ଥିତିକୁ ଆହୁରି ଖରାପ କରିଛି। ପ୍ରାୟ ୧ପ୍ରାୟ ୮,୫୦୦ ଭାସି ଯାଇଛନ୍ତି। ହଜାର ହଜାର ଲୋକ ୪୫ଟି ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହା ସହିତ ୫୯ଟି ବଣ୍ଟନ କେନ୍ଦ୍ର ମାଧ୍ୟମରେ ୩୨,୦୦୦ରୁ ଅଧିକ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଉଛି। ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଚାଉଳ, ଡାଲି, ଲୁଣ ଏବଂ ପଶୁ ଖାଦ୍ୟ ପଠାଯାଉଛି।

ଚଳିତ ଥର ଆସାମରେ ବର୍ଷା ଅନେକ ପରିବାରର ଖୁସିକୁ ଛଡ଼ାଇ ନେଇଛି। ସବୁ ଭସାଇ ନେଲା, ଆଖିରେ ଲୁହ ଦେଇଛି। କିଛି ସ୍ଥାନରେ ପାଣି ଘରେ ପଶି ଲୋକଙ୍କ କଷ୍ଟ ଅର୍ଜିତ ଜିନିଷପତ୍ର ନଷ୍ଟ କରିଦେଇଛି। କ୍ଷେତରେ ପାଣି ପଶିଯାଇଛି, ଯାହା ଫଳରେ ଚାଷୀମାନେ ସେମାନଙ୍କର ପରବର୍ତ୍ତୀ ଫସଲ ପାଇଁ ଚିନ୍ତିତ ଅଛନ୍ତି। ୧୪ ଜିଲ୍ଲାରେ ବନ୍ୟା ଯୋଗୁଁ ସଙ୍କଟ ସୃଷ୍ଟି ହୋଇଛି। ଶହ ଶହ ଗ୍ରାମ ପାଣି ଘେରି ରହିଛି। ଅନେକ ପରିବାର ରିଲିଫ୍ ଶିବିରରେ ରହିବାକୁ ବାଧ୍ୟ ହୋଇଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଶିବସାଗରରେ ୫୭ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି।

## ଦୁବାଇ ବିସ୍ଫୋରଣରେ କେରଳ ଯୁବକ ମୃତ



ଦୁବାଇ, ୬।୮: ଚଳିତ ସପ୍ତାହରେ ଦୁବାଇର ଏକ କାର୍ ସୋ'ରୁମ୍‌ରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣେ ୨୭ ବର୍ଷୀୟ ଭାରତୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ଗଲ୍ଫ ନ୍ୟୁଜ୍‌ର ଏକ ରିପୋର୍ଟ ଅନୁଯାୟୀ, କେରଳର କୋଲ୍ଲାମ ଜିଲ୍ଲାର କୋଟ୍ଟାରକ୍କାରାର ବାସିନ୍ଦା ଶିଜିନ୍ ପଲ୍ ଜଣେ ମଲ୍ଟିମିଡିଆ ମାର୍କେଟିଂ ବିଶେଷଜ୍ଞ ଥିଲେ ଓ ଦୁବାଇର ଶେଖ ଜାଏଦ ରୋଡ଼ରେ ଅବସ୍ଥିତ ଶୋ'ରୁମ୍‌ରେ ସୋସିଆଲ ମିଡିଆ ଓ ଭିଡିଓଗ୍ରାଫି ଦାୟିତ୍ୱରେ ଥିଲେ। ରିପୋର୍ଟ ଅନୁଯାୟୀ, ବିସ୍ଫୋରଣରେ ଅନ୍ୟ ୫ ଜଣ ଆହତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶିଜିନ୍‌ଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ବାପାମା' ଓ ପତ୍ନୀ ଅଛନ୍ତି। ଦୁବାଇସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଶିଜିନ୍ ପଲ୍‌ଙ୍କ ମୃତଦେହ ସ୍ୱଦେଶ ଫେରାଇ ଆଣିବାକୁ ଦୂତାବାସ ପକ୍ଷରୁ ତାଙ୍କ ପରିବାର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛି।

## ଆଶାରାମଙ୍କ ଅନ୍ତରୀଣ ଜାମିନ ନାମଞ୍ଜୁର



ନୂଆଦିଲ୍ଲୀ, ୬।୮: ଆଶାରାମ ବାପୁଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ମିଳିଛି। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେବାକୁ ମନା କରିଦେଇଛନ୍ତି। ସେ ଅସୁସ୍ଥତା କାରଣରୁ ଜାମିନ ପାଇଁ ଆବେଦନ କରିଥିଲେ। ଯୋଧପୁରର ଏମ୍ସରୁ ଏକ ଡାକ୍ତରୀ ରିପୋର୍ଟ ଆଧାରରେ କୋର୍ଟ ଜାମିନକୁ ଅନାବଶ୍ୟକ ବୋଲି ବିବେଚନା କରିଛନ୍ତି। ସୁପ୍ରିମକୋର୍ଟ ଏହି ଆବେଦନକୁ ନିଜ ପାଖରେ ରଖିଛନ୍ତି ଓ କହିଛନ୍ତି ଯେ ଯଦି ତାଙ୍କ ଅବସ୍ଥା ଖରାପ ହୁଏ ତେବେ ସେ ପୁଣି ଥରେ ଜାମିନ ଆବେଦନ କରିପାରିବେ। ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କୁ ଏହା ମଧ୍ୟ ଅବଗତ କରାଯାଇଥିଲା ଯେ ଆଶାରାମଙ୍କୁ ବର୍ତ୍ତମାନ ହାଇକୋର୍ଟ ୨୦ ଦିନର ପାରୋଲ ପ୍ରଦାନ କରିଛନ୍ତି।

## ଲତିଫ୍ ବିଷୟରେ ସୂଚନା ଦେଲେ ୧୫ ଲକ୍ଷ




ଶ୍ରୀନଗର, ୬।୮: ଜାମ୍ମୁ-କାଶ୍ମୀରରେ ଘଟିଥିବା ଦୁଇଟି ପୃଥକ୍ ଆତଙ୍କବାଦୀ ଆକ୍ରମଣ ପଛରେ ରହିଥିବା ଲସ୍କର-ଇ-ତୋଇବା ଆତଙ୍କବାଦୀ ମହମ୍ମଦ ଲତିଫ୍ ଭଟ୍ଟର ସୂଚନା ଦେବା ପାଇଁ ଜାମ୍ମୁ-କାଶ୍ମୀର ପୁଲିସ ୧୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି। ୨୨ ବର୍ଷୀୟ ଏହି ପଳାତକ ଆତଙ୍କବାଦୀକୁ ଧରାଇବା ପାଇଁ ଶ୍ରୀନଗର ସମେତ କାଶ୍ମୀର ଉପତ୍ୟକାର ବିଭିନ୍ନ ପ୍ରମୁଖ ସ୍ଥାନଗୁଡ଼ିକରେ ତାଙ୍କର ଫଟୋ ଥିବା ପୋଷ୍ଟର ମାରି ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁଲାଇ ୨୨ରେ ଅନନ୍ତନାଗର ଲାଲଚୌକରେ ପୁଲିସ କର୍ମଚାରୀ ଆଶିକ୍ ହୁସେନ କୁରେଶୀଙ୍କୁ ହତ୍ୟା ଓ ଜୁଲାଇ ୩୧ରେ କୁଲଗାମର ଏକ ଇଟା ଭାଟିରେ ଛତିଶଗଡ଼ର ଦୁଇଜଣ ଶ୍ରମିକଙ୍କୁ ହତ୍ୟା ଘଟଣାର ତଦନ୍ତ ବେଳେ ଲତିଫର ନାମ ସାମ୍ନାକୁ ଆସିଛି। ଗତବର୍ଷ ଆତଙ୍କବାଦୀ ସଂଗଠନରେ ଯୋଗ ଦେଇଥିବା ଲତିଫ୍, ଗତମାସରେ ଶୋପିଆନଠାରେ ସୁରକ୍ଷା ବାହିନୀ ସହ ହୋଇଥିବା ଏନକାଉଣ୍ଟର ସମୟରେ ଅନ୍ୟ ଜଣେ ଆତଙ୍କବାଦୀ ଜାକିର ଅହମ୍ମଦ ସହ ଫସି ରହିଥିଲା।

## କେଜ୍ରିୱାଲଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ବନ୍ଦ



ନୂଆଦିଲ୍ଲୀ, ୬।୮: ଆମ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଗୁରୁବାର ସକାଳେ ଦାବି କରିଛନ୍ତି ଯେ, ମେଟା କୌଣସି ସ୍ପଷ୍ଟୀକରଣ ନ ଦେଇ ଭାରତରେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଉପରେ କଟକଣା ଲଗାଇଛି। କେଜ୍ରିୱାଲ ଅଭିଯୋଗ କରିଛନ୍ତି ଯେ, କମ୍ପାନିର ଭାରତ କାର୍ଯ୍ୟାଳୟକୁ ସ୍ପଷ୍ଟୀକରଣ ମାଗିବାକୁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ଦିଆଯାଇନାହିଁ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କେଜ୍ରିୱାଲ ମେଟା ଓ ମେଟା ଇଣ୍ଡିଆକୁ ଟ୍ୟାଗ୍ କରି କହିଥିଲେ ଯେ, ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଭାରତରେ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ନାହିଁ। ମେଟା କାର୍ଯ୍ୟାଳୟରେ କେହି ଏହାର କାରଣ କହୁନାହାନ୍ତି। କଟକଣା କିପରି ହଟିବ ତାହା ମଧ୍ୟ କୁହାଯାଉନାହିଁ। କେଜ୍ରିୱାଲ ମେଟା ଉପରେ ଅଭିଯୋଗ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗରେ ଏତେ ନତମସ୍ତକ ହୁଅନି ଯେ, ଦିନେ ସେ ତୁମକୁ କେବଳ ସେମାନଙ୍କ ଆକାଉଣ୍ଟ ଚଳାଇବାକୁ ଅନୁମତି ଦେବେ। କେଜରିୱାଲ ଆହୁରି କହିଥିଲେ ଯେ, ଏହା ବହୁତ ଖରାପ ସେବା। କେଜ୍ରିୱାଲ ଗତ କିଛି ଦିନ ଧରି ଇ୨୦ ପେଟ୍ରୋଲକୁ ନେଇ ସରକାରଙ୍କୁ ଘେରିବାରେ ଲାଗିଛନ୍ତି।

## ସଡ଼କ ଦୁର୍ଘଟଣାରେ ଅତିକ ଅହମ୍ମଦର ପୁଅ ମୃତ

ନୂଆଦିଲ୍ଲୀ, ୬।୮: ଉତ୍ତରପ୍ରଦେଶର ଝାନ୍ସୀଠାରେ ଏକ ସଡ଼କ ଦୁର୍ଘଟଣାରେ ଗ୍ୟାଙ୍ଗଷ୍ଟରରୁ ନେତା ବନିଥିବା ଅତିକ୍ ଅହମ୍ମଦର ପୁଅ ଅବାନର ମୃତ୍ୟୁ ଘଟିଛି। ଗୁରୁବାର ତାଙ୍କ କାର୍ ନିୟନ୍ତ୍ରଣ ହରାଇ ଏକ ଡିଭାଇଡର ସହ ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି। ଏହି ଘଟଣାରେ ଅବାନଙ୍କ ସହ ତାଙ୍କ ବନ୍ଧୁ ସୋନୁଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ଝାନ୍ସୀ ଏସଏସପି ସ୍ପଷ୍ଟ କରିଛନ୍ତି। ଗୋଟିଏ ହୁଣ୍ଡାଇ କ୍ରେଟା କାର୍ରେ ମୋଟ ୫ ଜଣ ଯାତ୍ରୀ ପ୍ରୟାଗରାଜରୁ ଝାନ୍ସୀ ଆଡ଼କୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣା ପୂର୍ବରୁ ଅତିକ୍ ଅହମ୍ମଦ ପରିବାରର ଅନେକ ସଦସ୍ୟ ହିଂସାତ୍ମକ ଘଟଣାରେ ପ୍ରାଣ ହରାଇସାରିଛନ୍ତି।

### ଭାରତ-ନେପାଳ ସୀମାନ୍ତରେ ଉତ୍ତେଜନା

## ଏସ୍ଏସ୍‌ବି ବାହିନୀ ଉପରେ ପଥରମାଡ଼



ବାଲ୍ମୀକିନଗର, ୬।୮: ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲା ସଂଲଗ୍ନ ଭାରତ-ନେପାଳ ସୀମାନ୍ତ ସୁସ୍ତା ସେକ୍ଟରରେ ପୁଣିଥରେ ସୀମା ବିବାଦକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଭାରତୀୟ ସୀମା ଭିତରକୁ ଏକ ମାଟି ବନ୍ଧ ସମ୍ପ୍ରସାରଣ କରିବା ସହ ସଶସ୍ତ୍ର ସୀମା ବଳ (ଏସଏସବି) ଯବାନଙ୍କ ଉପରେ ପଥରମାଡ଼ କରିବା ଅଭିଯୋଗରେ ନେପାଳର ସୁସ୍ତା ଗ୍ରାମର ୧୫୦ ରୁ ୨୦୦ ଜଣ ଅଜ୍ଞାତ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ରାମପୁରୱାଠାରେ ଅବସ୍ଥାପିତ ୨୧ତମ ବାଟାଲିୟନ୍ ଏସଏସବି କମାଣ୍ଡର ତଥା ସହକାରୀ କମାଣ୍ଡାଣ୍ଟ ଅବଧେଶ କୁମାରଙ୍କ ଅଭିଯୋଗ ଆଧାରରେ ବାଲ୍ମୀକିନଗର ଥାନାରେ ଏହି ମାମଲା ଦାଖଲ କରାଯାଇଛି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଗତ ଜୁଲାଇ ୩୧ ତାରିଖରେ ନେପାଳର ଆର୍ମଡ୍ ପୁଲିସ ଫୋର୍ସ, ବାଗାହା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ଏସଏସବି ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଫ୍ଲାଗ୍ ମିଟିଂରେ ଯଥାସ୍ଥିତି ବଜାୟ ରଖିବାକୁ ସହମତି ହୋଇଥିଲା। ତଥାପି ନିୟମ ଭଙ୍ଗ କରି ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଏସଏସବି ଯବାନମାନେ ନେପାଳ ପୁଲିସ ସହ ଆଲୋଚନା କରୁଥିବା ବେଳେ ୧୫୦ ରୁ ୨୦୦ ଗ୍ରାମବାସୀ ଲାଠି ଓ ପଥର ଧରି ଆକ୍ରମଣାତ୍ମକ ରୂପ ନେଇଥିଲେ। ସ୍ଥିତି ବିଗିଡ଼ିବା ଦେଖି ଯବାନମାନେ ପଛକୁ ହଟିବା ବେଳେ ସେମାନଙ୍କ ଉପରେ ଗ୍ରାମବାସୀ ପଥରମାଡ଼ କରିଥିବା ଅଭିଯୋଗ ହୋଇଛି।

### ବିଧାନସଭାରେ ହଙ୍ଗାମା

## କଳା ପୋଷାକ ପିନ୍ଧିଲେ ଡିଏମକେ ବିଧାୟକ



ଚେନ୍ନାଇ, ୬।୮: ତାମିଲନାଡୁ ବିଧାନସଭାରେ ଗୁରୁବାର ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାରଙ୍କ ପ୍ରଥମ କୃଷି ବଜେଟ୍ ଆଗତ ହେବା ପୂର୍ବରୁ ଉଦୟନିଧି ଷ୍ଟାଲିନଙ୍କ ନେତୃତ୍ୱରେ ଡିଏମକେ ବିଧାୟକମାନେ କଳା ସାର୍ଟ ପିନ୍ଧି ସଦନରେ ପ୍ରବେଶ କରିବା ସହ କାବେରୀ ଜଳ ବିବାଦକୁ ନେଇ ପ୍ରବଳ ପ୍ରତିବାଦ କରିଛନ୍ତି। କାବେରୀ ଜଳ ପ୍ରସଙ୍ଗ ଏବଂ କର୍ଣ୍ଣାଟକ ଦ୍ୱାରା ପ୍ରସ୍ତାବିତ ମେକେଦାତୁ ବ୍ୟାଲେନ୍ସିଂ ଜଳାଶୟ ପ୍ରକଳ୍ପକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ବିରୋଧ କରି ଡିଏମକେ ଏହି ପ୍ରତିବାଦ କରିଛି।

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଆର୍ ଭିନୋଥ ଗୃହରେ ପ୍ରଥମ କୃଷି ବଜେଟ୍ ଉପସ୍ଥାପନ କରୁଥିବା ସମୟରେ ହିଁ ଏହି ହଙ୍ଗାମା ସୃଷ୍ଟି ହୋଇଥିଲା। କର୍ଣ୍ଣାଟକର ମେକେଦାତୁ ପ୍ରକଳ୍ପ ଦ୍ୱାରା ତାମିଲନାଡୁର ଚାଷୀମାନେ ଜଳସେଚନ ପାଇଁ ଆବଶ୍ୟକ ଜଳରୁ ବଞ୍ଚିତ ହେବାର ଆଶଙ୍କା ଥିବାରୁ ଏହା ଦୀର୍ଘ ଦିନରୁ ଏକ ମୁଖ୍ୟ ବିବାଦୀୟ ପ୍ରସଙ୍ଗ ହୋଇ ରହିଛି। ଗୋଟିଏ ଦିନ ପୂର୍ବରୁ ଅର୍ଥମନ୍ତ୍ରୀ ଏନ୍ ମାରୀ ୱିଲସନ୍ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିଥିଲେ, ଯେଉଁଥିରେ ୨୦୩୧ ସୁଦ୍ଧା ତାମିଲନାଡୁକୁ ୧.୫ ଟ୍ରିଲିୟନ୍ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି।

## ବିମାନର ଏମର୍ଜେନ୍ସି ଏକଜିଟ୍ ଖୋଲିଲେ ଯାତ୍ରୀ

ନୂଆଦିଲ୍ଲୀ, ୬।୮: ଜଣେ ଯାତ୍ରୀ ଏମର୍ଜେନ୍ସି ଏକଜିଟ୍ ଡୋର୍ ଖୋଲିବାକୁ ଚେଷ୍ଟା କରିବା ଫଳରେ କ୍ୱାଲାଲମ୍ପୁରରୁ କୋଚି ଅଭିମୁଖେ ଯାଉଥିବା ବିମାନରେ ଆତଙ୍କ ଖେଳିଯାଇଛି। ଏହା ସହିତ ଅଭିଯୁକ୍ତ ଜଣକ ଯାତ୍ରୀ ଏବଂ କ୍ୟାବିନ୍ କ୍ରୁ ମେମ୍ବରଙ୍କୁ ଧମକାଇବାର ମଧ୍ୟ ଚେଷ୍ଟା କରିଥିଲା। କ୍ୟାବିନ୍ କ୍ରୁ କୌଣସି ପ୍ରକାରରେ ଯାତ୍ରୀ ଜଣକୁ କାବୁ କରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତ ଜସମୀର ଅଥାନିକଲ୍ଲ ବୁଧବାର କ୍ୱାଲାଲମ୍ପୁରରୁ କୋଚି ଯାଉଥିବା ବାଟିକ ଏୟାରର ଫ୍ଲାଇଟ୍‌ରୁ ଯାତ୍ରା କରୁଥିଲା। ଏଫଆଇଆର ଅନୁସାରେ, ଏହି ଘଟଣା ରାତି ସାଢେ ୯ଟା ରୁ ୧୧ଟା ୦୫ ମିନିଟ୍ ଭିତରେ ଘଟିଥିଲା, ଯେତେବେଳେ ବିମାନ ଉଡାଣ ଭରିବା ଆରମ୍ଭ କରିଥିଲା। ଏଫ୍ଆଇଆରରେ ଅଭିଯୋଗ ରହିଛି ଯେ, ଯାତ୍ରୀ ବିମାନର ଏମର୍ଜେନ୍ସି ଏକଜିଟ୍ ଡୋର୍ ବଳପୂର୍ବକ ଖୋଲିବାକୁ ଚେଷ୍ଟା କରିଥିଲେ। ଫଳରେ ୱିଣ୍ଡୋ ପ୍ୟାନେ୍‌ଲ କ୍ଷତିଗ୍ରସ୍ତ ହୋଇଯାଇଛି। କେବଳ ସେତିକି ନୁହେଁ, ସହଯାତ୍ରୀଙ୍କୁ ବି ଧମକ ଦେଇଛି।

## ଯୁବପିଢ଼ିଙ୍କ ଆନ୍ଦୋଳନ ଦୀର୍ଘମିଆଦୀ ପରିବର୍ତ୍ତନ ଆଣିବ



ଜେନ-ଜିଙ୍କୁ ନେଇ ପିକେଙ୍କ ଭବିଷ୍ୟବାଣୀ

ନୂଆଦିଲ୍ଲୀ,୬।୮: ବାଙ୍କିପୁର ଉପନିର୍ବାଚନରେ ବଡ଼ ବିଜୟ ହାସଲ କରିବା ପରେ ଜନସୁରାଜ ପାର୍ଟିର ସଂସ୍ଥାପକ ପ୍ରଶାନ୍ତ କିଶୋର (ପିକେ) ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ନିଜର ରାଜନୈତିକ ରଣନୀତି ପାଇଁ ପରିଚିତ ପ୍ରଶାନ୍ତ କିଶୋର ନିକଟରେ ଦିଲ୍ଲୀରେ ହୋଇଥିବା ଜେନ-ଜି ଆନ୍ଦୋଳନ ସମ୍ପର୍କରେ ମଧ୍ୟ ମତ ରଖିଛନ୍ତି।

ଏକ ସାକ୍ଷାତକାରରେ ପ୍ରଶାନ୍ତ କିଶୋରଙ୍କୁ ଜେନ-ଜି ଭାରତର ରାଜନୈତିକ ଚିତ୍ରକୁ ବଦଳାଇ ପାରିବେ କି ବୋଲି ପଚରାଯାଇଥିଲା। ଏହାର ଉତ୍ତରରେ ସେ ରାଜନୈତିକ ଆନ୍ଦୋଳନର ପରିବର୍ତ୍ତନ ସମେତ ଅନେକ ପ୍ରସଙ୍ଗ ଉଠାଇଥିଲେ।

ସେ କହିଥିଲେ ଯେ, ଯୁବପିଢ଼ିଙ୍କ ଆନ୍ଦୋଳନ ଦୀର୍ଘମିଆଦିରେ ବଡ଼ ପରିବର୍ତ୍ତନ ଆଣିପାରେ ଏବଂ ଏହାର ପ୍ରଭାବ ସମୟ ସହିତ ସ୍ପଷ୍ଟ ଭାବେ ଦେଖିବାକୁ ମିଳିବ।

ଜନସୁରାଜର ନେତା ଏବଂ ବିଧାୟକ ପ୍ରଶାନ୍ତ କିଶୋର କହିଛନ୍ତି ଯେ, ଇନଷ୍ଟାଗ୍ରାମ ପରି ସୋସିଆଲ ମିଡିଆ ପ୍ଲାଟଫର୍ମ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗ ବଢ଼ାଇଥିଲେ ମଧ୍ୟ ରାଜନୈତିକ ପରିବର୍ତ୍ତନର ପ୍ରକୃତ କାରଣ ହେଉଛି ସେହି ବାର୍ତ୍ତା ଏବଂ ପ୍ରସଙ୍ଗ, ଯାହା ସିଧାସଳଖ ଭାବେ ଲୋକଙ୍କ ସହ ଯୋଡ଼ି ହୋଇଥାଏ। ସେ ଏହାର ତୁଳନା ଦେଶର ପୂର୍ବ ରାଜନୈତିକ ଆନ୍ଦୋଳନ ସହ ମଧ୍ୟ କରିଥିଲେ।

ପୁରୁଣା ରାଜନୈତିକ ଆନ୍ଦୋଳନ ସହ ତୁଳନା କରି ପ୍ରଶାନ୍ତ କିଶୋର କହିଛନ୍ତି ଯେ, ବର୍ତ୍ତମାନ ଯୁବପିଢ଼ିଙ୍କ ନେତୃତ୍ୱରେ ଚାଲିଥିବା ସଂଗଠିତ ଆନ୍ଦୋଳନର ପ୍ରଭାବ ତୁରନ୍ତ ଦେଖାଯିବ ନାହିଁ। ବରଂ ସମୟ ଗଡ଼ିବା ସହିତ ଏହାର ପ୍ରଭାବ ଅଧିକ ସ୍ପଷ୍ଟ ହୋଇ ଦେଖାଯିବ।

ସେ କହିଛନ୍ତି ଯେ, ଜେନ-ଜି ଆନ୍ଦୋଳନର ପ୍ରମୁଖ ପର୍ଯ୍ୟାୟ ଏଯାବତ୍ ଆସିବାକୁ ବାକି ଅଛି। ଏହି ଆନ୍ଦୋଳନର ପ୍ରକୃତ ପ୍ରଭାବ ଏକରୁ ଦୁଇ ବର୍ଷ ମଧ୍ୟରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିବ।

### ବାଂଲାଦେଶରେ ହିଂସା

## ଶାକିବ୍ ହାସନଙ୍କ ଘର ଉପରେ ଆକ୍ରମଣ

ଢାକା,୬।୮: ବାଂଲାଦେଶ ପୁଣି ଥରେ ଅଶାନ୍ତ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସେଖ୍ ହସିନା ଦେଶକୁ ଫେରିବା ଖବର ପରେ ଏଠାରେ ହିଂସା ଦେଖାଦେଇଛି। ଗତ ଦୁଇବର୍ଷ ତଳେ ଦେଶରେ ଜେନ୍-ଜି ଆନ୍ଦୋଳନ ହସିନାଙ୍କୁ ଗାଦିଚ୍ୟୁତ କରିଥିଲା। ତେବେ ସେ ନିକଟରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏଥିରେ ବାଂଲା କ୍ରିକେଟର ଶାକିବ ଅଲ୍ ହସନ୍ ସାମିଲ ହୋଇଥିଲେ। ଏହାକୁ ବିରୋଧ କରି ସକିବଙ୍କ ଘର ଉପରେ ଆକ୍ରମଣ କରାଯାଇଛି। ବୁଧବାର ନୂଆଦିଲ୍ଲୀସ୍ଥିତ ଦି ଫରେନ୍ କରେସପଣ୍ଡାଣ୍ଟ୍ କ୍ଲବ୍ ଅଫ୍ ସାଉଥ୍ ଏସିଆରେ ହସିନା ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଠାରୁ ସେ ନିଜ ସମର୍ଥକଙ୍କୁ ବାର୍ତ୍ତା ଦେଇଥିଲେ। ସେ କହିଥିଲେ ଯେ, ଲୋକମାନେ ଗତ ଦୁଇବର୍ଷ ହେଲା ବହୁତ କଷ୍ଟ ସହିଛନ୍ତି। ସବୁଆଡେ ଭୟର ମାହୋଲ ଖେଳିଯାଇଛି। ଚଳିତବର୍ଷ ଡିସେମ୍ବରରେ ସେ ବାଂଲାଦେଶ ଫେରିବେ। ଏହାପରେ ସେ ନ ବଞ୍ଚିଲେ ବି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବେ।

ତେବେ ପ୍ରାୟ୨୫ମିନିଟ୍ ଧରି ସେ ସମ୍ବୋଧନ କରିଥିଲେ। ସୁରକ୍ଷା କାରଣରୁ କେବଳ ତାଙ୍କ ସ୍ୱର ଆସୁଥିଲା। କ୍ୟାମେରା ବନ୍ଦ ଥିଲା।

### ତରୁଣ ତେଜପାଲଙ୍କୁ ବଡ଼ ଝଟକା

## ସହକର୍ମୀଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ



ମୁମ୍ବାଇ, ୬।୮: ବମ୍ବେ ହାଇକୋର୍ଟର ଗୋଆ ବେଞ୍ଚ ୨୦୧୩ ମସିହାରେ ଗୋଆର ଏକ ହୋଟେଲରେ ଜଣେ ସହକର୍ମୀଙ୍କୁ ଦୁଷ୍କର୍ମ ମାମଲାରେ 'ତେହଲ୍‌କା' ପତ୍ରିକାର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବମ୍ବେ ହାଇକୋର୍ଟ ଗୁରୁବାର ଯୌନ ନିର୍ଯାତନା ମାମଲାରେ ତେଜପାଲଙ୍କ ଦୋଷମୁକ୍ତିକୁ ଖାରଜ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

୨୦୧୩ ମସିହାରେ ଜଣେ ମହିଳା ସାମ୍ବାଦିକା ଅଭିଯୋଗ କରିଥିଲେ ଯେ, ତେଜପାଲ ତାଙ୍କୁ ହୋଟେଲ ଲିଫ୍ଟ ଭିତରେ ଯୌନ ନିର୍ଯାତନା ଦେଇଥିଲେ। ଅଭିଯୋଗ ଆସିବା ପରେ ତେଜପାଲଙ୍କୁ ଗିରଫ କରାଯାଇଥିଲା। ୨୦୧୭ ମସିହାରେ 'ତେହଲକା'ର ପୂର୍ବତନ ସମ୍ପାଦକଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ବିଭିନ୍ନ ଧାରା ଅନୁଯାୟୀ ଅଭିଯୋଗ କରାଯାଇଥିଲା, ଯେଉଁଥିରେ ଦୁଷ୍କର୍ମ, ଯୌନ ନିର୍ଯାତନା ପରି ଅଭିଯୋଗ ରହିଥିଲା। କିନ୍ତୁ ତେଜପାଲ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ। ତେଜପାଲ ତାଙ୍କ ଉପରେ ଲଗାଯାଇଥିବା ଅଭିଯୋଗକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ଓ କହିଥିଲେ ଯେ, ତାଙ୍କୁ ଫସାଇ ଦିଆଯାଇଛି। କିନ୍ତୁ ସର୍ବୋଚ୍ଚ ଅଦାଲତ ଅଭିଯୋଗ ରଦ୍ଦ କରିବାକୁ ମନା କରିଦେଇଥିଲେ ଓ ଛଅ ମାସ ମଧ୍ୟରେ ମାମଲା ଶେଷ କରିବାକୁ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେ ୨୦୨୧ରେ ଗୋଆ ସେସନ୍ସ କୋର୍ଟ ତେଜପାଲଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲେ।

# ପରମାଣୁ ଅସ୍ତ୍ରମୁକ୍ତ ବିଶ୍ୱ ପାଇଁ ବିଶ୍ୱନେତାଙ୍କ ଆହ୍ୱାନ





ଟୋକିଓ, ୬।୮: ହିରୋସୀମାର କଳା ଦିବସକୁ ପୂରିଛି ୮୧ ବର୍ଷ। ଗୁରୁବାର ଜାପାନବାସୀ ଏହି କଳାଦିବସକୁ ମନେ ପକାଇଛନ୍ତି। ହିରୋସୀମାର ଶାନ୍ତି ମେମୋରିଆଲ ପାର୍କରେ ୮୧ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଜାପାନ ପ୍ରଧାନମନ୍ତ୍ରୀ ସାନାଏ ଟାକାଇଚିଙ୍କ ପ୍ରତିନିଧିତ୍ୱରେ ୧୨୩ଟି ଦେଶର ପ୍ରତିନିଧି ସାମିଲ ହୋଇଥିଲେ। ସ୍ମାରକୀ ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୃତକଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଛି। ପରମାଣୁ ଅସ୍ତ୍ର ମୁକ୍ତ ବିଶ୍ୱ ଗଠନ ପାଇଁ ପୁଣି ଥରେ ଆହ୍ୱାନ କରିଛନ୍ତି ଜାପାନ ପ୍ରଧାନମନ୍ତ୍ରୀ। ଲୋକସଭାରେ ହିରୋସୀମା ଓ ନାଗାସାକି ପୀଡ଼ିତଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା।

ସେବେଠାରୁ ଏବେ ଯାଏ କୌଣସି ଯୁଦ୍ଧରେ ପରମାଣୁ ଅସ୍ତ୍ର ବ୍ୟବହାର ହୋଇନି। ଏବେ ଦୁନିଆର କୌଣସି ବି ମହାଶକ୍ତି ପରମାଣୁ ବୋମା ପକାଇବା ପୂର୍ବରୁ ଲକ୍ଷେ ଥର ଚିନ୍ତା କରିବ। କାହିଁକି ନା ସେହି ବୋମାର ପ୍ରଭାବ ୮୧ ବର୍ଷ ପରେ ବି ତାଜା ହୋଇ ରହିଛି। ପ୍ରତିବର୍ଷ ଅଗଷ୍ଟ ୬କୁ ହିରୋସୀମା ଦିବସ ଭାବରେ ପାଳନ କରାଯାଏ। ଏହା ୧୯୪୫ରେ ହୋଇଥିବା ଧ୍ୱଂସ ଲୀଳାକୁ ମନେ ପକାଇ ଦିଏ।

ଏ କାହାଣୀ ଆରମ୍ଭ ହୋଇଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ୧୯୩୯ରୁ। ୧୯୪୫ ଯାଏ ଚାଲିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ। ଯେତେବେଳେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଥିଲା ଜାପାନର ଆକ୍ରମଣ ଲଗାତାର ଜାରି ରହିଥିଲା।

### ହିରୋସୀମା ଦିବସକୁ ୮୧ ବର୍ଷ

ଜାପାନକୁ ପ୍ରତିହତ କରିବାକୁ ଆମେରିକା ଏପରି ଭୟଙ୍କର ପଦକ୍ଷେପ ନେବ ବୋଲି କେହି କେବେ ଭାବି ନଥିଲେ। ଜାପାନର ପଶ୍ଚିମ ସହର ହିରୋସୀମା ଉପରେ ପ୍ରାୟ ସକାଳ ୮ଟା ୧୫ ମିନିଟ ସମୟରେ ପରମାଣୁ ବୋମା 'ଲିଟିଲ ବୟ' ପକାଇଥିଲା ଆମେରିକା। ଏଥିରେ ପ୍ରାୟ ଲକ୍ଷେ ୩୦ ହଜାର ଲୋକଙ୍କର ଜୀବନ ଯାଇଥିଲା। ପରେ ବିକିରଣ ଓ ଆହତ କାରଣରୁ ମୃତକଙ୍କ ସଂଖ୍ୟା ଲକ୍ଷେ ୪୦ ହଜାର ଛୁଇଁଥିଲା। ଏହାର ଠିକ୍ ୩ଦିନ ପରେ ଅର୍ଥାତ ୯ରେ ଜାପାନର ଆଉ ଏକ ସହର ନାଗାସାକି ଉପରେ ଦ୍ୱିତୀୟ ପରମାଣୁ ବୋମା 'ଫ୍ୟାଟ ମ୍ୟାନ' ପକାଇଥିଲା ଆମେରିକା। ସେଥିରେ ପ୍ରାୟ ୭୪ ହଜାର ଲୋକଙ୍କର ଜୀବନ ଯାଇଥିଲା। ଅଗଷ୍ଟ ୧୫ରେ ଜାପାନର ସର୍ତ୍ତ ବିହୀନ ସରେଣ୍ଡର ସହ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତ ହୋଇଥିଲା।

ଓଡ଼ିଶାରେ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୬' ପାଳିତ

# ଶିଶୁଙ୍କ ପୋଷଣ ମାପ ପାଇଁ ଆରମ୍ଭ ହେବ ଏଆଇ-ଭିତ୍ତିକ ସିଷ୍ଟମ୍



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ):ରାଜ୍ୟ ମହିଳା ଓ ଶିଶୁ ବିକାଶ (ଡବ୍ଲ୍ୟୁସିଡି) ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୬' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛୋଟ ଶିଶୁ ଓ ସେମାନଙ୍କ ପିତାମାତା ଅଂଶଗ୍ରହଣ କରିଥିଲେ।

ଏହି ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଅଧ୍ୟକ୍ଷତା କରିଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡ. ଦର୍ଶୱାଲ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ କହିଥିଲେ ଯେ, ମା' କ୍ଷୀର ଶିଶୁ ପାଇଁ ପ୍ରଥମ ଟିକା ଏବଂ ସବୁଠାରୁ ପୌଷ୍ଟିକ ଆହାର। ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା, ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଜାରି ରଖିବା ଏବଂ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ସହ ଅନ୍ୟାନ୍ୟ ପୋଷକ ଆହାର ଦେବା ଆବଶ୍ୟକ। ଶିଶୁର ସୁସ୍ଥ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶରେ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ସୂଚାଇଥିଲେ।

ଗ୍ଲୋବାଲ ଅଣ-ଲାଭଦାୟକ ପ୍ରଯୁକ୍ତିବିଦ୍ୟା ସଂସ୍ଥା 'ୱାଧ୍ୱାନୀ ଫାଉଣ୍ଡେସନ୍'ର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏକ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସମାଧାନର ପ୍ରଦର୍ଶନ କରିଥିଲେ। ଏହି ପ୍ରଯୁକ୍ତି ମାଧ୍ୟମରେ ମୋବାଇଲ୍ ଫୋନ୍ ଭିଡିଓ ଦ୍ୱାରା ଶିଶୁର ଓଜନ, ଉଚ୍ଚତା, ମୁଣ୍ଡର ପରିଧି, ଛାତିର ପରିଧି ଏବଂ ହାତର ଉପର ଭାଗର ପରିଧି ମାପ କରାଯାଇପାରିବ।

କମିଶନର-ତଥା-ସଚିବ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏହାର ସଠିକତା, ବ୍ୟବହାରଯୋଗ୍ୟତା ଓ କାର୍ଯ୍ୟକାରିତାକୁ ଆହୁରି ସୁଦୃଢ଼ କରିବା ପାଇଁ କିଛି ଜରୁରୀ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଏଆଇ-ଆଧାରିତ ଶିଶୁ ବିକାଶ ନିରୀକ୍ଷଣ ପ୍ରଣାଳୀର ପାଇଲଟ୍ ପ୍ରକଳ୍ପ ପାଇଁ ମନୋନୀତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ତର୍ଭୁକ୍ତ। ଏହି ଅବସରରେ ୦ ରୁ ୬ ବର୍ଷ ବୟସର ଶିଶୁଙ୍କ ପିତାମାତାଙ୍କୁ ଫଳ ଏବଂ ଶିଶୁ ଯତ୍ନ କିଟ୍ ସହିତ ପୋଷଣ ବାସ୍କେଟ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ପରାମର୍ଶଦାତାମାନେ ସ୍ତନ୍ୟପାନକୁ ଉତ୍ସାହିତ କରିବା ଏବଂ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ସେମାନଙ୍କ ସଂକଳ୍ପ ଦୋହରାଇଥିଲେ।

ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶିଶୁ ସ୍ୱାସ୍ଥ୍ୟର ଭିତ୍ତିଭୂମି ଭାବେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ମା' କ୍ଷୀର ଶିଶୁର ସୁସ୍ଥ ଜୀବନ ପାଇଁ ପ୍ରଥମ ସୁରକ୍ଷା କବଚ। ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଓ ଉଜ୍ଜ୍ୱଳ ଭବିଷ୍ୟତର ଆଧାର ସ୍ଥାପନ କରେ।" ଶିଶୁର ଉପଯୁକ୍ତ ପୋଷଣ ନିଶ୍ଚିତ କରିବା ପାଇଁ ସେ ମା'ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପରିବାର ଓ ସମାଜକୁ ଆହ୍ୱାନ ଦେଇଛନ୍ତି।

● କାର୍ଯ୍ୟକାରୀ ହେଉ ଦୁବାଇ–ଭୁବନେଶ୍ୱର ସିଧାସଳଖ ବିମାନ ସେବା

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଓଡ଼ିଶା ସମାଜ ୟୁଏଇ

ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ଦୁବାଇ- ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ସେବାର ଶୀଘ୍ର ପୁନରୁଦ୍ଧାର କରିବା ସକାଶେ ଓଡ଼ିଶା ସମାଜ ୟୁଏଇ ଦାବି କରିବା ସହ ଏଥିରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛି। ପୂର୍ବରୁ ଏନେଇ ନିବେଦନ କରାଯାଇଥିବା ବେଳେ ଏହା ଉପରେ କୌଣସି ପ୍ରକାର ପଦକ୍ଷେପ ନିଆଯାଇନଥିବାରୁ ସମାଜ ପକ୍ଷରୁ ପୁନର୍ବାର ଏପରି ଦାବି କରାଯାଇଛି। ଓଡ଼ିଶା ସମାଜ ୟୁଏଇର ସଭାପତି ଅମିୟ ମିଶ୍ର ଓ ଅଧ୍ୟକ୍ଷ-ପରାମର୍ଶଦାତା ବ୍ରଜ ମିଶ୍ରଙ୍କ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ୟୁଏଇ ଓ ଅନ୍ୟ ଗଲ୍ଫ ଦେଶରେ ବସବାସ କରୁଥିବା ହଜାର ହଜାର ଓଡ଼ିଆଙ୍କ ପାଇଁ ସିଧାସଳଖ ବିମାନ ସେବା ବନ୍ଦ ଥିବାରୁ ସେମାନଙ୍କୁ ଯିବାଆସିବା କରିବା ସକାଶେ ଅଧିକ ସମୟ, ଅଧିକ ଖର୍ଚ୍ଚ ଓ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହା ପୂର୍ବରୁ ଗତ ଜୁଲାଇ ୪ ତାରିଖରେ ମଧ୍ୟ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ଚିଠି ପଠାଯାଇଥିଲା। ସେଥିରେ ଦୁବାଇ- ଭୁବନେଶ୍ୱର ସିଧା ବିମାନ ସେବା କେବଳ ଯାତାୟାତର ସୁବିଧା ନୁହେଁ, ବରଂ ପ୍ରବାସୀ ଓଡ଼ିଆଙ୍କ ପାଇଁ ଏକ ଜୀବନରେଖା ବୋଲି ଉଲ୍ଲେଖ କରାଯାଇଥିଲା। ପର୍ଯ୍ୟଟନ, ବାଣିଜ୍ୟ, ନିବେଶ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବାରେ ଏହି ବିମାନ ସେବାର ଗୁରୁତ୍ୱ ରହିଥିବା ମଧ୍ୟ ଦର୍ଶାଯାଇଥିଲା। ଓଡ଼ିଆ ସମାଜ ୟୁଏଇ ଆହୁରି କହିଛି ଯେ ଆସାମ ସରକାରଙ୍କ ଉଦ୍ୟମରେ ଗୁଆହାଟୀରୁ ଦୁବାଇ ଓ ଆବୁଧାବିକୁ ସିଧା ବିମାନ ସେବା ଆରମ୍ଭ ହେବାକୁ ଯାଉଥିବା ବେଳେ ଓଡ଼ିଶା ସରକାର ମଧ୍ୟ ବିମାନ କମ୍ପାନୀଗୁଡ଼ିକ ସହ ଆଲୋଚନା କରି ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବା ଉଚିତ। ଇଣ୍ଡିଗୋ ସହ ଏୟାର ଇଣ୍ଡିଆ ଓ ଅକାସା ଏୟାରକୁ ମଧ୍ୟ ଏହି ରୁଟ୍‌ରେ ସେବା ଆରମ୍ଭ କରିବା ପାଇଁ ପ୍ରୟାସ କରିବାକୁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

## ନୂଆପଡ଼ାରେ କଂଗ୍ରେସ ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ସହପ୍ରଭାରୀ ଜେଟ୍ଟୀ କୁସୁମ କୁମାର, ଓପିସିସି ସଭାପତି ଭକ୍ତ ଚରଣ ଦାସ, ଉପସଭାପତି ସନ୍ତୋଷ ସିଂ ସାଲୁଜା ଏବଂ ଓପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କୁ ଏକ ବାଇକ ର୍‌ୟାଲି ଯୋଗେ ସଭାସ୍ଥଳକୁ କଂଗ୍ରେସ କର୍ମକର୍ତ୍ତା ପାଛୋଟି ନେଇଥିଲେ। ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀରେ ଅବସରରେ ନିଷ୍ଠାବାନ କର୍ମୀଙ୍କ ସହ ନେତୃବୃନ୍ଦ ମତ ବିନିମୟ କରିବା ସହ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ସାମୂହିକ ସଂକଳ୍ପ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ସଂଗ୍ରାମ ଭୀଷଣ ହେବ, ତେଣୁ କଂଗ୍ରେସ କର୍ମକର୍ତ୍ତା ଏଥିପାଇଁ ନିଷ୍ଠାର ସହ ପ୍ରସ୍ତୁତ ରହିବାକୁ ଶହ ଶହ ସଂଖ୍ୟାରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ ହୋଇଥିବା ସାଂଗଠନିକ ସଭାରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ସମେତ ହଜାର ହଜାର କର୍ମୀ ଭାଗ ନେଇଥିଲେ।

## ଶିଳ୍ପ କ୍ଷେତ୍ରରେ ପଛରେ ପଡ଼ିଛି ବଙ୍ଗଳା: ଶୁଭେନ୍ଦୁ

କୋଲକାତା,୬।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମିଲନ ମେଳାରେ ବୟନ ଶିଳ୍ପ ସମ୍ମିଳନୀରେ ଯୋଗ ଦେଇ କହିଛନ୍ତି ଯେ, ଗତ ୫୦ ବର୍ଷ ମଧ୍ୟରେ ବଙ୍ଗଳା ଶିଳ୍ପ କ୍ଷେତ୍ରରେ ପଛରେ ପଡ଼ିଛି। ତେବେ ରାଜ୍ୟରେ ଏଥର ଏକ 'ଡବଲ-ଇଞ୍ଜିନ୍' ସରକାର ଅଛି। ଏଥର ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରଗତି ହେବ। ଆମେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ତିନି ମାସ ମଧ୍ୟରେ ବହୁତ କିଛି ହାସଲ କରିଛୁ। ଆମେ ଆମର ଘୋଷଣାପତ୍ର ଅନୁସାରେ କାମ କରିବାକୁ ଚେଷ୍ଟା କରୁଛୁ।

## ୨୪ ଘଣ୍ଟିଆ ଟ୍ରାଫିକ୍ ହେଲ୍ପଲାଇନ୍

କୋଲକାତା, ୬।୮ (ସଂଚାର ବ୍ୟୁରୋ): ରାସ୍ତାରେ ଯାଉଥିବା ସମୟରେ ଯେକୌଣସି ଜରୁରୀକାଳୀନ ପରିସ୍ଥିତି ଯେପରିକି ଟ୍ରାଫିକ୍ ଭିଡ଼, ପାର୍କିଂ ସମସ୍ୟା କିମ୍ବା ସଡ଼କ ଦୁର୍ଘଟଣା ପାଇଁ ତୁରନ୍ତ ଟ୍ରାଫିକ୍ ପୁଲିସ ସହାୟତା ଯୋଗାଇବାକୁ କୋଲକାତା ପୁଲିସ ପକ୍ଷରୁ ଏକ ୱାନ୍-ଷ୍ଟପ୍ ଟ୍ରାଫିକ୍ ହେଲ୍ପଲାଇନ୍ ନମ୍ବର ୧୦୭୩ ଆରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଟୋଲ୍-ଫ୍ରି ନମ୍ବର ସପ୍ତାହର ସାତ ଦିନ ୨୪ ଘଣ୍ଟା କାର୍ଯ୍ୟ କରିବ। ଦୁର୍ଘଟଣା ପୀଡ଼ିତ କିମ୍ବା ପ୍ରତ୍ୟକ୍ଷଦର୍ଶୀ ଜରୁରୀକାଳୀନ ସେବା ପାଇଁ ଅନୁରୋଧ କରିବାକୁ ଏହି ନମ୍ବରକୁ କଲ୍ କରିପାରିବେ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

## ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ମହୁଆ

କୋଲକାତା,୬।୮(ସଂଚାର ବ୍ୟୁରୋ): ସାଂସଦ ମହୁଆ ମୋଇତ୍ର କୋଲକାତା ହାଇକୋର୍ଟ ଦ୍ୱାରା ଜାରି କରାଯାଇଥିବା ଏକ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ସମ୍ପ୍ରତି ଏକ ମାମଲା ରୁଜୁ ହୋଇଥିଲା। କୋଲକାତା ହାଇକୋର୍ଟ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଥିଲେ ମଧ୍ୟ ତଦନ୍ତ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସଂସଦୀୟ ଅଧିବେଶନ ଶେଷ ହେବା ପରେ ତାଙ୍କୁ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ମହୁଆ ହାଇକୋର୍ଟର ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି।

■ ମାନବାଧିକାର କମିଶନରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ନିର୍ଯାତନା ମାମଲା

## ନ୍ୟାସନାଲ ପ୍ୟାରେଣ୍ଟସ୍ ଫେଡେରେସନ ପକ୍ଷରୁ ମାମଲା ରୁଜୁ




ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ଭୀମଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ତଥା ମାନସିକ ନିର୍ଯାତନା ଦିଆଯାଉଥିବା ଘଟଣା ପ୍ରଘଟ ହେବା ପରେ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛି ନ୍ୟାସନାଲ ପ୍ୟାରେଣ୍ଟସ୍ ଫେଡେରେସନ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଥମେ ଫେଡେରେସନ ପକ୍ଷରୁ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ରମେଶ ଭାରତୀ ଓ ଅନ୍ୟ ସଦସ୍ୟଙ୍କୁ ନେଇ ଏକ ଟିମ୍ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଧାରଣାରେ ବସିଥିବା ପୀଡ଼ିତ ଛାତ୍ରଛାତ୍ରୀଙ୍କ ସହ ସେମାନେ ବିସ୍ତୃତ ଆଲୋଚନା କରିଥିଲେ।

ଘଟଣାର ସତ୍ୟାସତ୍ୟ ତଥ୍ୟ-ପ୍ରମାଣ ସହ ଉପଲବ୍ଧି କରିବା ପରେ ଜିଲ୍ଲା ଶିକ୍ଷାଧିକାରୀ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲା ଶିକ୍ଷାଧିକାରୀ ତୁରନ୍ତ ବିଇଓଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ବିଦ୍ୟାଳୟକୁ ପଠାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ବିଇଓ ଓ ଫେଡେରେସନ ଟିମ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ ହୋଇଥିଲା। ବିଇଓ, ଛାତ୍ରଛାତ୍ରୀ ଓ ଫେଡେରେସନ ଟିମ୍‌ଠାରୁ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଅବଗତ ହେବା ପରେ ବିହିତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟପକ୍ଷରେ ପୀଡ଼ିତ ଛାତ୍ରଛାତ୍ରୀଙ୍କୁ ତ୍ୱରିତ ନ୍ୟାୟ ଓ ଅଭିଯୁକ୍ତ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଫେଡେରେସନ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖ ରାତିରେ ଛାତ୍ରାବାସରେ ସମ୍ପୃକ୍ତ ଶିକ୍ଷକ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ବେଳେ ମଦ୍ୟପାନ କରିଆସିଥିଲେ। ପିଲାଙ୍କୁ ସେ ଗାଳିଗୁଲଜ କରିବା ସହ ଜଣେ ଛାତ୍ରଙ୍କ ଗୁପ୍ତାଙ୍ଗକୁ ମାଡ଼ ମାରିଥିଲେ। ସେହି ରାତିରେ ମଦ୍ୟପାନ ଅବସ୍ଥାରେ ଛାତ୍ରୀବାସ ଯାଇ ମଧ୍ୟ ଜଣେ ଛାତ୍ରୀଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିବା ସହ ଦ୍ୱିଅର୍ଥବୋଧକ କଟାକ୍ଷ କରିଥିଲେ। ଘଟଣାକୁ ନେଇ ଛାତ୍ରମାନେ ବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଛାତ୍ରୀମାନେ ମୌଖିକ ଅଭିଯୋଗ କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାମ୍ବାଦିକତା ଦିବସ



ବାଲେଶ୍ୱର,୬।୮ (ସଂଚାର ବ୍ୟୁରୋ) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷକୁମାର ଆଗ୍ରୱାଲା ଏହି କାର୍ଯ୍ୟକ୍ରମରେ ସମ୍ମାନିତଅତିଥିଭାବେ ଯୋଗଦେଇଥିବାବେଳେ ବିଶିଷ୍ଟ ସାମ୍ବାଦିକ-ସାହିତ୍ୟିକ ତଥା 'ସମ୍ବାଦ' ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟଚିତ୍ତରଞ୍ଜନ ଚିରଞ୍ଜିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।'ସମାଜ' ବାଲେଶ୍ୱର ସଂସ୍କରଣର ବରିଷ୍ଠ ସହ-ସମ୍ପାଦକ ଡକ୍ଟର ଜଗନ୍ନାଥ ଖଟୁଆ ଅନ୍ୟତମ ବକ୍ତାଭାବେ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ। ଓଡ଼ିଆ ସାମ୍ବାଦିକତାର ଐତିହ୍ୟ, ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତର ସମ୍ଭାବନାଉପରେ ବକ୍ତାଓ ଅତିଥିମାନେ ମତପ୍ରକାଶ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଓଡ଼ିଆ ସାମ୍ବାଦିକତା କେବଳ ସମ୍ବାଦପରିବେଷଣରେ ସୀମିତ ନ ରହି ସମାଜରେ ସଚେତନତା ସୃଷ୍ଟି, ଲୋକତନ୍ତ୍ରର ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱରକୁ ପ୍ରତିଫଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହିକାର୍ଯ୍ୟକ୍ରମରେ ସାମ୍ବାଦିକତା ବିଭାଗର ସଂଯୋଜିକା ଡକ୍ଟର ସ୍ମିତିପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ପ୍ରାଧ୍ୟାପକ ଧୀରେନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ପ୍ରାଧ୍ୟାପିକା ମୋତିପାଂକାମ ଏବଂ ସହକାରୀ ପ୍ରାଧ୍ୟାପକଡକ୍ଟର ଅଶେଷ କୁମାର ନାୟକ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ରାଜ୍ୟ ଏଏନ୍‌ଏମ୍ ସରକାରୀ ତାଲିମ କେନ୍ଦ୍ରରେ ଆଇଏପି ଓଡ଼ିଶା ଶାଖା ଦ୍ୱାରା ୩୫ତମ ବିଶ୍ୱ ସ୍ତନଖାଦ୍ୟ ସପ୍ତାହ ପାଳିତ ହୋଇଛି। ଏହି ବୈଠକରେ ଏଏନ୍‌ଏମ୍‌ଟିସିର ଅଧ୍ୟାପକମାନଙ୍କ ସହ ପ୍ରାୟ ୧୦୦ ଜଣ ଏଏନ୍‌ଏମ୍ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ବୈଠକକୁ ଆଇଏପି ଓଡ଼ିଶା ସଚିବ ଡକ୍ଟର ମୃତ୍ୟୁଞ୍ଜୟ ଦାଶ, ନିର୍ବାଚିତ ସଭାପତି ଡକ୍ଟର ଆରତବନ୍ଧୁ ନାୟକ, ସଚିବ ଆଇଏପି ଓଡ଼ିଶା ଡାକ୍ତର ମୃତ୍ୟୁଞ୍ଜୟ ଦାଶଙ୍କ ସହ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ଲିଙ୍ଗରାଜ ପ୍ରଧାନ ଏବଂ ଆଇଏପି ଆଇଓ୍ୱାଇସିଏଫ୍ (ଶିଶୁ ଯୁବ ଶିଶୁ ଖାଦ୍ୟ ଚାପ୍ଟର) ସଚିବ ଡକ୍ଟର ପ୍ରଶାନ୍ତ ସାବୋଥ୍ ଉଦ୍‌ଘାଟନ କରିଥିଲେ। ସହକାରୀ ନିର୍ଦ୍ଦେଶକ ନର୍ସିଂ ବାସନ୍ତୀ ବେହେରା, ଆଇଏପି ଓଡ଼ିଶା ରାଜ୍ୟ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ ଡକ୍ଟର ବିକ୍ରାନ୍ତ ପୃଷ୍ଟି ଉପସ୍ଥିତ ଥିଲେ। ଆମ ରାଜ୍ୟରେ ସ୍ତନ୍ୟପାନର ପରିସଂଖ୍ୟାନଗତ ବିଶ୍ଳେଷଣ, ସ୍ତନ୍ୟପାନର ଗୁରୁତ୍ୱ ଓ ସ୍ତନ୍ୟପାନ ଉପରେ ସେମାନଙ୍କର ଜ୍ଞାନ ବିଷୟରେ ଏଏନ୍‌ଏମ୍ ଅଧ୍ୟୟନକୁ ଅଦ୍ୟତନ କରିବା ପାଇଁ ପ୍ରିଟର୍ମ ଫିଡିଂ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଏଏନ୍‌ଏମ୍ ଛାତ୍ରମାନେ ସ୍ତନ୍ୟପାନ ସଚେତନତା ଉପରେ ଏକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରିନ୍ସିପାଲ୍ ଏଏନ୍‌ଏମ୍‌ଟିସି ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଛି।

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଶ୍ରଦ୍ଧାଞ୍ଜଳି ସଭା

### ମେଗା ରକ୍ତଦାନ ଶିବିରରେ ୪୧୭ ୟୁନିଟ୍ ରକ୍ତ ସଂଗୃହୀତ



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାର ଟାଣୁଆ ଜନନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସୁଶାନ୍ତ ସିଂହ ସ୍ମୃତି କମିଟି ପକ୍ଷରୁ ବରଗଡ଼ ଜିଲ୍ଲାର ସୋହେଲାର ହଳଦୀପାଲିସ୍ଥିତ ପଡ଼ିଆରେ ଆୟୋଜିତ ସଭାରେ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ଉପସ୍ଥିତ ନେତା ଜନତା ସମସ୍ତେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରି ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୫,୦୦୦ ଲୋକେ ଯୋଗଦେଇଥିଲେ। ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସୁଜାତା ରାଉତ, ପ୍ରଣବ ପ୍ରକାଶ ଦାସ, ସ୍ନେହାଙ୍ଗିନୀ ଛୁରିଆ, ଅଶୋକ ପଣ୍ଡା, ନିରଞ୍ଜନ ପୂଜାରୀ, ଦେବେଶ ଆଚାର୍ଯ୍ୟ, ବ୍ରଜ କିଶୋର ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସଞ୍ଜୟ ଦାସ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ୪୧୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ବଦଳିଲେ ଆନ୍ଦୋଳନ ତେଜିବ

**ଉତ୍କଳ ସାମ୍ବାଦିକ ସଂଘର ଚେତାବନୀ**

ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ) : ଦୀର୍ଘ ଦିନର ଦାବି ଓ ପ୍ରତିବାଦ ପରେ ପୂର୍ବ ସରକାର ରାଜ୍ୟର କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ପ୍ରଣୟନ କରିଥିଲେ। ଏହା ମାଧ୍ୟମରେ ରାଜ୍ୟର ସାମ୍ବାଦିକମାନେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁଧା ଉପକୃତ ହେଉଛନ୍ତି। ଇତିମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଉଚ୍ଛେଦ କରି ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉଛି। ଏଠାରେ ପ୍ରକାଶଯୋଗ୍ୟ ଯେ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାଟି ସାମ୍ବାଦିକମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିଲା। ଅନ୍ୟପକ୍ଷରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ହିତାଧିକାରୀମାନେ ପାଉଥିବା କ୍ୟାବିନ୍ ସୁବିଧା ଆୟୁଷ୍ମାନ ଭାରତ ଯୋଜନାରେ ପାଇବେ ନାହିଁ। ଆୟୁଷ୍ମାନ ଯୋଜନାରେ ହିତାଧିକାରୀଙ୍କୁ ଜେନେରିକ୍ ମେଡିସିନ ଦିଆଯାଉଥିଲା ବେଳେ ଗୋପବନ୍ଧୁ ଯୋଜନାରେ ବଜାର ଉପଲବ୍ଧ ମେଡିସିନର ବ୍ୟବସ୍ଥା ରହିଛି। ପ୍ରଚଳିତ ଯୋଜନା ଅନ୍ତର୍ଗତ ହିତାଧିକାରୀ ତାଙ୍କ ନିଜ ସୁବିଧା ଅନୁଯାୟୀ ବୀମା ସହବନ୍ଧିତ ନ ଥିବା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ପରେ ବୀମା କମ୍ପାନୀ ପାଖରେ ଉପଯୁକ୍ତ କାଗଜାତ ପଇଠ କରି ଚିକିତ୍ସା ରାଶି ହାସଲ କରିପାରିବେ, ଯାହାକି ଆୟୁଷ୍ମାନ ଭାରତ ଯୋଜନାରେ ଉପଲବ୍ଧ ହେବନାହିଁ। ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ବୀମା ରାଶି ସମ୍ପୃକ୍ତ ଚିକିତ୍ସାଳୟମାନେ ପାଇବାରେ ଡେରି ହେଉଥିବାରୁ ହିତାଧିକାରୀମାନଙ୍କୁ ଆଇସିୟୁ ସୁବିଧା ଦେବା କ୍ଷେତ୍ରରେ ଚିକିତ୍ସାଳୟମାନେ ଅଣଦେଖା କରୁଛନ୍ତି। ଗତ ମେ'ରେ ସରକାର ହାରାହାରି ୧୦ କୋଟି ଟଙ୍କା ବିନିମୟରେ ଶ୍ରୀମନ୍ଦିର ସେବାୟତମାନଙ୍କୁ ବୀମାଭୁକ୍ତ କରିଛନ୍ତି, ଯେଉଁଥିରେ ସେବାୟତଙ୍କ ପିତାମାତା ସାମିଲ୍ ରହିବା ସହ ନନ୍ ମେଡିକାଲ ଆଇଟମ୍‌ର ପେମେଣ୍ଟ ମଧ୍ୟ ଇନ୍ସୁରାନ୍ସ କମ୍ପାନୀ ଦେଉଛି। ସେହିପରି ବିଧାୟକମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ବୀମା ଯୋଜନା ପ୍ରଚଳିତ ଅଛି। ଏପରିସ୍ଥଳେ ସାମ୍ବାଦିକଙ୍କୁ ସାମାନ୍ୟ ସୁବିଧା ଦେବାରେ ସରକାରଙ୍କ କାର୍ପଣ୍ୟତାକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏତାଦୃଶ ଦୃଶ୍ୟପଟରେ ସରକାର ସାମ୍ବାଦିକଙ୍କ ପିତାମାତା ଓ ନିର୍ଭରଶୀଳ ସନ୍ତାନମାନଙ୍କୁ ବୀମା ଅନ୍ତର୍ଭୁକ୍ତ କରନ୍ତୁ ଓ ନନ୍ ମେଡିକାଲ ଆଇଟମ୍ ରାଶି ବୀମା କମ୍ପାନୀ ବହନ କଲା ଭଳି ସ୍କିମ୍ ପ୍ରଚଳନ କରାଯାଉ ଓ ବୀମା ରାଶିକୁ ୫ରୁ ୧୦ ଲକ୍ଷକୁ ବୃଦ୍ଧି କରାଯାଉ। ଏନେଇ ସଂଘ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅନ୍ୟଥା ରାଜ୍ୟର କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ପରିପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ବ୍ୟାପୀ ପ୍ରତିବାଦ କରିବ ବୋଲି ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାପାଙ୍କ ଅନ୍ତ୍ୟେଷ୍ଟି...

ଉତ୍ତର ପ୍ରଦେଶ ଓ ମୁମ୍ବାଇରୁ ଭିଡିଓ କଲ୍ ମାଧ୍ୟମରେ ବାପାଙ୍କ ଶେଷ ବିଦାୟ ଦେଖିଥିଲେ। ଏହି ଘଟଣା କେବଳ ଜଣେ ବୃଦ୍ଧଙ୍କ ମୃତ୍ୟୁର କାହାଣୀ ନୁହେଁ, ବରଂ ବଦଳୁଥିବା ପାରିବାରିକ ସମ୍ପର୍କ, ବୃଦ୍ଧବୃଦ୍ଧାଙ୍କ ଏକାକୀପଣ ଓ ସାମାଜିକ ଦାୟିତ୍ୱକୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରିଛି। ମୃତକଙ୍କ ମୁମ୍ବାଇର ବାସିନ୍ଦା ଶିବଚରଣ ଗୁପ୍ତା ପେଶାରେ ଜଣେ ବସ୍ତ୍ର ବ୍ୟବସାୟୀ ଥିଲେ। ପ୍ରାୟ ଦୁଇ ବର୍ଷ ତଳେ ସେ ପତ୍ନୀ ମାନାଙ୍କ ସହ ଯୋଗିପଟରେ ଏକ ବୃଦ୍ଧାଶ୍ରମରେ ରହିବାକୁ ଆସିଥିଲେ। ଛଅଦିନ ପୂର୍ବରୁ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ରହିବା ପରେ ମଙ୍ଗଳବାର ଭୋର ପ୍ରାୟ ୩ଟାରେ ଶିବଚରଣଙ୍କ ଦେହାନ୍ତ ହୋଇଥିଲା। ବୃଦ୍ଧାଶ୍ରମ ପ୍ରଶାସନ ତୁରନ୍ତ ତାଙ୍କର ତିନି ଝିଅଙ୍କୁ ଖବର ଦେଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ବି ଯୋଗିପଟ ଆସିପାରିବେ ନାହିଁ ବୋଲି କହିଥିଲେ। ଫଳରେ ବୃଦ୍ଧାଶ୍ରମ ପରିଚାଳନା କମିଟି ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଶବଦାହ କରାଯାଇଥିଲା। ଏହି ସମୟରେ ତିନି ଝିଅ ଭିଡିଓ କଲ୍‌ରେ ପିତାଙ୍କ ଅନ୍ତିମ ସଂସ୍କାର ଦେଖିଥିଲେ। ବୃଦ୍ଧାଶ୍ରମର ପ୍ରଶାସକ ଆନନ୍ଦ କୁମାରଙ୍କ କହିବା ଅନୁସାରେ, ଶିବଚରଣଙ୍କ ପାଖରେ ଗୋଟିଏ ମୋବାଇଲ୍ ଫୋନ୍ ଥିଲା, ଯାହା ଜରିଆରେ ସେ ନିୟମିତ ଭାବେ ଝିଅମାନଙ୍କ ସହ କଥା ହେଉଥିଲେ। କିନ୍ତୁ ସ୍ୱାସ୍ଥ୍ୟ ଖରାପ ହେବା ପରେ ଝିଅମାନଙ୍କ ଫୋନ୍ ଆସିବା କମିଯାଇଥିଲା। ପ୍ରାୟ ୨୦ ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବା ନେଇ ଝିଅମାନଙ୍କୁ ସୂଚନା ଦିଆଯାଇଥିଲା। ତଥାପି ସେମାନେ ଦେଖିବାକୁ ଆସି ନ ଥିଲେ। ମୃତ୍ୟୁ ପରେ ପୁଣିଥରେ ଝିଅମାନଙ୍କ ସହ ଯୋଗାଯୋଗ କରାଯିବାରୁ ସେମାନେ ସମୟ ନ ଥିବା କହି ଯୋଗିପଟ ଆସିବାରେ ଅସମର୍ଥତା ପ୍ରକାଶ କରିଥିଲେ। ଜେପାନରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ତାଙ୍କର ଜଣେ ଝିଅ ୫,୧୦୦ ଟଙ୍କା ପଠାଇ ବାପାଙ୍କ ଅନ୍ତିମ ସଂସ୍କାରରେ ତାଙ୍କ ଭୂମିକା ସାରିଦେଇଥିଲେ। ଅନ୍ତିମ ସଂସ୍କାର ଶେଷ ହେବା ପରେ ଏହାର ଭିଡିଓ ମଧ୍ୟ ପଠାଇବାକୁ କହିଥିଲେ। ଏପରିକି ଭିଡିଓ କଲ୍ ସମୟରେ ଜଣେ ଝିଅ "ଆଉ କେତେ ସମୟ ଲାଗିବ? ଆମର ଖାଇବା ଓ ଗାଧୋଇବା ବାକି ଅଛି" ବୋଲି କହୁଥିବା ଶୁଣିବାକୁ ମିଳିଥିଲା। ତେବେ ଝିଅମାନଙ୍କ ସମସ୍ତ ଅବହେଳା ଏହି ଘଟଣାର ନକାରାତ୍ମକ ଦିଗକୁ ଦର୍ଶାଉଥିବା ବେଳେ ଘଟଣାର ସକାରାତ୍ମକ ଦିଗଟି ହେଉଛି, ମୃତ୍ୟୁ ପରେ ଶିବଚରଣଙ୍କ ଚକ୍ଷୁ ଦାନ କରାଯାଇଥିଲା।

### ୨୨ ଜିଲ୍ଲାକୁ...

ବିଭିନ୍ନ ନଦୀରେ ଜଳପତନ ମଧ୍ୟ ସମ୍ପୂର୍ଣ୍ଣ କମିନାହିଁ। ଚଳିତ ବର୍ଷ ସ୍ୱାଭାବିକଠାରୁ ୬୫ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା ବିଭିନ୍ନ ବିଭାଗର କ୍ଷୟକ୍ଷତି ରିପୋର୍ଟ ଆସିବାକୁ ଥିବା ବେଳେ ଏହାକୁ ନେଇ ରାଜସ୍ୱ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛି। ଜିଲ୍ଲାଗୁଡ଼ିକରୁ ବିସ୍ତୃତ ରିପୋର୍ଟ ମଗାଯାଇଛି। କେଉଁ ସ୍ଥାନରେ ରାଜ୍ୟ ପ୍ରଶାସନ ଓ ନିକଟରେ କ୍ଷତି କରିଛି ସେନେଇ ରିପୋର୍ଟ ଦେବାକୁ କୁହାଯାଇଛି।

### ବଜ୍ରପାତ ହେବା...

କାର୍ଯ୍ୟକ୍ଷମ କରାଯିବା ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ଅନୁଦାନ ଯୋଗାଇ ଦେବେ। ପ୍ରଥମ କରି ଓଡ଼ିଶାରୁ ହିଁ ଏହି ବ୍ୟବସ୍ଥା ଆରମ୍ଭ ହେବ। ଏହାର ଏକମାତ୍ର ଉଦ୍ଦେଶ୍ୟ- ଜିଲାରେ କାମ କରୁଥିବା ଚାଷୀ, ଗଛ ମୂଳେ ଆଶ୍ରୟ ନେଉଥିବା ଲୋକେ, ପାଣିରେ ପଶିଥିବା ବ୍ୟକ୍ତି ସେମାନଙ୍କୁ ବଜ୍ରପାତ ପୂର୍ବରୁ ସୁରକ୍ଷିତ ସ୍ଥାନକୁ ଯିବା। ବଜ୍ରପାତ ମୃତ୍ୟୁ ରୋକିବା ଦିଗରେ ଗତ କିଛି ବର୍ଷ ଧରି ଫକୀର ମୋହନ ବିଶ୍ୱବିଦ୍ୟାଳୟ ବ୍ୟାପକ କାର୍ଯ୍ୟକ୍ରମ ଜାରି ରଖିଛି। ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ପ୍ରାକ୍ ମୌସୁମୀ (ମାର୍ଚ୍ଚରୁ ମେ') ଓ ମୌସୁମୀ ସମୟରେ (ଜୁନ୍‌ରୁ ସେପ୍ଟେମ୍ବର) ହିଁ ବଜ୍ରପାତ ବିପଦ ଅଧିକ। ମୌସୁମୀ ପୂର୍ବରୁ ମେ'ରେ ଓ ମୌସୁମୀ ସମୟରେ ଜୁଲାଇ ଓ ଅଗଷ୍ଟରେ ବେଶୀ ବଜ୍ରପାତ ମୃତ୍ୟୁ ଘଟିଥାଏ। ଏହି ମୃତ୍ୟୁ ହ୍ରାସର ଏକମାତ୍ର ବାଟ ସତର୍କତା ଓ ସଚେତନତା। ବଜ୍ରପାତ ନେଇ ପୂରା ନିର୍ଦ୍ଦିଷ୍ଟ ଭାବେ ପାଣିପାଗ ସୂଚନା ଦେବା ସହଜ ନୁହେଁ। କାରଣ ବାୟୁମଣ୍ଡଳରେ ଯେତିକି ବଜ୍ର ସୃଷ୍ଟି ହୁଏ, ସେଥିରୁ କେବଳ ୧୫ ପ୍ରତିଶତ ଭୂମିକୁ ଖସିଥାଏ। ସ୍ଥାନ, କାଳ, ପାତ୍ରକୁ ନେଇ ସରକାରଙ୍କୁ ପଦକ୍ଷେପ ନେବାକୁ ହେବ। ଓଡ଼ିଶାରେ ଚାଷୀ, ଗାଈଗୋରୁ ଚରାଉଥିବା ଲୋକେ, ଗଛ ମୂଳେ ଆଶ୍ରୟ ନେଇଥିବା ଲୋକେ ହିଁ ବଜ୍ରପାତରେ ବେଶି ଜୀବନ ହରାଇଥାଆନ୍ତି। କେଉଁ ସମୟରେ ଅଧିକ ବଜ୍ରପାତ ବିପଦ ରହିଛି, କେଉଁଠି ମୃତ୍ୟୁର ଆଶଙ୍କା ବେଶୀ, ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ସତର୍କ କରିବାକୁ ହେବ।

### ଖାଦ୍ୟ ପ୍ରକ୍ରିୟାକରଣରେ...

ଏହି ସମ୍ମିଳନୀରେ ଦେଶର ଅଗ୍ରଣୀ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ନିବେଶକ, ରପ୍ତାନିକାରୀ, କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ଶିଳ୍ପ ସଂଗଠନ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଯୋଗଦେବେ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ସମ୍ପୂର୍ଣ୍ଣ ମୂଲ୍ୟଶୃଙ୍ଖଳାରେ ରହିଥିବା ସୁଯୋଗ ନେଇ ଆଲୋଚନା ସହ ବିଭିନ୍ନ ନିବେଶ ଚୁକ୍ତିନାମା (ଏମଓୟୁ) ଆଦାନପ୍ରଦାନ କରାଯିବ। ଏଥିରେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ପ୍ରଗତିଶୀଳ ଶିଳ୍ପନୀତି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ଏଫଏମସିଜି ଓ ମୂଲ୍ୟଯୁକ୍ତ ଉତ୍ପାଦନ କ୍ଷେତ୍ରରେ ରହିଥିବା ସମ୍ଭାବନାକୁ ଉପସ୍ଥାପନ କରାଯିବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, 'ଓଡ଼ିଶା ଫୁଡ୍ ପ୍ରୋ- ୨୦୨୬' ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ କ୍ଷମତାକୁ ଜାତୀୟ ସ୍ତରରେ ଉପସ୍ଥାପନ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ଏହି ଉଦ୍ୟମକୁ ଓଡ଼ିଶା ସୀମା ବାହାରକୁ ନେଇ ଦେଶର ଅଗ୍ରଣୀ ଶିଳ୍ପ ସଂସ୍ଥାଗୁଡ଼ିକ ସହ ସିଧାସଳଖ ସଂଯୋଗ ସୃଷ୍ଟି କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ଗୁଣାତ୍ମକ ନିବେଶ ଆକର୍ଷଣ, କୃଷକ ଓ ଉଦ୍ୟୋଗୀଙ୍କ ପାଇଁ ମୂଲ୍ୟ ସୃଷ୍ଟି ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଖାଦ୍ୟ ପ୍ରକ୍ରିୟାକରଣ ପରିବେଶ ଗଠନ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ସେ କହିଛନ୍ତି।

### ମନୋବଳ ଆଗରେ...

ଡା. ସୁଦୀପ ଦାସ ପ୍ରଭାବିତ ହୋଇଛନ୍ତି। ସେ କହିଛନ୍ତି ଯେ ଶୁକଦେବଙ୍କୁ ସବୁଠାରୁ ଭଲ ଚିକିତ୍ସା ଦେବା ସକାଶେ ଉଦ୍ୟମ କରାଯିବ। ତାଙ୍କର ଆବଶ୍ୟକ ଟେଷ୍ଟ୍ କରାଯିବା ପରେ ଚିକିତ୍ସାର ପ୍ରକ୍ରିୟା ଆରମ୍ଭ ହେବ। ଦେଢ଼ଶ କିମି ତିନିଚକିଆ ସାଇକେଲ୍‌ରେ ଆସିଥିବା ଶୁକଦେବ ଆମଠାରୁ ଯେଉଁ ଆଶା ରଖିଛନ୍ତି, ତାହାକୁ ଫଳବତୀ କରିବା ସକାଶେ ସମଗ୍ର ହସ୍ପିଟାଲ୍ ଉଦ୍ୟମ କରିବ ବୋଲି ଡା. ଦାସ କହିଛନ୍ତି। ତେବେ ଶୁକଦେବ କେତେଦୂର ତାଙ୍କ ଆଶାକୁ ପୂରଣ କରୁଛନ୍ତି, ତା' ତ ଭିନ୍ନ କଥା। କିନ୍ତୁ ସେ ଯେ ୭୩ ବର୍ଷରେ ଜୀବନ ଯୁଦ୍ଧରେ ପରାଜୟ ବରଣ କରିନାହାନ୍ତି, ତା' ସେ ଆଜି ପ୍ରମାଣିତ କରିଦେଇଛନ୍ତି।

### କୁମ୍ଭୀର ପାଟିରେ ଗଲା...

ସମୟରେ ହଠାତ୍ ଏକ କୁମ୍ଭୀର ଆସି ତାଙ୍କୁ ଟାଣି ନେଇ ପାଣି ଭିତରକୁ ଚାଲିଯାଇଥିଲା। ଘଟଣା ସମୟରେ ସେଠାରେ ଅନ୍ୟ କିଛି ମତ୍ସ୍ୟଜୀବୀ ମଧ୍ୟ ଉପସ୍ଥିତ ଥିଲେ ଓ ସେମାନଙ୍କ ସାମ୍ନାରେ ହିଁ କୁମ୍ଭୀର ଶିକାର କରିଥିବା ସେମାନେ ସ୍ୱୀକାର କରିଛନ୍ତି।

### ସ୍ମାର୍ଟ ମିଟର ଲଗାଇ...

ସାଧାରଣରେ ପ୍ରଶ୍ନ ଉଠୁଛି ଯେ ଟାଟାପାୱାର ସ୍ମାର୍ଟ ମିଟର ଲଗାଇବା ପରେ ଶକ୍ତି ବିଭାଗ କ୍ୟାବିନେଟରେ ଏହି ପ୍ରସ୍ତାବ ଆଣିଥିଲା ନା କମ୍ପାନୀ ତିନି ମାସରେ ମିଟର ଲଗାଇଥିବା ନେଇ ଯେଉଁ ତଥ୍ୟ ଦେଇଛି, ତାହା ଭୁଲ୍। ଏହା ଉପରେ ବିଶେଷଜ୍ଞମାନେ ମଧ୍ୟ ସନ୍ଦେହ ପ୍ରକଟ କରୁଛନ୍ତି। ତେବେ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ଟାଟା ପାୱାର ସ୍ମାର୍ଟ ମିଟର ଲଗାଇ ଓଡ଼ିଶାରେ କୁବେର ପାଲଟିଥିବା ବେଳେ ସ୍ମାର୍ଟ ମିଟର ବସିବା ପରେ ଅଧିକାଂଶ ହିତାଧିକାରୀଙ୍କର ବିଦ୍ୟୁତ୍ ବିଲ୍ ଅଧିକ ଆସୁଥିବା ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିବାରେ ଲାଗିଛି।

## ଦୁଃସ୍ଥିତିଜନିତ ଦେଶାନ୍ତର ରୋକିବ 'ପ୍ରୋଜେକ୍ଟ ବ୍ଲେସ'

● ଜୀବିକା, ଦକ୍ଷତା ଓ ଉଦ୍ୟମିତା ମାଧ୍ୟମରେ ବିପଦାପନ୍ନଙ୍କୁ ସହାୟତା

● ୮.୮୧ ଲକ୍ଷ ପରିବାର ପାଇବେ ଜୀବିକା ଓ ଦକ୍ଷତା ବିକାଶର ସହାୟତା



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନସ୍ଥିତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମିଶନ ଶକ୍ତି ବିଭାଗ, ସେଣ୍ଟର ଫର ରିସର୍ଚ୍ଚ ଇନ୍ ସ୍କିମ୍ସ ଆଣ୍ଡ ପଲିସିସ୍ (କ୍ରିସ୍ପି) ଓ ଏନଏସଇ ଫାଉଣ୍ଡେସନ୍ ମଧ୍ୟରେ 'ଦୁଃସ୍ଥିତିଜନିତ ଦେଶାନ୍ତର ରୋକିବା ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ବ୍ଲେସ' କାର୍ଯ୍ୟକାରୀ କରିବା ନିମନ୍ତେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ମିଶନ ଶକ୍ତି ବିଭାଗ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ଜୀବିକା ମିଶନ ସହଯୋଗରେ ଏହି ତିନିବର୍ଷିଆ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଦେଶାନ୍ତର ପୂର୍ବରୁ ସମ୍ଭାବ୍ୟ ପରିବାରମାନଙ୍କୁ ଚିହ୍ନଟ କରି ସେମାନଙ୍କର ଜୀବିକା, ଦକ୍ଷତା ବିକାଶ, ଆର୍ଥିକ ସେବା ଓ ସରକାରୀ ଯୋଜନା ସହ ସଂଯୋଗ ସୁନିଶ୍ଚିତ କରି ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ହେଉଛି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶାନ୍ତରର ମୂଳ କାରଣଗୁଡ଼ିକୁ ପୂର୍ବରୁ ଚିହ୍ନଟ କରି ସମାଧାନ କରାଯିବ। ଏହି ପ୍ରକଳ୍ପ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୬୯ଟି ବ୍ଲକରେ କାର୍ଯ୍ୟକାରୀ ହୋଇ ପ୍ରାୟ ୮.୮୧ ଲକ୍ଷ ଗ୍ରାମୀଣ ପରିବାର ଓ ୮୬,୪୬୮ ଏସ୍‌ଏଚ୍‌ଜିକୁ ଅନ୍ତର୍ଭୁକ୍ତ କରିବ। ସ୍ୱୟଂ ସହାୟିକା ଗୋଷ୍ଠୀରୁ ଚୟନ କରାଯାଇ ୫୫୦ ଜୀବିକା ସଖୀ ଏହି ପ୍ରକଳ୍ପକୁ ସହାୟତା କରିବେ। ସ୍ୱୟଂ ସହାୟିକା ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ ଓ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ମାଧ୍ୟମରେ ଏହାର କାର୍ଯ୍ୟାନ୍ୱୟନ କରାଯିବ।

## ହଷ୍ଟେଲରେ ମୌଳିକ ସୁବିଧାର ଅଭାବ

# ୧୮୦ରୁ ଊର୍ଦ୍ଧ୍ୱ ଛାତ୍ର ହେଲେ ଘରମୁହାଁ



ନବରଙ୍ଗପୁର,ଝରୀଗାଁ,୬।୮ (ସଂଚାର ବ୍ୟୁରୋ)ଃ ଉ-ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅଧୀନରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ସାନଟମେରା ହଷ୍ଟେଲ ଅବ୍ୟବସ୍ଥାକୁ ନେଇଁ ହଷ୍ଟେଲ ଛାଡିଲେ ଅନ୍ତେବାସୀ, ନିଜ ନିଜ ବହି ବସ୍ତାନି ଧରି ସାନଟମେରାରୁ ଝରୀଗାଁ ପାଖାପାଖି ୨୦ କିମି ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଛି। ତେବେ ହଷ୍ଟେଲ ରେ ନାନାପ୍ରକାର ଅସୁବିଧା ର ସମ୍ମୁଖୀନ ହେଉଥିବା ଦୁଃଖର ସହ ପ୍ରକାଶ କରିଛନ୍ତି ଅନ୍ତେବାସୀ। ଦୀର୍ଘ ଦିନ ହେବ ନାନା ସମସ୍ୟାର ସମୁଖୀନ ହେଉଥିବା ବେଳେ ଦିଦି ଙ୍କ ଦବଙ୍ଗଗିରି ରେ ଅତିଷ୍ଟ ହୋଇ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଦିନେ ହେଲେ କୌଣସି ଅଧିକାରୀ ଏମାନଙ୍କ ନିକଟରେ ପହଂଚି ନଥିବା ଏବଂ ଏମାନଙ୍କ ସମସ୍ୟା ବୁଝିନଥିବା କଥା ଏବେ ଶିକ୍ଷା ବ୍ୟବସ୍ଥାରେ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପିଲାଙ୍କ ଅଭିଯୋଗ ପ୍ରକାରେ ପିଲାଙ୍କୁ ହଷ୍ଟେଲ ରେ ପୋକ ଚାଉଳ ର ଭାତ, ଦରସିଝା ପାଣିଆ ଡାଲି ଏବଂ ଦୁଇଟି ରୁମରେ ୧୮୦ ଛାତ୍ର ଗେଞ୍ଜା ପେଲା କରି ରଖାଯାଇଛି। ଏବଂ ବହୁଦିନ ଧରି ଏହିଭଳି ବର୍ଷା ଦିନେ ଛାତରୁ ପାଣିଗଡୁ ଥିବା ଅବସ୍ଥାରେ ପିଲା ମାନେ ଭିଜି ଭିଜି ରହୁଥିବା ଏବଂ ପିଲାଙ୍କ ପାଇଁ ଯେଉଁ ସବୁ ଖେଳନା ଯଥା ଫୁଟବଲ ଏବଂ ଅନ୍ୟାନ୍ୟ ଜିନିଷପତ୍ର ସେମାନଙ୍କୁ ଛୁଇଁବାକୁ ମଧ୍ୟ୍ୟ ପ୍ରଧାନ ଶିକ୍ଷୟତ୍ରୀ ରାଜ ଲକ୍ଷ୍ମୀ ମହାରଣା ଦେଉନ ଥିବା ମଧ୍ୟ କହିଛନ୍ତି ଅନ୍ତେବାସୀ। ତେବେ ପୂର୍ବରୁ ମଧ୍ୟ ଏହିଭଳି ସମସ୍ୟା ହୋଇଥିବା ବେଳେ ଏହାର କୌଣସି ସମାଧାନ ହୋଇନାହିଁ କି କୌଣସି ଅଧିକାରୀ ପହଂଚି ନଥିବା ଶିକ୍ଷାବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠିଛି,ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା ପିଲାଙ୍କ ଅଭିଯୋଗକୁ ଖଣ୍ଡନ କରିଥିବାବେଳେ ଡବ୍ଲୁଇଓ ଏହାର ତଦନ୍ତ କରାଯିବବୋଲି କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି ପୂର୍ବରୁ ଯଦି ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇଥାନ୍ତା ତେବେ ଆଜି ତଦନ୍ତର ଆବଶ୍ୟକତା କାହିଁକି ପଡିଥାନ୍ତା? ତେବେ ପିଲାମାନେ ଚାଲି ଚାଲି ଯାଉଥିବାବେଳେ ଦୁକାଲୁ ପଡା ସ୍କୁଲ ନିକଟରେ ଡବ୍ଲୁଇଓ, ପ୍ରଧାନ ଶିକ୍ଷୟତ୍ରୀ, ଏବିଓ, ସିଆଇସି ପିଲାଙ୍କୁ ଅଟକାଇ ବୁଝାସୁଝାକରି ଦୁକାଲୁପଡା ସ୍କୁଲରେ ଅଟକେଇ ରଖିଥିଲେ। ଯାହା ସୂଚନା ରହିଛି ଅଭିଭାବକ ମାନଙ୍କୁ ସୂଚନା ଦିଆଯାଇଛି ଏବଂ ଅଭିଭାବକ ମାନେ ଆସିଲେ ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି କୁହା ଯାଇଛି।

## ପୋଖରୀ ଭିତରୁ ପଥର ବନ୍ଧା ହୋଇଥିବା ବୃଦ୍ଧଙ୍କ ଶବ ଉଦ୍ଧାର



ସୁନ୍ଦରଗଡ଼,୬।୮(ସଂଚାର ବ୍ୟୁରୋ)ଃ ଜିଲ୍ଲା ହେମଗିର ଥାନା ଅନ୍ତର୍ଗତ ତୁମକ୍ଷଜୋର- ଚିତାମୁଣ୍ଡା ଠାରେ ଥିବା ଏକ ପୋଖରୀ ଭିତରୁ ହେମଗିର ପୁଲିସ ଜଣେ ବୃଦ୍ଧଙ୍କ ମୃତ ଶରିରକୁ କାଲି ରାତିରେ ଜବତ କରିଛି। ମୃତ ବୃଦ୍ଧ ଜଣକ ହେଲେ ଚିତାମୁଣ୍ଡା ଗ୍ରାମର ଉର୍ଦ୍ଧ୍ୱବ ପ୍ରଧାନ(୭୫)। ମିଳିଥିବା ସୂଚନା ଅନୁସାରେ ଗତ କାଲି ସକାଳୁ ଉର୍ଦ୍ଧ୍ୱବ ଘରୁ ବାହାରି ଥିଲେ କିନ୍ତୁ ଆଉ ଘରକୁ ଫେରିନଥିଲେ। ଘର ଲୋକ ବହୁ ଖୋଜାଖୋଜି କରିବା ପରେ ପୋଖରୀ ନିକଟରେ ତାଙ୍କର ଚପଲ ଥିବାର ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପୋହଞ୍ଚି ପୋଖରୀ ଭିତରୁ ବେକରେ ଦଉଡ଼ି ସାହାଯ୍ୟରେ ପଥର ବନ୍ଧା ହୋଇ ଥିବା ଏକ ଶବକୁ ଉଦ୍ଧାର କରିଥିଲେ। ଏନେଇ ହେମଗିର ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପୋହଞ୍ଚି ଶବକୁ ଜବତ କରିବା ସହ ୩୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇନଟିଫିକ ଟିମ୍ ଓ ସନ୍ଧାନି କୁକୁର ସାହାଯ୍ୟରେ ଘଟଣାର ତଦନ୍ତ ଚଳାଇଛି।

**ଏନ୍ ଏଚ୍ ପାଲଟିଛି ମରଣଯନ୍ତା!**

# ଖାଲରେ ଭର୍ତ୍ତି ରାସ୍ତା, ବଢୁଛି ଦୁର୍ଘଟଣା

- ଖାଲ ମଝିରେ ପଥର ପକାଇ ସ୍ଥାନୀୟ ଲୋକେ କଲେ ସତର୍କ
- କୁମ୍ଭକର୍ଣ୍ଣ ନିଦ୍ରାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ



ଆନନ୍ଦପୁର, ୬।୮(ସଂଚାର ବ୍ୟୁରୋ) କେନ୍ଦୁଝରର ଲାଇଫ୍‌ଲାଇନ୍ କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥ ଏବେ ପାଲଟିଛି ମରଣଯନ୍ତା!ରାସ୍ତାରେ ଯେଉଁଠି ଦେଖିବେ, ସେଇଠି ବଡ଼ ବଡ଼ ଖାଲ। ଖାଲ ଏତେ ବଡ଼ ଯେ ଗାଡ଼ି ଚାଳକଙ୍କ ପାଇଁ ଏହା ପାଲଟିଛି ମୃତ୍ୟୁର ଫାନ୍ଦ! ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଛନ୍ତି ହଜାର ହଜାର ଗାଡ଼ି। ହେଲେ ରାସ୍ତାର ଅବସ୍ଥା ଏମିତି ଯେ, କେତେବେଳେ କେଉଁଠି ଦୁର୍ଘଟଣା ଘଟିବ, ତାହା କହିବା ମୁସ୍କିଲ୍।ସବୁଠାରୁ ବଡ଼ କଥା ହେଉଛି, ଗତ ମାସରେ ରାସ୍ତାର ଅନେକ ଖାଲ ସ୍ଥାନରେ ବର୍ଷା ହେଉଥିବା ସମୟରେ ପିଚୁ ପକାଇ ମରାମତି କାମ ସାରିଦିଆଯାଇଥିଲା। କିନ୍ତୁ ମରାମତିର ମାସେ ନପୂରୁଣୁ ଉଠିଗଲା ପିଚୁ! ଏବେ ସେହି ସ୍ଥାନରେ ପୁଣି ସୃଷ୍ଟି ହୋଇଛି ବିରାଟ ବିରାଟ ଖାଲ। ତେବେ ପ୍ରଶ୍ନ ଉଠୁଛି, ବର୍ଷା ସମୟରେ ପିଚୁ ପକାଇ କେବଳ ଦାୟିତ୍ୱ ସାରିଦିଆଯାଉଛି କି? ସାଳପଡ଼ା କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟଠାରୁ ରାମଚନ୍ଦ୍ରପୁର ଥାନା ପର୍ଯ୍ୟନ୍ତ ବାମପାର୍ଶ୍ୱ ରାସ୍ତାର ଅବସ୍ଥା ଦେଖିଲେ ଲାଗୁଛି, ଯେମିତି ଯମଦ୍ୱାରକୁ ବାଟ ଫିଟିଛି! ଆଉ ଜାତୀୟ ରାଜପଥର ସବୁଠାରୁ ବିପଦପୂର୍ଣ୍ଣ ଅଞ୍ଚଳ ପାଲଟିଛି ବେଲବାହାଳୀ ବାଇପାସ୍ ନିକଟ। ରାସ୍ତାରେ ବଡ଼ ବଡ଼ ଖାଲ, ଆଉ ଖାଲ ଥିବା ସ୍ଥାନରେ ବଡ଼ ବଡ଼ ପଥର ପକାଇ ଗାଡ଼ି ଚାଳକଙ୍କୁ ଦିଆଯାଉଛି ସତର୍କ ସୂଚନା। କିନ୍ତୁ ପ୍ରଶ୍ନ ହେଉଛି, ପଥର ପକାଇ ସତର୍କ କରିଦେଲେ କଣ ସମସ୍ୟାର ସମାଧାନ ହୋଇଯିବ? ଯେଉଁ ରାସ୍ତାକୁ କେନ୍ଦୁଝରର ଲାଇଫ୍‌ଲାଇନ୍ କୁହାଯାଏ, ସେହି ରାସ୍ତା ପ୍ରତି ଏତେ ଅବହେଳା କାହିଁକି? ପ୍ରତିଦିନ ଏହି ରାସ୍ତା ଦେଇ କୋଟି କୋଟି ଟଙ୍କାର ଲୁହାପଥର ଟ୍ରକ୍‌ରେ ପରିବହନ ହେଉଛି। ଭାରୀ ଯାନବାହନ ଚଳାଚଳରେ ରାସ୍ତାର ଅବସ୍ଥା ଆହୁରି ଖରାପ ହେଉଛି। ତେବେ ଏତେ ଗୁରୁତ୍ୱପୂର୍ଣ୍ଣ ରାଜପଥର ଏଭଳି ଦୁର୍ଦ୍ଦଶା ପ୍ରତି ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନଜର କେବେ ପଡ଼ିବ? ଦୁର୍ଘଟଣା ବଢ଼ିବା ପରେ ଚେତିବେ, ନା ତା'ପୂର୍ବରୁ ମରାମତି ହେବ? ଏବେ ଏହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ରାସ୍ତାର ଏଭଳି ଦୁର୍ଦ୍ଦଶାକୁ ତୁରନ୍ତ ଗୁରୁତ୍ୱ ଦେଇ, ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ସ୍ଥାୟୀ ମରାମତି କରିବା ସହ ଯାତାୟାତକୁ ସୁରକ୍ଷିତ କରିବାକୁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି। ଏବେ ଦେଖିବାକୁ ବାକି ରହିଲା ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ଏହି ମରଣଯନ୍ତା ରାସ୍ତାକୁ କେବେ ସଜାଡୁଛି!

## ଦୁଇଟି ଗାଡ଼ି ସହ ୨ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ




ଫୁଲବାଣୀ,୬।୮(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାରେ ପୁଣି ଥରେ ବଡ଼ ଧରଣର ଗଞ୍ଜେଇ ଜବତ କରିଛି ସଦର ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଖଜୁରୀପଡ଼ା ବ୍ଲକର ବାରହାପଡା ଗ୍ରାମ ନିକଟରେ ଚଢ଼ାଉ କରାଯାଇଥିଲା କନ୍ଧମାଳ ଅବକାରୀ ଅଧିକାରୀ ସୁଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ବିନୋଦ ବାସ୍କେ, ସଦର ସବ୍‌ଇନ୍ସପେକ୍ଟର ଭକ୍ତ ଚରଣ ସ୍ୱାଇଁ ଓ ତାଙ୍କ ଟିମ୍ ସେଠାରେ ନଜର ରଖିଥିଲେ ଏହି ସମୟରେ ବାରହାପଡାରୁ ବୌଦ୍ଧ ଅଭିମୁଖେ ଯାଉଥିବା ଏକ କାର ଓଡ଼ି ୦୨ସିଏକ୍ସ ୫୩୦୪କୁ ଅଟକାଇ ତଲାସି କରାଯାଇଥିଲା ତଲାସି ବେଳେ କାରରୁ ୫୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା ସେହି ସମୟରେ ପଛରୁ ଆସୁଥିବା ଏକ ପିକଅପ୍ ଗାଡ଼ି ଓଡ଼ି ୦୫ବିୟୁ ୮୩୬୧ କୁ ଅଟକାଇବାକୁ ଚେଷ୍ଟା କରିବାବେଳେ ଡ୍ରାଇଭର ଫେରାର ହୋଇଯାଇଥିଲା ପରେ ଗାଡ଼ିକୁ ଯାଞ୍ଚ କରି ସେଥିରୁ ୧ କ୍ୱିଣ୍ଟାଲ ୭୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା ଦୁଇଟି ଗାଡ଼ିରୁ ମୋଟ ୨ କ୍ୱିଣ୍ଟାଲ ୨୫ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩୪ ଲକ୍ଷ ଟଙ୍କା ହେବ ବୋଲି ଡିଏସ୍ପି ପବିତ୍ର ମୋହନ ମାଝୀ ସୂଚନା ଦେଇଛନ୍ତି ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି ସେମାନେ ହେଲେ ଖଜୁରୀପଡ଼ା ବ୍ଲକର ସୁଡୁକୁମ୍ପା ଅଞ୍ଚଳର ନିର୍ମଳ ବେହେରା ଏବଂ ବୌଦ୍ଧ ଜିଲ୍ଲାର ଆମ୍ବଝରି ଅଞ୍ଚଳର ରଞ୍ଜିତ୍ ଲୁହା ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ପ୍ରାଥମିକ ତଦନ୍ତରୁ ଦୁଇଟି ଗାଡ଼ି ପରସ୍ପର ସହ ସମନ୍ୱୟ ରଖି ଏକାଠି ଗନ୍ତବ୍ୟସ୍ଥଳକୁ ଯାଉଥିବା ସନ୍ଦେହ କରାଯାଉଛି କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ ଚାଷ ଓ ଚୋରା ଚାଲାଣକୁ ନେଇ ପ୍ରଶାସନ ଲଗାତାର ଚଢ଼ାଉ କରୁଥିଲେ ମଧ୍ୟ ଏଭଳି ଘଟଣା ଚିନ୍ତା ବଢ଼ାଇଛି ବିଶେଷକରି ସହଜରେ ଅଧିକ ଟଙ୍କା ରୋଜଗାରର ଆଶାରେ କିଛି ଯୁବକ ଏହି ବେଆଇନ କାରବାରରେ ଜଡ଼ିତ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଅବକାରୀ ବିଭାଗର ଚଢ଼ାଉ, ବିପୁଳ ମଦ ଜବତ, ୧୦ ଗିରଫ



ସୁନ୍ଦରଗଡ଼, ୬।୮(ସଂଚାର ବ୍ୟୁରୋ) ଅବକାରୀ ବିଭାଗର ଚଢ଼ାଉ, ବିପୁଳ ପରିମାଣର ବେଆଇନ ମଦ ଜବତ, ୧୦ ଜଣଙ୍କ ନାଁରେ ମାମଲା ରୁଜୁ। ସୁନ୍ଦରଗଡ଼ ଜିଲ୍ଲାର ରମ୍ଭିଆ ଓ ପୀଠଭୁଇଁ ଅଞ୍ଚଳରେ ବେଆଇନ ମଦ କାରବାର ବିରୋଧରେ ବୁଧବାର ସୁନ୍ଦରଗଡ଼ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏକ ବ୍ୟାପକ ମିଳିତ ଚଢ଼ାଉ କରାଯାଇଛି। ଏହି ଅଭିଯାନରେ ଏ.ପି.ଆର୍., ପୋଲିସ ବିଭାଗ ଓ ସୁନ୍ଦରଗଡ ସଦର ଉପଜିଲ୍ଲାପାଳ ଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଚଢ଼ାଉ ସମୟରେ ବିପୁଳ ପରିମାଣର ବେଆଇନ ଅବକାରୀ ସାମଗ୍ରୀ ଜବତ କରାଯାଇଥିଲା।ଏହି ଚଢ଼ାଉ ଅଭିଯାନରେ ୧,୨୬୬ ଲିଟର ଇଲିସିଟ୍ ଡିଷ୍ଟିଲ୍ଡ ଲିକର (ଆଇଡିଏଲ୍), ୧୪,୦୮୦ ଲିଟର ଇଲିସିଟ୍ ଫରମେଣ୍ଟେଡ୍ ୱାଶ (ଆଇଡି) ଏବଂ ୨ଟି ୱାଶ ହାଣ୍ଡି (ଡବ୍ଲୁଏଚ୍) ଜବତ କରାଯାଇଛି। ଜବତ ସାମଗ୍ରୀକୁ ନଷ୍ଟ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେଆଇନ ମଦ ପ୍ରସ୍ତୁତି ଓ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ।

## ବିଏସଏଫ ବୀର ଯବାନଙ୍କୁ ଜନସାଧାରଣ ଜ୍ଞାପନ କଲେ ଶ୍ରଦ୍ଧାଞ୍ଜଳି



ଯାଜପୁର ରୋଡ଼,୬।୮ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ବିର ଯବାନ ଦେଶ ସେବା କରୁଥିବା ବେଳେ ଅଫେରା ରାଇଜର ଦୁନିଆକୁ ଚାଲିଯାଇଛନ୍ତି। ଦେଶର ମାଲଦା କ୍ୟାମ୍ପରେ କାର୍ଯ୍ୟରତ ଥିବା ବେଳେ ଅସୁସ୍ଥତା କାରଣରୁ ବିଏସଏଫ୍ ଯବାନ ଦିଲ୍ଲୀପ ମହାନ୍ତି'ଙ୍କ ଦେହାନ୍ତ ଘଟିଛି। ଆଜି ତାଙ୍କ ଜନ୍ମମାଟି ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଅଞ୍ଚଳ ସହର ଅନ୍ତର୍ଗତ ରମ୍ଭାସ ଗ୍ରାମରେ ଭାରତୀୟ ଜବାନ ମାନଙ୍କ ଗାଡ଼ିରେ ବୀର ଯବାନ ସ୍ୱର୍ଗତ ଦିଲ୍ଲୀପ ମହାନ୍ତିଙ୍କ ପାର୍ଥିବ ଶରୀର ଆସି ପହଂଚିବା ପରେ ତାଙ୍କ ଶରୀରକୁ ହଜାର ହଜାର ଜନସାଧାରଣ ମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏପରି ଦୁଃଖ ଘଟଣାକୁ ନେଇ ବ୍ୟାସନଗର ସହରରେ ଆଜି ଶୋକର ଛାୟା ଖେଳିଯାଇଛି।

## ବିଦ୍ୟାଳୟର ଫାଟକ ଭୁଶୁଡ଼ି ୪ ଛାତ୍ର ଆହତ, ୨ ଗୁରୁତର



କୋରାପୁଟ,୬।୮(ସଂଚାର ବ୍ୟୁରୋ)ଃ ସ୍କୁଲକୁ ପାଠ ପଢ଼ିବାକୁ ଆସିଥିଲେ ଛାତ୍ର। କିନ୍ତୁ ଶ୍ରେଣୀଗୃହରେ ପହଞ୍ଚିବା ପୂର୍ବରୁ ଜରାଜୀର୍ଣ୍ଣ ଫାଟକ ଓ ପାଚେରି ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଲା। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ କାଲାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସକାଳେ ଘଟିଥିବା ଏହି ଅଭାବନୀୟ ଘଟଣାରେ ଚାରିଜଣ ଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ବାମ ହାତ ଭାଙ୍ଗିଯାଇଥିବାବେଳେ ଆଉ ଜଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳେ ଛାତ୍ରମାନେ ବିଦ୍ୟାଳୟ ପରିସରକୁ ପ୍ରବେଶ କରୁଥିବା ବେଳେ ଦୁର୍ବଳ ଅବସ୍ଥାରେ ଥିବା ଲୁହା ଫାଟକ ସହ ସିମେଣ୍ଟ ପାଚେରି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଚାରିଜଣ ଛାତ୍ର ଏହା ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରି ସମସ୍ତଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଲମତାପୁଟ ଆଶାକିରଣ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ପରେ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ସେମାନଙ୍କ ଅଭିଯୋଗ, ବିଦ୍ୟାଳୟର ଫାଟକ ଓ ପାଚେରି ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲେ ମଧ୍ୟ ମରାମତି କରାଯାଇନଥିଲା। ଏହି ଅବହେଳାର ପରିଣାମ ସ୍ୱରୂପ ନିରୀହ ଶିଶୁମାନେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଅନ୍ୟପକ୍ଷରେ, ଘଟଣାର ପ୍ରାୟ ତିନି ଘଣ୍ଟା ପର୍ଯ୍ୟନ୍ତ କୌଣସି ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଆଞ୍ଚଳିକସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଉଦ୍‌ଘାଟିତ



ଖୋର୍ଦ୍ଧା,୬।୮(ସଂଚାର ବ୍ୟୁରୋ)ଃ ନବୋଦୟ ବିଦ୍ୟାଳୟ ସମିତି, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧାଠାରେ ଆଜି ଆଞ୍ଚଳିକ ସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଔପଚାରିକ ଭାବେ ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତା ୫ ଓ ୬ ଅଗଷ୍ଟ ୨୦୨୬ ଦୁଇଦିନ ଧରି ଅନୁଷ୍ଠିତ ହେବ। ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ୧୬ଟି ଜବାହର ନବୋଦୟ ବିଦ୍ୟାଳୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଏବଂ ୨୦ ଜଣ ଏସ୍‌କର୍ଟ ଶିକ୍ଷକ ଏହି ବକ୍ସିଂ ମିଟ୍‌ରେ ଯୋଗଦେଇଛନ୍ତି। ବାଳକ ଓ ବାଳିକା ବିଭାଗର ବିଭିନ୍ନ ଓଜନ ଶ୍ରେଣୀରେ ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ଖେଳାଳିମାନେ ଉଚ୍ଚମାନର କ୍ରୀଡ଼ାନୈପୁଣ୍ୟ, ଶୃଙ୍ଖଳା ଓ କ୍ରୀଡ଼ାସୁଲଭ ମନୋଭାବର ପରିଚୟ ଦେଇଛନ୍ତି। ପ୍ରତିଯୋଗିତାଟି ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ନୃସିଂହ ଚରଣ ଚକ୍ରଙ୍କ ଉପସ୍ଥିତିରେ ଆୟୋଜିତ ହୋଇଛି।

## ବିଜେପି- ବିଜେଡି କର୍ମୀଙ୍କ ତୁହାତୁହି, ବୈଠକରେ ଉତ୍ତେଜନା

ବାଲିଆପାଳ,୬।୮ (ସଂଚାର ବ୍ୟୁରୋ)ଃ ଭୋଗରାଇ ପଞ୍ଚାୟତ ସମିତି ପରିସରରେ ଆୟୋଜିତ ବିଧାୟକଙ୍କ ଗୌତମ ବୁଦ୍ଧ ଦାସ ଉନ୍ନୟନ ସମୀକ୍ଷା ବୈଠକ ସମୟରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିବା ଅଭିଯୋଗ ମିଳିଛି। ବୈଠକ ଚାଲିଥିବା ବେଳେ ଉଭୟ ପକ୍ଷର କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇ ପରିସ୍ଥିତି ଅଶାନ୍ତ ହୋଇଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା



ଅନୁଯାୟୀ, ବିବାଦ ବଢ଼ିବା ସହ ବୈଠକ କକ୍ଷରେ ଜୋରଦାର ସ୍ଲୋଗାନ ଶୁଣିବାକୁ ମିଳିଥିଲା। ବିଶେଷକରି 'ଜୟ ଶ୍ରୀରାମ' ନାରାରେ ସମଗ୍ର ମିଟିଂ ହଲ୍ କମ୍ପି ଉଠିଥିବା ଦେଖିବାକୁ ମିଳିଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ଆଶଙ୍କାରେ ବୈଠକକୁ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା। ଖବର ପାଇ ଭୋଗରାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲା। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି। ତେବେ ବିବାଦର ପ୍ରକୃତ କାରଣ କ'ଣ ଏବଂ କେଉଁ ପରିସ୍ଥିତିରେ ଏହି ଉତ୍ତେଜନା ସୃଷ୍ଟି ହେଲା, ସେନେଇ ଅଧିକାରିକ ଭାବେ କୌଣସି ସ୍ପଷ୍ଟ ବୟାନ ସାମ୍ନାକୁ ଆସିନାହିଁ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପୋଲିସ ପରିସ୍ଥିତି ଉପରେ ନଜର ରଖିଛି।

## କେନାଲ ସଫେଇ ନାମକୁ ମାତ୍ର



ବାଲିଅନ୍ତା,୬।୮ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା କେନାଲ ସବ ଡିଭିଜନ ଅଧୀନ ବିସରପୁର ଏବଂ କଣ୍ଟି ବାରାହି ମାଇନର କେନାଲ ସଫେଇ କାର୍ଯ୍ୟ ନାମକୁ ମାତ୍ର। କେନାଲର ଅଧିକାଂଶ ଅଂଶ ପୋତି ହୋଇଗଲାଣି। ହେଲେ ଜଳ ସେଚନ ବିଭାଗ ପକ୍ଷରୁ ପ୍ରତାପରୁଦ୍ରପୁର ପଞ୍ଚାୟତରେ ଚାଲିଥିବା ଘାସ ଚଞ୍ଛା କାର୍ଯ୍ୟ ନାମକୁ ଏକ ପ୍ରହସନ ବୋଲି ଅଭିଯୋଗ ହେଉଛି। ଘାସ ସଫେଇ ଦ୍ୱାରା କେନାଲ ତଳ ମୁଣ୍ଡରେ ପାଣି ପହଞ୍ଚି ପାରୁ ନାହିଁ। କୋଦକ୍ଷଳ କୋଡ଼ି ବଦଳରେ ଜେସିବି ଲଗାଇ ଖନନ କରିବାକୁ ଦାବି ହେଉଛି।

## ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଭାବେ ମନୋନୀତ ହେଲେ ସାଂସଦ



ନୀଳଗିରି,୬।୮(ସଂଚାର ବ୍ୟୁରୋ)ଃ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪ର ଧାରା ୯(୧) (କ୍ୟୁ) ଅନୁଯାୟୀ ବାଲେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତିଙ୍କ ଆଦେଶକ୍ରମେ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶ୍ରୀ ଷଡ଼ଙ୍ଗୀଙ୍କ ଏହି ମନୋନୟନ ତାଙ୍କ ସାଂସଦ ପଦର କାର୍ଯ୍ୟକାଳ ସମାପ୍ତ ହେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ଜାରି ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଓ ପରାମର୍ଶଦାତା ସଂସ୍ଥା ଭାବେ ପରିଚିତ ସିନେଟ୍‌ରେ ଶ୍ରୀ ଷଡ଼ଙ୍ଗୀଙ୍କ ମନୋନୟନକୁ ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଯାଉଛି। ତାଙ୍କର ଅଭିଜ୍ଞତା ଓ ଦୀର୍ଘଦିନର ସାର୍ବଜନିକ ସେବା ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଓ ପ୍ରଶାସନିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି।

● ଗଞ୍ଜାମ ଏନ୍‌ଏସିରେ ରାସନ ବଣ୍ଟନରେ ଅବ୍ୟବସ୍ଥା

## ଜଣେ ଡିଲରଙ୍କୁ ଚାରି ୱାର୍ଡର ଦାୟିତ୍ୱ; ରାସନ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା

ଛତ୍ରପୁର,୬।୮ (ସଂଚାର ବ୍ୟୁରୋ)ଃ ପ୍ରଖର ଖରାରେ ରାସନ ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଠିଆ ହେଉଛନ୍ତି ହିତାଧିକାରୀ। ଗଞ୍ଜାମ ଏନ୍‌ଏସିର ଜଣେ ଡିଲରଙ୍କୁ ଚାରିଟି ୱାର୍ଡର ୫୦୦ରୁ ଅଧିକ ରାସନ କାର୍ଡର ଦାୟିତ୍ୱ ଦିଆଯାଇଥିବାରୁ ବଣ୍ଟନ ବ୍ୟବସ୍ଥା ଉପରେ ଅତ୍ୟଧିକ ସମସ୍ୟା ଦେଖାଦେଉଛି। ଫଳରେ ରାସନ ବଣ୍ଟନରେ ବିଳମ୍ବ ହେଉଥିବା ସହ ବୃଦ୍ଧ, ମହିଳା ଓ ଅନ୍ୟ ହିତାଧିକାରୀମାନେ ଖରାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗଞ୍ଜାମ ଏନ୍‌ଏସିର ୪ ନମ୍ବର ୱାର୍ଡର ଜଣେ ଡିଲରଙ୍କ ଅଧୀନରେ ୧, ୨, ୬ ଓ ୭ ନମ୍ବର ୱାର୍ଡର ୫୦୦ରୁ ଅଧିକ ରାସନ କାର୍ଡ ରହିଛି। ଏକାଧିକ ୱାର୍ଡର ହିତାଧିକାରୀ ଗୋଟିଏ ସ୍ଥାନରୁ ରାସନ ନେଉଥିବାରୁ ପ୍ରତିମାସ ବଣ୍ଟନ ସମୟରେ ପ୍ରବଳ ଭିଡ଼ ହେଉଛି। ଅଭିଯୋଗ ହେଉଛି ଯେ, ଚାଉଳ ଉଠାଣ ଓ ବଣ୍ଟନରେ ବିଳମ୍ବ ହେବାରୁ ହିତାଧିକାରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲାଇନରେ ଅପେକ୍ଷା କରିବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ ମତରେ, ଜଣେ ଡିଲରଙ୍କ ଉପରେ ଚାରିଟି ୱାର୍ଡର ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହି ସମସ୍ୟାକୁ ଯୋଗାଣ ବିଭାଗ ଗୁରୁତ୍ୱର ସହ ନେଉନଥିବାରୁ ହିତାଧିକାରୀଙ୍କ ଅସନ୍ତୋଷ ବଢ଼ୁଛି।

## ଦୁଇ ଗିରଫ, ପିସ୍ତଲ ଓ ଗୁଳି ଜବତ



ହିଞ୍ଜିଳିକାଟୁ,୬।୮(ସଂଚାର ବ୍ୟୁରୋ)ଃ ହିଞ୍ଜିଳି ବ୍ଲକ ଅନ୍ତର୍ଗତ ବେଲ ଗାଁ ଥାନା ଇଲାକାରେ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗରେ ଦୁଇ ଜଣଙ୍କ ନିକଟରୁ ଗୋଟିଏ ପିସ୍ତଲ,ଦୁଇଟି ଜୀବନ୍ତ ଗୁଳି, ଅଇଲ ବଟଲ, ଦୁଇଟି ମୋବାଇଲ ଜବତ କରିଛି ପୋଲିସ । ସନ୍ଧ୍ୟା ପେଟ୍ରୋଲିଙ୍ଗ ସମୟରେ ସେମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର ମିଳିଥିଲା । ଉଭୟ ଯୁବକ ହେଲେ ବେଲ ଗାଁ ଥାନା ଡ଼ି. ପାଟପୁର ଅଞ୍ଚଳର ରବି ସେଠୀ ଓ ଶିବ ଜେନା ଏନେଇ ଥାନାରେ ମାମଲା ରୁଜୁ ହୋଇ ଦୁଇ ଜଣଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି

## ଅନ୍ତର୍ଜାତୀୟ ସମ୍ମିଳନୀ 'ଆଇସିସିଏମ୍‌ଇଏସ୍‌ଏଚ୍' ଉଦ୍‌ଘାଟିତ



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ)ଃ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଡୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ ଗଣିତ ବିଭାଗ ପକ୍ଷରୁ ତିନିଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ 'ଇଂଟରନ୍ୟାସନାଲ୍ କନଫରେନ୍ସ ଅନ୍ କଂପ୍ୟୁଟେସନାଲ୍ ମ୍ୟାଥମାଟିକ୍ସ ଫର୍ ଇଞ୍ଜିନିୟରିଂ ସାଇନ୍ସେସ୍ ଆଣ୍ଡ ହେଲ୍‌ଥକେୟାର (ଆଇସିସିଏମ୍‌ଇଏସ୍‌ଏଚ୍-୨୦୨୬)' ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମିଳନୀରେ ଭାରତ ସମେତ ବିଭିନ୍ନ ଦେଶର ବିଶିଷ୍ଟ ଶିକ୍ଷାବିତ୍, ଗବେଷକ, ବୈଜ୍ଞାନିକ ଏବଂ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ କଂପ୍ୟୁଟେସନାଲ୍ ମ୍ୟାଥମାଟିକ୍ସ ଏବଂ ଏହାର ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା ଓ ଆନ୍ତଃବିଭାଗୀୟ ବିଜ୍ଞାନ କ୍ଷେତ୍ରରେ ପ୍ରୟୋଗ ସମ୍ପର୍କିତ ଅତ୍ୟାଧୁନିକ ଗବେଷଣା ଉପରେ ମତ ବିନିମୟ କରିବେ। ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରୀଲଙ୍କାର ୟୁନିଭର୍ସିଟି ଅଫ୍ କଲମ୍ବୋର ଚେୟାର ପ୍ରଫେସର ଅଫ୍ ମ୍ୟାଥମାଟିକ୍ସ ତଥା ସେଂଟର ଫର ମ୍ୟାଥମାଟିକାଲ୍ ମଡେଲିଂର ନିର୍ଦ୍ଦେଶକ ପ୍ରଫେସର ସଞ୍ଜୀବ ପେରେରା ମୁଖ୍ୟ ଅତିଥି ଏବଂ ସୋଆର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଟିଇଆର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, ଗଣିତ ବିଭାଗର ମୁଖ୍ୟ ତଥା ସମ୍ମିଳନୀର ଆୟୋଜକ ଅଧ୍ୟକ୍ଷ ପ୍ରଫେସର ସୁନିତା ଚାନ୍ଦ, ସମ୍ମିଳନୀର ଆବାହକ ପ୍ରଫେସର ମିତାଲୀ ମଧୁସ୍ମିତା ନାୟକ ଏବଂ ସହ-ଆବାହକ ଡଃ ସୌଭାଗ୍ୟ କୁମାର ସାହୁ ଓ ଡଃ ପିନାକୀ ପ୍ରସାଦ କର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଭାଷଣରେ ପ୍ରଫେସର ସଞ୍ଜୀବ ପେରେରା ସଂକ୍ରାମକ ରୋଗ ସମେତ ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରର ଜଟିଳ ଚ୍ୟାଲେଞ୍ଜର ମୁକାବିଲାରେ କଂପ୍ୟୁଟେସନାଲ୍ ମ୍ୟାଥମାଟିକ୍ସ, ଗାଣିତିକ ମଡେଲିଂ ଏବଂ କୃତ୍ରିମ ବୁଦ୍ଧିମତାର (ଏଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।

# ବର୍ଷା ଓ ବନ୍ୟାରେ ଉଜୁଡ଼ିଗଲା ଫସଲ

- କଞ୍ଚା ଲଙ୍କା ୨ଶହ, ଝୁଡ଼ଙ୍ଗ ୧୨୦ଟଙ୍କା
- ଶୀତଳ ଭଣ୍ଡାର ପ୍ରତିଶ୍ରୁତି କେବଳ କାଗଜରେ



କାକଟପୁର/ଅସ୍ତରଙ୍ଗ,୬।୮ (ସଂଚାର ବ୍ୟୁରୋ)ଃ ସାରା ରାଜ୍ୟରେ ଗତ କିଛି ଦିନ ହେଲା ପରିବା ଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି। କାରଣ ଲଗାଣ ବର୍ଷା ଶହ ବନ୍ୟା ଯୋଗୁଁ ନଦୀ ପଠା ମାନଙ୍କରେ ହେଉଥିବା ଫସଲ ପୁରା ଧୋଇ ହୋଇ ଯାଇଛି। ତେଣୁ ସ୍ଥାନୀୟ ପରିବା ମିଳିବା କଷ୍ଟ ହୋଇଯାଉଛି। ଚାହିଦା ତୁଳନାରେ ଉତ୍ପାଦନ କମ୍ ରହୁଥିବା ଯୋଗୁଁ ବାଇଗଣ ଠାରୁ ପୋଟଳ, ଝୁଡ଼ଙ୍ଗ, କଲରା ଓ ବିନ୍ସ ପର୍ଯ୍ୟନ୍ତ ସବୁ ପରିବା ଦାମ୍ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ସରକାର ସିନା ଗରିବ (ରେସନ କାର୍ଡ) ହିତାଧିକାରୀ ଙ୍କୁ ମାଗଣା ରେ ଚାଉଳ ଯୋଗାଇ ଦେଉଛନ୍ତି କିନ୍ତୁ ଭାତ ସାଙ୍ଗରେ ଲଗାଇ ଖାଇବାକୁ ଗରିବଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ପରିବାର ଲୋକଙ୍କ ହାତ ମଧ୍ୟ ପାଉନି। ସୂଚନା ଥାଉ କି, ପୁରୀ ଜିଲ୍ଲା କାକଟପୁର ରେ କୁଣ୍ଢେଇ, ଓଥକା ହାଟ ଶହ ଅସ୍ତରଙ୍ଗ ବଜାର ସାପ୍ତାହିକ ହାଟ ପ୍ରତି ମଙ୍ଗଳବାର ଓ ଶନିବାର ବସେ। ଏଠାକୁ ପୁରୀ ଜିଲ୍ଲା ସମେତ ଜଗତସିଂହପୁର ଜିଲ୍ଲାର ନାଉଗାଁ, ବାଲିକୁଦା, କଟକର ନିଆଳୀ ଅଞ୍ଚଳ ଲୋକ ଏହି ହାଟକୁ ବ୍ୟବସାୟ କରିବାକୁ ଆସନ୍ତି। ଗତ ୧୦ଦିନ ତଳେ ପରିବା ଯାହା ଥିଲା ଏବେ ତାହା ଦେଢ଼ଗୁଣ ରୁ ୨ଗୁଣ ବଢ଼ିଯାଇଛି। ବାଇଗଣ କିଲୋ ୮୦ରୁ ୧୦୦ଟଙ୍କା, ପୋଟଳ ୯୦ରୁ ୧୦୦ଟଙ୍କା, ସଜନା ଛୁଇଁ ୧୦୦ଟଙ୍କା, କଲରା ୭୦ରୁ ୧୦୦ଟଙ୍କା ଝୁଡ଼ଙ୍ଗ ଛୁଇଁ ୧୨୦ଟଙ୍କା ହୋଇଛି। ସେହିପରି ଭେଣ୍ଡି ୭୦ରୁ ୮୦ଟଙ୍କା, କଞ୍ଚା ଲଙ୍କା ୨ଶହ ଟଙ୍କା, କାକୁଡି ୬୦ରୁ ୮୦ଟଙ୍କା, କଞ୍ଚା କଦଳୀ ଗୋଟା ୧୦ରୁ ୧୫ଟଙ୍କା, କୋବି ଗୋଟା ୫୫ରୁ ୭୫ଟଙ୍କା, ଜହ୍ନି ୭୦ଟଙ୍କା ଓ ଅମୃତଭଣ୍ଡା ୪୦ଟଙ୍କା ହୋଇଛି। କହିବାକୁ ଗଲେ ହାଟରେ ୧୦୦ଟଙ୍କା ତଳକୁ ପରିବା ନାହିଁ କହିଲେ ଚଳେ। ତେବେ ଟମାଟୋ କିଲୋ୨୫ରୁ ୩୦ଟଙ୍କା ରହିଛି। ଅନ୍ୟ ପଟେ ପୁରୀ ଜିଲ୍ଲା ହେଉ କି ଅସ୍ତରଙ୍ଗ ବ୍ଲକ ଅଧୀନ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଖଣ୍ଡାସାହି, ଓସ୍ତପୁର, ଓସିଆଁ ସହ ବେଗୁନିଆବସ୍ତ, ଝାରିଆ ଅଞ୍ଚଳରେ ବହୁ ମାତ୍ରାରେ ବାଇଗଣ, ବିଲାତି, ପୋଟଳ, କୋବି ଆଦି ପରିବା ବହୁ ପରିମାଣ ରେ ଚାଷ ହେଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶୀତଳ ଭଣ୍ଡାର ନିର୍ମାଣ ହୋଇପାରୁନାହିଁ।

■ ୭ମ ସିଆଇଆଇ ଅନ୍ତର୍ଜାତୀୟ ଶକ୍ତି ସମ୍ମିଳନୀ

# ଓଡ଼ିଶାର ସ୍ୱଚ୍ଛ ଶକ୍ତିରେ ଅଗ୍ରଗତି ବଖାଣିଲେ ଉପମୁଖ୍ୟମନ୍ତ୍ରୀ




ନୂଆଦିଲ୍ଲୀ/ଭୁବନେଶ୍ୱର,୬।୮: ନୂଆଦିଲ୍ଲୀସ୍ଥିତ ହୋଟେଲ ଲି ମେରିଡିଏନଠାରେ ଆୟୋଜିତ ୭ମ ସିଆଇଆଇ ଅନ୍ତର୍ଜାତୀୟ ଶକ୍ତି ସମ୍ମିଳନୀ ୨୦୨୬ରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ରାଜ୍ୟର ସ୍ୱଚ୍ଛ ଶକ୍ତି ଓ ସବୁଜ ଉତ୍ପାଦନ କ୍ଷେତ୍ରର ଅଗ୍ରଗତି ବିଷୟରେ ଆଲୋକପାତ କରିଛନ୍ତି। କେନ୍ଦ୍ର ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଭୁଟାନ ଶକ୍ତି ମନ୍ତ୍ରୀ ଲିୟନପୋ ଜେମ୍ ସେରିଙ୍ଗ ଓ ଶ୍ରୀଲଙ୍କାର ଶକ୍ତି ମନ୍ତ୍ରୀ ଅନୁରା କରୁଣାଥିଲାକେଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ଭାରତର ଶକ୍ତି ସୁରକ୍ଷା ଉପରେ ଏକ ସିଆଇଆଇ-ଇୱାଇ ରିପୋର୍ଟ ମଧ୍ୟ ଉନ୍ମୋଚିତ ହୋଇଛି।

ଆଗାମୀ ୨୦୩୫ ସୁଦ୍ଧା ୬୦ ପ୍ରତିଶତ ଅଣପାରମ୍ପରିକ ଶକ୍ତି କ୍ଷମତା ହାସଲ କରିବା ଓ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' (ଶୂନ୍ୟ ନିର୍ଗମନ) ଲକ୍ଷ୍ୟ ପୂରଣ କରିବାର ଜାତୀୟ ଲକ୍ଷ୍ୟ ସହ ତାଳ ମିଳାଇ ଓଡ଼ିଶା ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏହି କ୍ରମରେ ସୌର, ପବନ, ଓ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ୬୭,୦୦୦ କୋଟିର ନିବେଶ ପ୍ରସ୍ତାବ ପୂର୍ବରୁ ମଞ୍ଜୁର ହୋଇଥିବା ବେଳେ ବିଦ୍ୟୁତ୍ ଗ୍ରୀଡ୍‌ର ଆଧୁନିକୀକରଣ ଓ ଏଆଇ ପ୍ରଯୁକ୍ତିବିଦ୍ୟାର ବିନିଯୋଗ କରାଯାଉଛି। ରାଜ୍ୟର ୫୭୫ କିମି ଉପକୂଳ ଓ ବନ୍ଦରଗୁଡ଼ିକୁ ବ୍ୟବହାର କରି ବଡ଼ ଶିଳ୍ପସଂସ୍ଥାଗୁଡ଼ିକୁ କାର୍ବନମୁକ୍ତ କରିବା ସହ ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସିଆରେ ଏକ ପ୍ରମୁଖ 'ଗ୍ରୀନ୍ ହାଇଡ୍ରୋଜେନ୍ ହବ୍' ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପଟେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘରଃ ମୁଫ୍ତ ବିଜୁଳି ଯୋଜନା' ମାଧ୍ୟମରେ ସାଧାରଣ ଲୋକଙ୍କ ବିଦ୍ୟୁତ୍ ଖର୍ଚ୍ଚ କମାଇବା ଓ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସ୍ପଷ୍ଟ କରିବା ସହ ଉପମୁଖ୍ୟମନ୍ତ୍ରୀ ବିଶ୍ୱର ବଡ଼ ବଡ଼ ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଆମନ୍ତ୍ରଣ ଜଣାଇଛନ୍ତି। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

## ଲେଡିଜ୍ ହଷ୍ଟେଲରେ ପଶିଲା ସ୍କର୍ପିଓ ଜଣେ ଅଟକ

ଭୁବନେଶ୍ୱର ୬।୮ (ସଂଚାର ବ୍ୟୁରୋ): ନିଶାସକ୍ତ ଅବସ୍ଥାରେ ଜଣେ ଯୁବକ ଏକ ଦ୍ରୁତଗାମୀ ସ୍କର୍ପିଓ ଗୋଟିଏ ଲେଡିଜ୍ ହଷ୍ଟେଲ ଭିତରେ ଭର୍ତ୍ତି କରିଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ନୟାପଲ୍ଲୀ ଥାନା ବିଜୁ ପଟ୍ଟନାୟକ କଲେଜ ନିକଟରେ ଏହି ଘଟଣା ଘଟିଥିବା ବେଳେ ପୁଲିସ ଉପସ୍ଥିତିରେ ଗୁରୁବାର ଦୁର୍ଘଟଣାଗ୍ରସ୍ତ ଗାଡିକୁ ଲେଡିଜ୍ ହଷ୍ଟେଲ୍‌ରୁ ବାହାର କରାଯାଇଛି। ଦୁର୍ଘଟଣାରେ ହଷ୍ଟେଲରେ ଥିବା ୩ଟି ଗାଡ଼ି ଭାଙ୍ଗିଯାଇଛି। ପୁଲିସ ଯୁବକ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ନୟାପଲ୍ଲୀ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ତେବେ ଏଥିରେ କାହାର କିଛି କ୍ଷତି ହୋଇନାହିଁ।





ଛତିଶଗଡ଼ ରାଜ୍ୟପାଳ ରାମେନ୍ ଡେକା ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତାଲୋଚନା କରିଛନ୍ତି।

## ସ୍କୁଲ ପାଚେରି ଭାଙ୍ଗି, ୨ ଛାତ୍ର ଆହତ



ଲମତାପୁଟ,୬।୮(ସଂଚାର ବ୍ୟୁରୋ): ଭାଙ୍ଗିଲା ସ୍କୁଲ ପାଚେରୀ ଓ ଏଥିରେ ୨ ଜଣ ଛାତ୍ର ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ କସନ୍ଦୀ ପଞ୍ଚାୟତ କାଲାଡ଼ି ପ୍ରାଥମିକ ବିଦ୍ୟାଳୟରେ ଏପରି ଅଘଟଣ ଘଟିଛି। ୨ ଛାତ୍ରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି। ଆହତ ଛାତ୍ରଙ୍କ ଅଭିଭାବକ ନୀଳ ଖିଲ ଓ ପୂର୍ଣ୍ଣ ଖିଲଙ୍କ ସୂଚନା ମୁତାବକ ଦୁଇ ଶିଶୁ ଘରୁ ସ୍କୁଲ ଯାଇଥିଲେ। ତେବେ ସେମାନେ ସ୍କୁଲ ଫାଟକ ଧରି ଭିତରକୁ ପ୍ରବେଶ ବେଳେ ଦୁର୍ବଳ ସ୍ଥିତିରେ ଥିବା ଲୁହା ଫାଟକ ସମେତ ସିମେଣ୍ଟ ପାଚେରି ଭୁଶୁଡ଼ି ଦୁଇ ଛାତ୍ରଙ୍କ ଉପରେ ପଡ଼ିଥିଲା। ଉଭୟଙ୍କ ମୁଣ୍ଡରେ ଆଘାତ ଲାଗିବା ଫଳରେ ସେମାନେ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହାୟତାରେ ଦୁଇ ଛାତ୍ରଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଦୁଇ ଜଣଙ୍କ ଚିକିତ୍ସା ପରେ ବର୍ତ୍ତମାନ ସୁସ୍ଥ ଥିବା ସୂଚନା ଦେଇଛନ୍ତି। ଫାଟକ ଭୁଶୁଡ଼ି ପଡ଼ିବା ନେଇ କର୍ତ୍ତୃପକ୍ଷ ନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଓ ବିଡିଓଙ୍କୁ ଅବଗତ କରିଥିବା ସୂଚନା ଦେଇଛନ୍ତି।

## ଆବର୍ଜନା ଟାଙ୍କିରେ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଯୁବକ ମୃତ



ସାଲେପୁର,୬।୮(ସଂଚାର ବ୍ୟୁରୋ): ଆବର୍ଜନା ଟାଙ୍କିରେ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଜଣେଯୁବକ ମୃତ୍ୟୁବରଣ କରିଛନ୍ତି। ନିର୍ମାଣାଧୀନ ଆବର୍ଜନା ଟାଙ୍କିରେ ଜଣେ ଶ୍ରମିକ ଫସିଥିବା ବେଳେ ତାଙ୍କୁ କୁ ଉଦ୍ଧାର କରିବାକୁ ଯାଇ ଆଉ ଜଣେ ଯୁବକଙ୍କର ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କଟକ ମାହାଙ୍ଗା ଥାନା କୋଠପଦା ବଜାର ଗୌରୀ ପ୍ୟାଲେସ ମଣ୍ଡପର ନିର୍ମାଣାଧୀନ ଆବର୍ଜନା ଟାଙ୍କିର ସଟରିଂ ଖୋଲିବାକୁ ଯାଇ ଜଣେ ଶ୍ରମିକ ଫସିଯାଇଥିଲେ। ସ୍ଥାନୀୟ କୋଠପଦା ଗାଁର ୨୮ ବର୍ଷୀୟ ପ୍ରମୋଦ ଜେନା ତାଙ୍କୁ ଉଦ୍ଧାର କରିବାକୁ ଯାଇ ଏହି ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହେବା ସହ ଫସିଯାଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ଉଭୟଙ୍କୁ ଉଦ୍ଧାର କରିଥିଲେ। ହେଲେ ମାହାଙ୍ଗା ମେଡିକାଲକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଶ୍ରମିକ ଜଣକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କର ପରିଚୟ ଏଯାଏଁ ମିଳିପାରିନାହିଁ। ମାହାଙ୍ଗା ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

■ ମୋଟର ଯାନ ନିୟମ ଉଲ୍ଲଂଘନ ବିରୋଧରେ ଏନଫୋର୍ସମେଣ୍ଟ କଡ଼ାକଡ଼ି

## ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାରେ ମାରାଥନ ଯାଞ୍ଚ୍

କଟକ/ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କ ସୁରକ୍ଷା ନିୟମର କଡ଼ା ଅନୁପାଳନ ନିଶ୍ଚିତ କରିବା ଲକ୍ଷ୍ୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଏନଫୋର୍ସମେଣ୍ଟ ଚାଲିଛି। ଏହି କ୍ରମରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଅଞ୍ଚଳରେ ପରିବହନ ବିଭାଗ ଓ ପୁଲିସ ଦ୍ୱାରା ବ୍ୟାପକ ଯାଞ୍ଚ କରାଯାଉଛି। ବିଶେଷକରି ଓଭରଲୋଡିଂ, ବିପରୀତ ଦିଗରେ ଗାଡ଼ି ଚାଳନା, ଦ୍ରୁତଗତି, ମଦ୍ୟପାନ କରି ଗାଡ଼ି ଚାଳନା ଓ ବିନା ଫିଟନେସରେ ଚାଲୁଥିବା ଭାରୀଯାନଗୁଡ଼ିକ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନ ଅଧୀନରେ ସୁନ୍ଦରଗଡ଼ର ସର୍ଗିପାଲି ଅଞ୍ଚଳରେ ଯାଞ୍ଚ ସମୟରେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଏକ ହାଇୱାକୁ ଜବତ କରାଯାଇଛି। ଗାଡ଼ିଟି ଧାର୍ଯ୍ୟ ସୀମାଠାରୁ ଅଧିକ ସାମଗ୍ରୀ ବହନ କରିବା ସହ ଏହାର ବୈଧ ଫିଟନେସ୍ ପ୍ରମାଣପତ୍ର, ରୋଡ୍ ପରମିଟ୍, ଓଡ଼ିଶା ମୋଟର ଯାନ ଟିକସ ଓ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଜଣାପଡ଼ିଥିଲା। ଏହି ଅନିୟମିତତା ପାଇଁ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି। ବର୍ତ୍ତମାନ ଜବତ ହାଇୱାକୁ ଅଟକ ରଖାଯାଇ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଜାରି ରହିଛି। ସେହିପରି ସୁରକ୍ଷିତ ଯାତ୍ରା ପାଇଁ ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ମଧ୍ୟ ଜାରି ରହିବ। ଏଥିସହ ସମସ୍ତ ଗାଡ଼ି ଚାଳକ ଓ ମାଲିକମାନଙ୍କୁ ସଡ଼କ ସୁରକ୍ଷା ନିୟମକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।



**ଫିଟନେସ ନ ଥିବାରୁ ହାଇୱା ଜବତ**

## ଘାଟିରେ ଓଲଟିଲା ଲୁହା ବୋଝେଇ ଟ୍ରକ୍

● ରାୟଗଡ଼ା-ବ୍ରହ୍ମପୁର ରାସ୍ତା ଯାତାୟାତ ଠପ୍



ଗଜପତି,୬।୮(ସଂଚାର ବ୍ୟୁରୋ): ରାସ୍ତା ଉପରେ ଓଲଟିପଡ଼ିଲା ଲୁହା ରଡ୍ ବୋଝେଇ ଟ୍ରକ୍। ରାସ୍ତା ଉପରେ ବିଛାଡ଼ି ହୋଇ ପଡ଼ିଛି ଲୁହା ରଡ୍। ଗଜପତି ଜିଲ୍ଲା ଅଡ଼ବା ଥାନା ଭାମିନି ଘାଟିରେ ଘଟିଛି ଏହି ଦୁର୍ଘଟଣା। ଫଳରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଛି। ଭାରସାମ୍ୟ ହରାଇ ଟ୍ରକ୍‌ଟି ଓଲଟି ପଡ଼ିଥିବା ବେଳେ ଶତାଧିକ ଯାତ୍ରୀବାହୀ ବସ୍, ଟ୍ରକ୍ ଓ ଯାନବାହାନ ଅଟକି ରହିଛି। ଟ୍ରକ୍‌ଟି ଲୁହା ରଡ୍ ବୋଝେଇ କରି ବ୍ରହ୍ମପୁରରୁ ରାୟଗଡ଼ା ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଖବର ପାଇ ଅଡ଼ବା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତାରୁ ଟ୍ରକ ଉଠାଇ ଟ୍ରାଫିକ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ଚେଷ୍ଟା ଜାରି ରଖିଛି। ଟ୍ରକଟି ଲୁହାରଡ୍ ନେଇ ରାୟଗଡ଼ା ଯାଉଥିବା ବେଳେ ଏହା ରାସ୍ତା ଉପରେ ଓଲଟି ପଡ଼ିଛି।

## ଭୁଶୁଡ଼ିଲା ଘର, ଅଳ୍ପକେ ବର୍ତ୍ତିଲେ ୫ ସଦସ୍ୟ

ନୀଳଗିରି,୬।୮(ସଂଚାର ବ୍ୟୁରୋ): ଆଜି ସକାଳେ ଘର ଭିତରେ ପରିବାର ସଦସ୍ୟମାନେ ଥିବା ସମୟରେ ହଠାତ ଘର ଟାଇଲ୍ ଛପରରେ ଖୁବ୍ ଜୋରରେ ଶବ୍ଦ ହେବାରୁ ପରିବାର ଲୋକେ ବାହାରକୁ ପଳାଇଆସିଥିଲେ। ପରେ ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। ନୀଳଗିରି ଏନଏସି ଅଧୀନସ୍ଥ ୨ ନମ୍ବର ୱାର୍ଡ ଗାଗପରସାହି ଗ୍ରାମର ଶରତ ରାଉତଙ୍କ ଘରେ ସକାଳ ପ୍ରାୟ ୧୦ଟା ସମୟରେ ସ୍ତ୍ରୀ, ବାପା, ଝିଅ ଥିବା ବେଳେ ହଠାତ ଘର ମାଟି ଛାତରେ ଜୋରରେ ଶବ୍ଦ ହୋଇଥିଲା। ଏଥିରେ ପରିବାର ଲୋକେ ଶୀଘ୍ର ଘରୁ ବାହାରକୁ ପଳାଇଆସିବା ପରେ ପକ୍କା କାନ୍ଥ ସହ ଟାଇଲ୍ ଛପରଟି ଖସିପଡ଼ିଥିଲା। ଫଳରେ ଶରତଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି। ଲଗାଣ ବର୍ଷା ପ୍ରଭାବରେ ଏପରି ହୋଇଥିବା ଅନୁମାନ କରାଯାଉଛି। ନୀଳଗିରି ସଦର ଆରଆଇ ଜୟରାମ ଶିଆଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ପଲିଥିନ ଦେବା ସହ କିପରି ଆର୍ଥିକ ସହାୟତା ମିଳିବ, ସେନେଇ ତହସିଲଦାରଙ୍କୁ ରିପୋର୍ଟ ଦେବେ ବୋଲି ଶ୍ରୀ ଶିଆଳ କହିଛନ୍ତି।

## ଶୋଇଥିବା ବେଳେ ପଶିଲେ ହାତୀପଲ, ଭାଙ୍ଗିଲେ ଘର



ବଲାଙ୍ଗୀର,୬।୮(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ସରଗୁଲ ଗାଁରେ ଏବେ ହାତୀ ଆତଙ୍କ ଦେଖାଦେଇଛି। ଗାଁରେ ଏକ ପରିବାର ଘର ଭିତରେ ଶୋଇଥିବା ବେଳେ ୧୫ଟିକିଆ ହାତୀପଲ ଗାଁ ଭିତରକୁ ପଶି ଆସି ଘର ଭାଙ୍ଗି ଉତ୍ପାତ ଆରମ୍ଭ କରିଛନ୍ତି। ହାତୀପଲ ଘର ଭାଙ୍ଗିଦେବାରୁ ଘର ଭିତରେ ଥିବା ପରିବାରର ୪ ଜଣ ଗୁରୁତର ହୋଇ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ସରଗୁଲ ଗାଁର ଲିଙ୍ଗରାଜ ଭୋଇ। ଗତକାଲି ରାତିରେ ଖାଇ ସାରି ଘର ଭିତରେ ଶୋଇଥିଲେ। ତେବେ ପାଟଣାଗଡ଼ ଟିକ୍ରାପଡ଼ା ଜଙ୍ଗଲ ପଟରୁ ହଠାତ୍ ମାଡ଼ି ଆସିଥିଲେ ହାତୀପଲ। ସେମାନେ ଲିଙ୍ଗରାଜଙ୍କ ଘର ଉପରେ ଆକ୍ରମଣ କରି ଘର ଭାଙ୍ଗିଦେବାରୁ ଲିଙ୍ଗରାଜ ତାଙ୍କ ସ୍ତ୍ରୀ ଓ ଦୁଇ ଛୁଆଙ୍କ ଉପରେ କାନ୍ଥ ପଡ଼ିଯାଇଥିଲା। ସେମାନେ କାନ୍ଥ ତଳେ ରହିଯିବାରୁ ଗୁରୁତର ଭାବେ ଆହତ ହୋଇଥିଲେ। ତୁରନ୍ତ ପ୍ରଥମେ ସେମାନଙ୍କୁ ପଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗୀର ମେଡିକାଲକୁ ଅଣାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ପରିବାରର ୪ ଜଣଙ୍କ ମଧ୍ୟରୁ ଲିଙ୍ଗରାଜ ଭୋଇ ଓ ତାଙ୍କ ପୁଅ ଦୁଇ ଜଣ ଗୁରୁତର ଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ସ୍ତ୍ରୀ ସୁମିତ୍ରା ଭୋଇ ଓ ଝିଅଙ୍କ ଅବସ୍ଥା ଠିକ୍ ଅଛି। ସୂଚନାଯୋଗ୍ୟ ଯେ ଗତ ୨ ବର୍ଷ ହେଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ହାତୀ ଆକ୍ରମଣରେ ପୂର୍ବରୁ ଜଣେ ବନ କର୍ମଚାରୀ ଓ ଜଣେ ଚାଷୀଙ୍କର ମୃତ୍ୟୁ ହୋଇସାରିଛି।

■ ରଶ୍ମିରଞ୍ଜନ ସେଠୀ ମୃତ୍ୟୁ ମାମଲାରେ ଟ୍ୱିଷ୍ଟ

## ପାକସ୍ଥଳୀରୁ ମିଳିଲା ହଳଦିଆ ତରଳ ପଦାର୍ଥ



ଜଗତସିଂହପୁର, ୬।୮ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ କଟକ ପୂର୍ତ୍ତ ବିଭାଗର ଯୁବ କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ସେଠୀଙ୍କର ସନ୍ଦେହଜନକ ମୃତ୍ୟୁ ମାମଲାରେ ଟ୍ୱିଷ୍ଟ ଆସିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ନୂଆ ମୋଡ଼ ନେଇଛି। ପ୍ରାଥମିକ ସୂଚନା ଅନୁସାରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ଗଭୀର ସନ୍ଦେହ ସୃଷ୍ଟି କରିଛି।ରଶ୍ମିରଞ୍ଜନଙ୍କ ପାକସ୍ଥଳୀ ଭିତରୁ ପ୍ରାୟ ୨୫୦ ମିଲିଲିଟର ହଳଦିଆ ରଙ୍ଗର ତରଳ ପଦାର୍ଥ ମିଳିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ଯଦି ମୃତ୍ୟୁର କାରଣ ଶ୍ୱାସରୁଦ୍ଧ ତା'ହେଲେ ଏହି ସନ୍ଦେହଜନକ ତରଳ ପଦାର୍ଥ କଣ ଓ ଏହା ତାଙ୍କ ଶରୀରକୁ କିପରି ଆସିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଜୁଲାଇ ୧୬ ତାରିଖ ରାତିରେ ପତ୍ନୀଙ୍କ ଜନ୍ମଦିନ ପାଳନ ପାଇଁ ବାଲେଶ୍ୱରସ୍ଥିତ ତାଙ୍କ ଭଡ଼ାଘରକୁ ଆସିଥିବା ବେଳେ ସେଠାରେ ରଶ୍ମିରଞ୍ଜନଙ୍କ ମୃତଦେହ ମିଳିଥିଲା। ତାଙ୍କ ପତ୍ନୀ ଏହାକୁ ଆତ୍ମହତ୍ୟା ବୋଲି ଦାବି କରିଥିଲେ। ହେଲେ ରଶ୍ମିରଞ୍ଜନଙ୍କ ପରିବାର ଏହାକୁ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଥିଲେ। ତେବେ ଏହି ହଳଦିଆ ତରଳ ପଦାର୍ଥ କୌଣସି ବିଷାକ୍ତ ଦ୍ରବ୍ୟ କି ନୁହେଁ ତାହା ଫରେନ୍ସିକ ପରୀକ୍ଷା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ୍ କହିଛି।

## ବାପା କାଠ ଫାଳିଆ ମାଡ଼ରେ ପୁଅ ମୃତ

ଭବାନୀପାଟଣା,୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର କଲମପୁର ଥାନା ନୂଆଗୁଡ଼ାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବାପାର କାଠ ଫାଳିଆ ମାଡ଼ରେ ଭେଣ୍ଡିଆ ପୁଅର ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନୂଆଗୁଡ଼ା ଗାଁର ମାନସିଂହ ଗହୀର ଘରୋଇ ଅଶାନ୍ତିକୁ ନେଇ ପୁଅ ଆଲୋକ ରଞ୍ଜନ ସହ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ବାପା ମାନସିଂହ ଉତ୍କ୍ଷିପ୍ତ ହେଇ ପୁଅ ଆଲୋକର ମୁଣ୍ଡରେ ଏକ କାଠ ଫାଳିଆ ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଆଲୋକ ରକ୍ତାକ୍ତ ଅବସ୍ଥାରେ ଘର ସମ୍ମୁଖରେ ପଡ଼ିଯାଇଥିଲା। ପରିବାର ଲୋକ ଗୁରୁତର ଅବସ୍ଥାରେ ଆଲୋକକୁ ଉଦ୍ଧାର କରି ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପୁଲିସ ଆକ୍ରମଣକାରୀ ବାପା ମାନସିଂହଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

## ରାୟଗଡ଼ା ଛାତ୍ର ଆକ୍ରମଣ ଘଟଣାରେ ୭ ଛାତ୍ର ବହିଷ୍କୃତ

■ ୨୭ ଜଣଙ୍କୁ ହୋଇଥିଲା ଭୟଙ୍କର ର୍ୟାଗିଂ



ରାୟଗଡ଼ା,୬।୮(ସଂଚାର ବ୍ୟୁରୋ): ରାୟଗଡ଼ା ଛାତ୍ର ଆକ୍ରମଣ ଘଟଣାରେ ଜଡ଼ିତ ୭ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଛି। କୋଲନରା ବିଡିଓ ରୀନା ପ୍ରଧାନ ହାଇସ୍କୁଲରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରମାନଙ୍କୁ କାଉନ୍‌ସେଲିଂ କରିଛି। ଜିଲ୍ଲା ପ୍ରଶାସନ ଏହି ଘଟଣାର ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଉଛି। ରାୟଗଡ଼ାରେ ୨୭ ଜଣ ସ୍କୁଲ ଛାତ୍ରଙ୍କୁ ଭୟଙ୍କର ର୍ୟାଗିଂ ହୋଇଥିଲା। ରାୟଗଡ଼ା ଏସଏସଡି ହଷ୍ଟେଲରେ ର୍ୟାଗିଂ ଘଟଣାରେ ପୁଲିସ ପ୍ରଶାସନ ତନାଘନା କରିଛି। ପ୍ରଧାନଶିକ୍ଷକଙ୍କୁ ସୋ' କଜ୍ ନୋଟିସ ଜାରି କରିଛନ୍ତି ଜିଲ୍ଲାପାଳ। ଗୋଟିଏ ଶ୍ରେଣୀର ତମାମ ଛାତ୍ରଙ୍କୁ ଭୟଙ୍କର ଅତି ବର୍ବରୋଚିତ ଭାବେ ମାଡ଼ ମାରୁଥିଲା ଜଣେ ସିନିୟର ଛାତ୍ର। ବିନା ପ୍ରତିବାଦରେ ସୁନା ପିଲା ପରି ଚୁପଚାପ ମାଡ଼ ଖାଇ ନିଜ ସିଟ୍‌କୁ ଚାଲିଯାଉଛନ୍ତି ଛାତ୍ର। ନବମ ଶ୍ରେଣୀର ୨୭ ଜଣ ଛାତ୍ରଙ୍କୁ ଜଣକ ପରେ ଜଣେ ନିସ୍ତୁକ ପିଟୁଥିଲା ଦଶମ ଶ୍ରେଣୀର ଛାତ୍ର। କୋଲନରା ବିଡିଓ ସ୍କୁଲକୁ ଯାଇ ସ୍ଥିତି ଅନୁଧ୍ୟାନନ କରି ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟ ଆଧାରରେ ୭ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଛି।

ସୂଚନାନୁଯାୟୀ, ଘଟଣାଟି ରବିବାର ରାତିରେ ହଷ୍ଟେଲ ପରିସରରେ ଘଟିଥିବା ଜଣାପଡ଼ିଛି। ନବମ ଶ୍ରେଣୀର କେତେକ ଛାତ୍ର ସମ୍ପୃକ୍ତ ଦଶମ ଶ୍ରେଣୀର ଛାତ୍ର ଓ ତାଙ୍କର କେତେକ ସହପାଠୀଙ୍କ ବିରୋଧରେ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଶିକ୍ଷକ ସମ୍ପୃକ୍ତ ଛାତ୍ରଙ୍କୁ ତାଗିଦ କରିଥିବା କୁହାଯାଉଛି। ଏହି ଘଟଣାକୁ କେନ୍ଦ୍ର କରି ଉତ୍ତେଜିତ ହୋଇ ସମ୍ପୃକ୍ତ ଛାତ୍ର ନିଜର କିଛି ସହପାଠୀଙ୍କ ସହ ମିଶି ନବମ ଶ୍ରେଣୀର ଅନ୍ତେବାସୀମାନଙ୍କୁ ଅମାନବିକ ପ୍ରହାର କରିଥିବା ଅଭିଯୋଗ ହୋଇଛି। ଘଟଣାର ଦୁଇ ଦିନ ପରେ ଏହାର ଭିଡିଓ ସାମ୍ନାକୁ ଆସିବା ସହ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହୋଇଥିଲା।

## ଘର ପ୍ରତିଷ୍ଠା ଭୋଜି ଖାଇ ୭୦ରୁ ଉର୍ଦ୍ଧ୍ୱ ଅସୁସ୍ଥ

ଜଳେଶ୍ୱର, ୬।୮ (ସଂଚାର ବ୍ୟୁରୋ): ଭୋଜି ଖାଇବା ପରେ ଅଚାନକ ଆରମ୍ଭ ହେଲା ଝାଡ଼ାବାନ୍ତି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖରିଦା ଗ୍ରାମରେ ଏହି ଘଟଣା ଦେଖାଦେଇଛି। ଏକ ଘର ପ୍ରତିଷ୍ଠା ଉତ୍ସବରେ ଭୋଜି ଖାଇବା ପରେ ଅଚାନକ ଝାଡ଼ାବାନ୍ତି ବ୍ୟାପିବାରୁ ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି। ଭୋଜି ଖାଇଥିବା ୭୦ ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ରହିଛି। ସେମାନଙ୍କ ମଧ୍ୟରୁ ୫୦ ରୁ ଅଧିକ ଲୋକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଆକ୍ରାନ୍ତମାନଙ୍କ ମଧ୍ୟରେ ୩୦ ରୁ ଅଧିକ ଶିଶୁ ରହିଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଖରିଦା ଗ୍ରାମର ବିଜୟ ମହାନ୍ତିଙ୍କ ଘର ପ୍ରତିଷ୍ଠା ଉପଲକ୍ଷେ ବୁଧବାର ରାତିରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟକ ଗ୍ରାମବାସୀ ଯୋଗଦେଇ ଭୋଜି ଖାଇଥିଲେ। ତେବେ ଗୁରୁବାର ସକାଳୁ ଜଣକ ପରେ ଜଣେ ଲୋକଙ୍କର ବାନ୍ତି ଓ ଝାଡ଼ା ଆରମ୍ଭ ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତୁରନ୍ତ ସେମାନଙ୍କୁ ଜି.କେ. ଭଞ୍ଜ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। ଗୁରୁତର ରୋଗୀଙ୍କୁ ସାଲାଇନ ଓ ଆବଶ୍ୟକ ଔଷଧ ଦିଆଯାଉଛି।

## ପ୍ରେମ ବ୍ୟାପାରକୁ ନେଇ ଛାତ୍ରଙ୍କୁ ଅପହରଣ ପରେ ସଂଘବଦ୍ଧ ଆକ୍ରମଣ



ପଟ୍ଟାମୁଣ୍ଡାଇ,୬।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ମଦନପୁର କଲେଜ ଛାତ୍ର ଆକାଶ ମଲିକଙ୍କୁ ଅପହରଣ ଓ ସଂଘବଦ୍ଧ ଆକ୍ରମଣ ଘଟଣାର ୩ ଦିନ ପରେ ଉକ୍ତ ଛାତ୍ର ଜଣଙ୍କ ଉଦ୍ଧାର ହୋଇଛନ୍ତି। ରାଜନଗର ଥାନା ଖଣ୍ଡେଇପଡ଼ା ଅଞ୍ଚଳରୁ ପୁଲିସ ତାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଆକାଶ ଏ ସମ୍ପର୍କରେ ଚାଞ୍ଚଲ୍ୟକର ବୟାନ ରଖିଛନ୍ତି। ସେ ଦର୍ଶାଇଛନ୍ତି ଯେ ତାଙ୍କୁ ମାରଣାସ୍ତ୍ର ସହ ୧୫ରୁ ଅଧିକ ଯୁବକ ଆକ୍ରମଣ କରିଥିଲେ। କାହାକୁ କହିଲେ କିମ୍ବା ଥାନାରେ ଅଭିଯୋଗ କଲେ ହାଣି ଖଣ୍ଡ ଖଣ୍ଡ କରି ନଦୀରେ ଭସେଇ ଦେବାକୁ ସେମାନେ ଧମକ ମଧ୍ୟ ଦେଇଥିଲେ। ଗ୍ରାମାଞ୍ଚଳ ଥାନାରେ ପହଞ୍ଚି ଆକାଶ ଏଭଳି ବୟାନ ଦେଇଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖିଥିବା ଏସ୍‌ଡିପିଓ ସୁକାନ୍ତ କୁମାର ପାତ୍ର କହିଛନ୍ତି। ସୂଚନା ମୁତାବକ, ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଭାଇଗିରି ଦେଖାଉଥିବା ଏକ ଭିଡିଓ ଭାଇରାଲ ହୋଇଥିଲା। ଭିଡିଓରେ ପଟ୍ଟାମୁଣ୍ଡାଇ ମଦନପୁର କଲେଜ ଜଣେ ଛାତ୍ର ଆକାଶଙ୍କୁ ସଂଘବଦ୍ଧ ଭାବେ ନିସ୍ତୁକ ମାଡ଼ ମରାଯାଇଥିଲା, ଯାହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ଏନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ୩ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଅଭିଯୋଗ ମୁତାବକ ରାଜନଗର ପଶ୍ଚିମଭେଡ଼ା ଗାଁର ଡଲି ମଲିକଙ୍କ ପୁଅ ଆକାଶ ମଦନପୁର କଲେଜରେ ପାଠ ପଢ଼ନ୍ତି। ଗତ ୩ ତାରିଖ ଦିନ କେତେକ ଦୁର୍ବୃତ୍ତ ତାଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିବା ସହ ଅପହରଣ କରିନେଇଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସହଜ ହେଲା ବେଆଇନ ବ୍ୟାବସାୟିକ ପ୍ରତିଷ୍ଠାନର ବୈଧକରଣ ପ୍ରକ୍ରିୟା

# ଦସ୍ତାବିଜ୍ ଦାଖଲ ପ୍ରକ୍ରିୟାକୁ ସହଜ କଲା ବିଏମ୍‌ସି



ଭୁବନେଶ୍ୱର,୬।୮(ସଂଚାର ବ୍ୟୁରୋ): ବେଆଇନ ଭାବେ ଚାଲୁଥିବା ବ୍ୟାବସାୟିକ ପ୍ରତିଷ୍ଠାନର କାଗଜାତ ଦାଖଲ ପ୍ରକ୍ରିୟାକୁ ସହଜ କଲା ବିଏମସି। ନିଗମ ଅଞ୍ଚଳରେ ବେଆଇନ ଭବେ ଚାଲୁଥିବା ସମସ୍ତ ଫ୍ଲାଟ ମାଲିକ, ଆପାର୍ଟମେଣ୍ଟ ମାଲିକ, ପ୍ଲଟ ମାଲିକ ଏବଂ ଆବାସିକ କିମ୍ବା ବ୍ୟାବସାୟିକ ପ୍ରତିଷ୍ଠାନର ମାଲିକ ବିଏମସି କିମ୍ବା ବିଡିଏ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ଅନୁମୋଦନ ନ ନେଇ ଦୋକାନ, ଛାତ୍ରାବାସ, ହୋଟେଲ, ଶିକ୍ଷାନୁଷ୍ଠାନ, କ୍ଲିନିକାଲ ପ୍ରତିଷ୍ଠାନ କିମ୍ବା ଅନ୍ୟ କୌଣସି ବ୍ୟାବସାୟିକ ପ୍ରତିଷ୍ଠାନର ଅନଧିକୃତ ନିର୍ମାଣ କରିଛନ୍ତି ବା ପରିଚାଳନା କରୁଛନ୍ତି, ସେମାନେ ଏଣିକି ଅନଲାଇନରେ ନିଜର ବୈଧ କାଗଜାତ ଦାଖଲ କରିପାରିବେ। କେବଳ ସେତିକି ନୁହେଁ, ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଓ ଉଚ୍ଚତମ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ମତେ ୧୫ ଦିନ ମଧ୍ୟରେ ଏହି କାଗଜାତ ଅନଲାଇନରେ ଦାଖଲ କରିବା ପାଇଁ କୁହାଯାଇଛି। ଆସନ୍ତା ୮ ତାରିଖରୁ ଗୃହ ମାଲିକମାନେ ଅନଲାଇନରେ ସେମାନଙ୍କର କାକଜପତ୍ର ଅପଲୋଡ କରିପାରିବେ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନିଗମ କର୍ତ୍ତୃପକ୍ଷଙ୍କ ବ୍ୟାପକ ସର୍ଭେ ପରେ ବିଏମ୍‌ସି ଅଞ୍ଚଳରେ ୪୬୩୨ରୁ ଅଧିକ ବେଆଇନ ଭାବେ ଚଳାଉଥିବା ବ୍ୟାବସାୟିକ ପ୍ରତିଷ୍ଠାନକୁ ନୋଟିସ ଦେଇଛନ୍ତି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ନୋଟିସ୍ ପ୍ରକାଶ ପାଇଛି। ଗୃହ ମାଲିକମାନେ ନୋଟିସ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ସେମାନଙ୍କର ସମସ୍ତ କାଗଜପତ୍ର ଦାଖଲ କରିବା ପାଇଁ ବିଏମସି ପକ୍ଷରୁ ଅନୁରୋଧ କରାଯାଇଛି। ସୁପ୍ରିମ୍‌କୋର୍ଟ ନିକଟରେ ସ୍ଥାନୀୟ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ କୋଠା ଯୋଜନାର ଉଲ୍ଲଂଘନ, ବିଚ୍ୟୁତି, ଅନଧିକୃତ ନିର୍ମାଣ କିମ୍ବା ବ୍ୟବହାର ବିରୋଧରେ ତୁରନ୍ତ ଓ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମ୍ପୃକ୍ତ ପ୍ରତିଷ୍ଠାନକୁ ସିଲ୍ କରିବା, ଭାଙ୍ଗିଦେବା କିମ୍ବା ଆଇନ ଅନୁଯାୟୀ କଠୋର ଅନୁପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ବିଏମସି ଅଞ୍ଚଳରେ ସମସ୍ତ ଫ୍ଲାଟ୍ ମାଲିକ, ଆପାର୍ଟମେଣ୍ଟ ମାଲିକ, ପ୍ଲଟ ମାଲିକ ଏବଂ ଆବାସିକ କିମ୍ବା ବ୍ୟାବସାୟିକ ପ୍ରତିଷ୍ଠାନର ମାଲିକ, ଦଖଲକାରୀ, ବିଏମ୍‌ସି କିମ୍ବା ବିଡିଏ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକ ଅନୁମୋଦନ ନ ନେଇ ଦୋକାନ, ଛାତ୍ରାବାସ, ହୋଟେଲ, ଶିକ୍ଷାନୁଷ୍ଠାନ, କ୍ଲିନିକାଲ ପ୍ରତିଷ୍ଠାନ କିମ୍ବା ଅନ୍ୟ କୌଣସି ବ୍ୟାବସାୟିକ ପ୍ରତିଷ୍ଠାନର ଅନଧିକୃତ ନିର୍ମାଣ କରିଛନ୍ତି ବା ଆବାସିକ ଗୃହକୁ ବ୍ୟାବସାୟିକ ପ୍ରତିଷ୍ଠାନ ବା ଅଣଆବାସିକ ଭାବେ ବ୍ୟବହାର କରୁଛନ୍ତି, ସେମାନେ ନିଜ ନିଜର ପ୍ଲାନିଂ, କାଗଜାତ, ଅନୁମତି ପତ୍ର, ବୈଧ ଦସ୍ତାବେଜ ନିଗମ ଜୋନାଲ କମିଶନର କିମ୍ବା ଓଡିଏ କୋର୍ଟରେ ଦାଖଲ କରିବା ପାଇଁ ନୋଟିସ ଜାରି କରାଯାଇଥିଲା। ଏହି ପ୍ରକ୍ରିୟାକୁ ସହଜ ଓ ସରଳ କରିବା ପାଇଁ ବିଏମସି କର୍ତ୍ତୃପକ୍ଷ ଅନଲାଇନ ପୋର୍ଟାଲ ବ୍ୟବସ୍ଥା କରିଛନ୍ତି। ଯେଉଁମାନେ ଆଇନ ଅନୁଯାୟୀ ବ୍ୟାବସାୟିକ ପ୍ରତିଷ୍ଠାନ ଚଳାଉଛନ୍ତି, ସେମାନେ ମଧ୍ୟ ନିଜର ସମସ୍ତ କାଗଜପତ୍ର ଅନଲାଇନରେ ଅପଲୋଡ କରିବା ସହ ହୋଲଡିଂ ଟିକସ ଅପଡେଟ୍ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି।

**■ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଦିଆଗଲା ୧୫ ଦିନ ମହଲତ**

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ମନଇଚ୍ଛା ଚାର୍ଜ ଭିଡୁଥିଲେ

# ୯ ଆପ୍ ଦେବେ ୨୦ ଲକ୍ଷ ଟଙ୍କା ଫାଇନ୍



ନୂଆଦିଲ୍ଲୀ,୬।୮: ଅନଲାଇନରେ ଗ୍ରୋସରୀ ଅର୍ଡର କରିବା, ଫିଲ୍ମ ଟିକେଟ ବୁକ୍ କରିବା କିମ୍ବା କୌଣସି କୋର୍ସ ପାଇଁ ସାଇନ୍-ଅପ୍ କରିବା ସମୟରେ ପ୍ରାରମ୍ଭିକ ପୃଷ୍ଠାରେ ଦେଖାଯାଉଥିବା ମୂଲ୍ୟ ଚୂଡ଼ାନ୍ତ ପେମେଣ୍ଟ ପୃଷ୍ଠାକୁ ଯିବା ବେଳକୁ ବୃଦ୍ଧି ପାଇଥାଏ। ହ୍ୟାଣ୍ଡଲିଂ ଫି, ସଦସ୍ୟତା ଶୁଳ୍କ କିମ୍ବା ଆଗରୁ ଟିକ୍ ହୋଇଥିବା ଅର୍ଥ ଭଳି ଅତିରିକ୍ତ ଖର୍ଚ୍ଚ ଯୋଡ଼ି ହୋଇଯାଏ। ଏହିପରି କାର୍ଯ୍ୟକୁ ଆଇନ ଭାଷାରେ Dark Patterns କୁହାଯାଏ।

ଗ୍ରାହକଙ୍କୁ ନିଜ ଅଜାଣତରେ ବା ବାଧ୍ୟ କରି ଅଧିକ ଟଙ୍କା ଖର୍ଚ୍ଚ କରାଇବା ପାଇଁ ଏହିପରି ୱେବସାଇଟ୍ ଓ ଆପ୍ ଡିଜାଇନ୍ ବ୍ୟବହାର କରୁଥିବା ୯ଟି ପ୍ରମୁଖ ଡିଜିଟାଲ୍ ପ୍ଲାଟଫର୍ମ ଉପରେ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ(ସିସିପିଏ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରାୟ ୨୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ଏହି ସମ୍ପର୍କରେ ସରକାର ରାଜ୍ୟସଭାରେ ସୂଚନା ଦେଇଛନ୍ତି।

କ୍ୱିକ୍-କମର୍ସ ଆପ୍ ଜେପ୍‌ଟୋ ପ୍ରାରମ୍ଭରେ ଗ୍ରାହକଙ୍କୁ ଦେଖାଉଥିବା ମୂଲ୍ୟରେ ପରବର୍ତ୍ତୀ ସମୟରେ ହ୍ୟାଣ୍ଡଲିଂ ଚାର୍ଜ ଏବଂ ମେମ୍ବରସିପ୍ ଫି ଯୋଡୁଥିଲା। ଏହାକୁ 'ଡ୍ରିପ୍ ପ୍ରାଇସିଂ" ଏବଂ 'ବାସ୍କେଟ୍ ସ୍ନିକିଂ" ଭାବେ ଚିହ୍ନଟ କରାଯାଇଛି। ଜେପ୍‌ଟୋ ଉପରେ ୭ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି।

ଟିକେଟ ବୁକ୍ କରିବା ସମୟରେ 'BookASmile' ଚାରିଟି ପାଇଁ ୧ ଟଙ୍କାର ଯୋଗଦାନ ପୂର୍ବରୁ ହିଁ 'ପ୍ରି-ଟିକ୍' ହୋଇ ରହୁଥିଲା। ଗ୍ରାହକଙ୍କୁ ନିଜେ ତାହା ହଟାଇବାକୁ ପଡୁଥିଲା, ଯାହାକୁ 'ବାସ୍କେଟ୍ ସ୍ନିକିଂ" କୁହାଯାଏ।

ବିମାନ ସେବା ସଂସ୍ଥା IndiGo ଅତିରିକ୍ତ ସେବା ବାତିଲ୍ କରିବା ସମୟରେ "No I will take risk" ଭଳି ମେସେଜ୍ ଦେଖାଉଥିଲା। ଗ୍ରାହକଙ୍କ ମନରେ ଭୟ ବା ଦୋଷୀ ଭାବନା ସୃଷ୍ଟି କରିବା ପାଇଁ ଏହି 'କନଫର୍ମ ସେମିଂ' କୌଶଳ ବ୍ୟବହାର କରାଯାଉଥିଲା। ରେଗୁଲେଟରଙ୍କ ନିର୍ଦ୍ଦେଶ ପରେ ଏହାକୁ ବଦଳାଇ "No, I will not add to the trip" କରାଯାଇଛି।

PW ଫାଉଣ୍ଡେସନ୍ ପାଇଁ ୧୦ ଟଙ୍କାର ଦାନ ସ୍ୱୟଂଚାଳିତ ଭାବେ ଯୋଡ଼ି ହୋଇ ରହୁଥିଲା ଏବଂ ଭାବପ୍ରବଣ ମେସେଜ୍ ଦିଆଯାଉଥିଲା। ଏହାସହ ମାଗଣା କୋର୍ସ ଆକ୍ସେସ କରିବା ପୂର୍ବରୁ ବ୍ୟକ୍ତିଗତ ତଥ୍ୟ ମଗାଯାଉଥିଲା। ଏହି ଆପ୍ ଉପରେ ୫ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି, ଯାହାକୁ କମ୍ପାନୀ ପରିଶୋଧ କରିସାରିଛି। ଏହି ୪ଟି ବଡ଼ କମ୍ପାନୀ ବ୍ୟତୀତ ସିସିପିଏ ଅନ୍ୟ ୫ଟି ପ୍ଲାଟଫର୍ମ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । FirstCry, PharmEasy, McAfee, SpiceJet ଏବଂ କୋଚିଂ ପ୍ଲାଟଫର୍ମ Anuj Jindal ଉପରେ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲଗାଯାଇଛି।

## ବ୍ଲଣ୍ଟ୍ ବ୍ଲାକ୍ ପରଫ୍ୟୁମ୍ ଉନ୍ମୋଚିତ




ଇନ୍ଦୋର,୬।୮: କର୍ଣ୍ଣାଟକର ମହୀଶୂର ଦୀପ୍ ପରଫ୍ୟୁମେରି ହାଉସ୍ (ଏମ୍‌ଡିପିଏଚ୍) ପକ୍ଷରୁ ନୂଆ ବ୍ଲଣ୍ଟ୍ ବ୍ଲାକ୍ ପରଫ୍ୟୁମ୍ ଉନ୍ମୋଚନ କରାଯାଇଛି। ଏଥି ସହିତ କମ୍ପାନି ବ୍ୟକ୍ତିଗତ ସୁଗନ୍ଧ ବର୍ଗରେ ପ୍ରବେଶ କରିଚି। ପ୍ରାରମ୍ଭିକ କଲେକ୍ସନରେ ଡାର୍କ ଏଲିକ୍ସିର୍, ନିଓ ଔରା, ଭେଲ୍‌ଭେଟ୍ ନାଇଟ୍ ଓ ଫ୍ରେଞ୍ଚ ଆକ୍ୱା ଭଳି ଚାରିଟି ଭାରିଆଣ୍ଟ ରହିଛି। ଆଜିର ବିଶ୍ୱାସୀ, ନିଜକୁ ପରିପ୍ରକାଶ କରିବାକୁ ଚାହୁଁଥିବା ଓ ଷ୍ଟାଇଲ୍ ସଚେତନ ଗ୍ରାହକଙ୍କୁ ଦୃଷ୍ଟିରେ ରଖି କମ୍ପାନି ଏହି ପରଫ୍ୟୁମ୍ ଆଣିଛି। ଏ ସମ୍ପର୍କରେ କମ୍ପାନିର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଚନ୍ତି ଯେ ବ୍ଲଣ୍ଟ୍ ବ୍ଲାକ୍ ସହିତ ଆମ ସୁଗନ୍ଧ ପୋର୍ଟଫୋଲିଓକୁ ଆମେ ସମ୍ପ୍ରସାରଣ କରି ପ୍ରିମିୟମ ସୁଗନ୍ଧ ବର୍ଗରେ ପ୍ରବେଶ କରିଛୁ। କମ୍ପାନିର ଅନ୍ୟତମ ନିର୍ଦ୍ଦେଶକ ଅଂଶୁଲ ଅଗ୍ରୱାଲ କହିଛନ୍ତି ଯେ ଆଜିର ଗ୍ରାହକମାନେ ସୁଗନ୍ଧକୁ ସେମାନଙ୍କ ବ୍ୟକ୍ତିତ୍ୱ ଓ ଜୀବନଶୈଳୀର ସମ୍ପ୍ରସାରଣ ଭାବେ ଦେଖୁଛନ୍ତି। ବ୍ଲଣ୍ଟ ବ୍ଲାକ୍ ଆମର ପରଫ୍ୟୁମେରି ପ୍ରତି ରହିଥିବା ଉତ୍ସାହକୁ ପ୍ରତିଫଳିତ କରୁଛି। ୩୦ ଏମ୍‌ଏଲ୍ ଇଆଉ ଡି ପରଫ୍ୟୁମ୍ ବୋତଲରେ ମିଳୁଥିବା ଏହି କଲେକ୍ସନର ଦାମ୍ ୫୯୯ ଟଙ୍କା ରହିଛି। ଅଗ୍ରଣୀ ଇ-କମର୍ସ ସାଇଟ୍‌ରେ ପ୍ରାରମ୍ଭିକ ମୂଲ୍ୟ ୨୭୯ ଟଙ୍କାରେ ଏହା ଉପଲବ୍ଧ ହେବ।

## ଆହୁରି ଉଡ଼ିବ ଏୟାର ଇଣ୍ଡିଆ!






ମୁମ୍ବାଇ,୬।୮: କ୍ୟାମ୍ପବେଲ ୱିଲସନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ, 'ଏୟାର ଇଣ୍ଡିଆ'ର ନୂତନ ଚିଫ୍ ଏକଜିକ୍ୟୁଟିଭ୍ ଅଫିସର (ସିଇଓ) ଏବଂ ମ୍ୟାନେଜିଂ ଡାଇରେକ୍ଟର (ଏମଡି) ଭାବରେ Tewolde Gebremariam ନିଯୁକ୍ତ ହୋଇଛନ୍ତି। ବୁଧବାର କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ପକ୍ଷରୁ ଏହି ବିଶେଷ ଘୋଷଣା କରାଯାଇଛି। ଏୟାର ଇଣ୍ଡିଆକୁ ବିଶ୍ୱସ୍ତରୀୟ ଏବଂ ପ୍ରମୁଖ ବିମାନ ସେବା ପ୍ରଦାନକାରୀ ଭାବେ ଗଢ଼ିତୋଳିବା ଦିଗରେ ଏହି ପରିବର୍ତ୍ତନକୁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଭାବେ ବିବେଚନା କରାଯାଉଛି।

ତେୱୋଲଡେ ଗେବ୍ରେମାରିଅମ ବିଶ୍ୱ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଜଣେ ଅତ୍ୟନ୍ତ ସଫଳ ନେତା ଭାବରେ ପରିଚିତ ।

ସେ 'ଇଥିଓପିଆନ୍ ଏୟାରଲାଇନ୍ସ ଗ୍ରୁପ୍'ର ମୁଖ୍ୟ ଭାବରେ କାର୍ଯ୍ୟ କରି ଏକ ଆଞ୍ଚଳିକ ବିମାନ ସେବା କମ୍ପାନୀକୁ ଆଫ୍ରିକାର ସବୁଠାରୁ ବଡ଼, ଲାଭପ୍ରଦ ଏବଂ ପୁରସ୍କୃତ ଏୟାରଲାଇନ୍ସ ଗ୍ରୁପ୍‌ରେ ପରିଣତ କରିଥିଲେ। ଜଟିଳ ପରିଚାଳନା କ୍ଷେତ୍ରକୁ ସୁଚାରୁରୂପେ ପରିଚାଳନା କରିବା, ବିଶ୍ୱସ୍ତରୀୟ 'MRO' ଏବଂ ବୈଷୟିକ ତାଲିମ ଭିତ୍ତିଭୂମି ନିର୍ମାଣ କରିବାରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି।

ଅନ୍ତର୍ଜାତୀୟ ରୁଟର ସମ୍ପ୍ରସାରଣ, ଉଚ୍ଚମାନର ସୁରକ୍ଷା ବ୍ୟବସ୍ଥା ଏବଂ ନିର୍ଭରଯୋଗ୍ୟ ସେବା ଯୋଗାଇବାରେ ତାଙ୍କର ପ୍ରଶଂସନୀୟ ରେକର୍ଡ ରହିଛି। ଟାଟା ସନ୍ସ ଏବଂ ଏୟାର ଇଣ୍ଡିଆର ଅଧକ୍ଷ ଏନ୍. ଚନ୍ଦ୍ରଶେଖରନ୍ ତେୱୋଲଡେଙ୍କୁ ସ୍ୱାଗତ କରି କହିଛନ୍ତି, 'କ୍ୟାମ୍ପବେଲଙ୍କ ନେତୃତ୍ୱରେ ପ୍ରାରମ୍ଭିକ ସ୍ଥିରତା ଏବଂ ବିମାନ କ୍ରୟ ପ୍ରକ୍ରିୟା ଶେଷ ହେବା ପରେ, ଏୟାର ଇଣ୍ଡିଆ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ପର୍ଯ୍ୟାୟରେ ପ୍ରବେଶ କରୁଛି। ଗୋଟିଏ ବୃହତ୍ତ ଏୟାରଲାଇନ୍ସ ଗ୍ରୁପ୍‌କୁ ବିଶ୍ୱର ଅନ୍ୟତମ ଲାଭପ୍ରଦ କମ୍ପାନୀରେ ପରିଣତ କରିବାରେ ତେୱୋଲଡେଙ୍କ ସଫଳତା, ତାଙ୍କୁ ଏୟାର ଇଣ୍ଡିଆର ନେତୃତ୍ୱ ନେବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ କରିପାରିଛି।'

ନିଜର ନୂତନ ଦାୟିତ୍ୱ ସମ୍ପର୍କରେ ତେୱୋଲଡେ କହିଛନ୍ତି ଯେ, ଏୟାର ଇଣ୍ଡିଆ ଭଳି ଏକ ଐତିହାସିକ କମ୍ପାନୀର ନେତୃତ୍ୱ ନେବା ଗୌରବର ବିଷୟ। ଭାରତର ଆର୍ଥିକ ପ୍ରଗତି ସହ ତାଳ ଦେଇ ଏୟାର ଇଣ୍ଡିଆକୁ ବିଶ୍ୱସ୍ତରୀୟ ବିମାନ ସେବା ସଂସ୍ଥାରେ ପରିଣତ କରିବା, ଗ୍ରାହକଙ୍କୁ ଉନ୍ନତ ଭାରତୀୟ ଆତିଥ୍ୟ ପ୍ରଦାନ କରିବା ଏବଂ ନିର୍ଭରଯୋଗ୍ୟ ସେବା ଯୋଗାଇବା ପାଇଁ ସେ ବୋର୍ଡ ଓ ସମସ୍ତ କର୍ମଚାରୀଙ୍କ ସହ ମିଶି କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

## ରାସନ ସାମଗ୍ରୀ ହେଲା ମହଙ୍ଗା



ନୂଆଦିଲ୍ଲୀ, ୬।୮: ୨୦୨୬ ବର୍ଷର ଆରମ୍ଭ ଜୋରଦାର ଭାବେ ହୋଇଥିଲା। କିନ୍ତୁ ଦ୍ୱିତୀୟ ମାସରେ ବିଶ୍ୱରେ ଏଭଳି ଅସ୍ଥିର ପରିସ୍ଥିତି ସୃଷ୍ଟି ହେଲା, ଯାହାର ପ୍ରଭାବ ଏବେ ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି। ଫେବୃଆରୀ ମାସରେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା, ଯାହାର ପ୍ରଭାବ ସାରା ବିଶ୍ୱରେ ପଡ଼ିଥିଲା। ବିଶେଷକରି ଭାରତରେ ପ୍ରାୟ ସମସ୍ତ ଜିନିଷର ଦାମ୍ ବଢ଼ିଯାଇଛି। ଗତ ପାଞ୍ଚ ମାସ ଧରି ଏହି ଯୁଦ୍ଧର ପ୍ରଭାବରେ ସାଧାରଣ ଲୋକ ମହଙ୍ଗା ମାଡ଼ ସହୁଛନ୍ତି। ଏହି ସମୟ ମଧ୍ୟରେ ରାଶନ ସାମଗ୍ରୀର ଦାମ ପ୍ରାୟ ୯୯ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଥିବା ଦେଖାଯାଇଛି। ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ୨୮ ଫେବୃଆରୀ ୨୦୨୬ରୁ ଆରମ୍ଭ ହୋଇଥିଲା। ସେହି ସମୟରୁ ଆଜି ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଖାଦ୍ୟପଦାର୍ଥ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦାମ ଦ୍ରୁତ ଗତିରେ ବଢ଼ିଚାଲିଛି। ନିକଟରେ ଉପଭୋକ୍ତା ବ୍ୟାପାର ବିଭାଗର ପ୍ରାଇସ ମନିଟରିଂ ସିଷ୍ଟମ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏପର୍ଯ୍ୟନ୍ତ ରାଶନ ସାମଗ୍ରୀର ଦରରେ ପ୍ରାୟ ୯୯ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ରେକର୍ଡ କରାଯାଇଛି।

## 'ସରକାର ବିମାନ ଇନ୍ଧନ ସହ ଇଥାନଲ୍ ମିଶାଇବା ପାଇଁ କୌଣସି ପ୍ରସ୍ତାବ ଦେଇନାହାନ୍ତି'



ନୂଆଦିଲ୍ଲୀ,୬।୮:ବିମାନ ଇନ୍ଧନ ବା ଆଭିଏସନ୍ ଟର୍ବାଇନ୍ ଫୁଏଲ୍(ଏଟିଏଫ) ସହିତ ଇଥାନଲ୍ ମିଶ୍ରଣ କରିବାକୁ ସରକାର ଯୋଜନା କରୁଥିବା ନେଇ ଚାଲିଥିବା ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଗୁଜବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ କହିଛନ୍ତି। ସେ କହିଛନ୍ତି ଯେ ସରକାର ବିମାନ ଇନ୍ଧନ ସହ ଇଥାନଲ୍ ମିଶାଇବା ପାଇଁ କୌଣସି ପ୍ରସ୍ତାବ ଦେଇନାହାନ୍ତି।

ଇଥାନଲ୍ ଓ ସସ୍ଟେନେବଲ୍ ଆଭିଏସନ୍ ଫୁଏଲ୍(ଏସଏଏଫ) ସମ୍ପୂର୍ଣ୍ଣ ଅଲଗା। ଏହା ହେଉଛି ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂସ୍ଥା (ଆଇସିଏଓ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ବିମାନ ଇନ୍ଧନ ଯାହା ବିଶ୍ୱସ୍ତରରେ ବ୍ୟବହୃତ ହେଉଛି। ଏହା କଠୋର ପରୀକ୍ଷଣ ଦେଇ ଗତି କରିଥାଏ ଓ ନିରାପତ୍ତା ମାନଦଣ୍ଡ ପୂରଣ କରିଥାଏ। ସମ୍ପ୍ରତି ଗାଡ଼ି ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ପ୍ରକ୍ରିୟାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବିମାନ ଇନ୍ଧନରେ ମଧ୍ୟ ଇଥାନଲ୍ ମିଶାଯାଉଛି ବୋଲି ସୋସିଆଲ୍ ମିଡିଆ ଓ କେତେକ ସ୍ଥାନରେ ଗୁଜବ ସୃଷ୍ଟି ହୋଇଥିଲା। ଏହା ଦ୍ୱାରା ଯାତ୍ରୀମାନଙ୍କ ମନରେ ବିମାନ ସୁରକ୍ଷାକୁ ନେଇ ଭୟ ସୃଷ୍ଟି ହୋଇଥିଲା। ଏହି ନକଲି ଖବରକୁ ଖଣ୍ଡନ କରି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଯାତ୍ରୀଙ୍କ ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଏବଂ ଏପରି ଗୁଜବରୁ ଦୂରେଇ ରହିବାକୁ ସେ ନିବେଦନ କରିଛନ୍ତି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୫,୯୦୦ ଟଙ୍କା ଓ ୨୨ କ୍ୟାରେଟ ୧,୩୩,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

# ସ୍ୱାବଲମ୍ବୀ ନୁହେଁ, ଋଣଗ୍ରସ୍ତ ହୋଇଛନ୍ତି ମହିଳା

- ଶତାଧିକ ଗୋଷ୍ଠୀ ଥାଇ ବି ନାହିଁ ସହଯୋଗ
- ସଚେତନତା ନାମରେ ଟଙ୍କା ହଡପ, ସୁଯୋଗ ନେଉଛନ୍ତି ଚିଟଫଣ୍ଡ
- ବ୍ୟାଙ୍କରୁ ଋଣ ଆଣି ଗାଁ ଗାଁରେ ସୁଧ କାରବାର

କାକଟପୁର /ଅସ୍ତରଙ୍ଗ,୬।୮ (ସଂଚାର ବ୍ୟୁରୋ): ମହିଳାଙ୍କୁ ନିଜ ପାଦରେ ଠିଆ କରାଇବା ପାଇଁ ସରକାର ଗାଁ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ କରି କୋଟି କୋଟି ଟଙ୍କା ଦେଉଛନ୍ତି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏହି ଯୋଜନା କେବଳ କାଗଜରେ ରହିଯାଇଛି। ଋଣ ମିଳୁଛି ସତ, କିନ୍ତୁ ସହଯୋଗ ନଥିବାରୁ ମହିଳାମାନେ ସ୍ୱାବଲମ୍ବୀ ହେବା ବଦଳରେ ଋଣଭାରରେ ଚାପି ହୋଇପଡ଼ିଛନ୍ତି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏବେ ପାଖାପାଖି ୨ଶହ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ ସରକାର ଏହି ଗୋଷ୍ଠୀଗୁଡ଼ିକୁ ଲକ୍ଷାଧିକ ଟଙ୍କା ଋଣ ଦେଇଥିଲେ। ମହିଳାମାନେ ଭାବିଥିଲେ ଏହି ଟଙ୍କାରେ ବଡି-ପାମ୍ପଡ ତିଆରି କରିବେ ବା ଛୋଟ ବ୍ୟବସାୟ କରି



ପରିବାର ଚଳାଇବେ। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା।

ସବୁଠୁ ବଡ ସମସ୍ୟା ହେଲା ସଚେତନତା ଓ ତାଲିମର ଅଭାବ। ସରକାର ସଚେତନତା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା ମହିଳାଙ୍କ ପାଖରେ ପହଞ୍ଚୁନାହିଁ। ଅଭିଯୋଗ ହେଉଛି କେତେକ ସରକାରୀ କର୍ମଚାରୀ ଶିବିର ନାମରେ କେବଳ ଭୋଜି କରି ଟଙ୍କା ହଡପ କରୁଛନ୍ତି। ଫଳରେ ମହିଳାମାନେ ଋଣ ଟଙ୍କାକୁ କେମିତି ବିନିଯୋଗ କରିବେ ସେ ଜାଣିପାରୁନାହାନ୍ତି।

ହାତଗଣତି ୫ରୁ ୧୦ଟି ଗୋଷ୍ଠୀ ଛାଡିଦେଲେ ବାକି ସମସ୍ତ ଗୋଷ୍ଠୀ ଏବେ ଠପ୍। ଋଣ ଟଙ୍କା ମିଳିଲା ପରେ ତାର ତଦାରଖ କରିବାକୁ କୌଣସି ଅଧିକାରୀ ଆସୁନାହାନ୍ତି। ବଡି-ପାମ୍ପଡ ତିଆରି ପାଇଁ ଟଙ୍କା ମିଳୁଛି କିନ୍ତୁ ତାହାକୁ କେଉଁଠି ବିକ୍ରି କରିବେ ସେ ରାସ୍ତା ନାହିଁ। ଏମିତି ଅନେକ ମହିଳା ଋଣ ଟଙ୍କା ଆଣୀ ଗ୍ରାମାଞ୍ଚଳ ରେ ସୁଧ କାରବାର କରୁଛନ୍ତି।ସରକାରୀ ସ୍ତରରୁ ମାର୍କେଟିଂର କୌଣସି ବ୍ୟବସ୍ଥା ନାହିଁ। ଫଳରେ ସାମଗ୍ରୀ ପଡ଼ି ପଚି ନଷ୍ଟ ହେଉଛି।

ଏହି ସୁଯୋଗର ଫାଇଦା ନେଉଛନ୍ତି ଚିଟଫଣ୍ଡ କମ୍ପାନୀ। ପ୍ରତି ଗାଁରେ ଚିଟଫଣ୍ଡ ଏଜେଣ୍ଟମାନେ ଦୁଆର ଦୁଆର ବୁଲି ମହିଳାଙ୍କୁ ସହଜରେ ଋଣ ଦେଉଛନ୍ତି। ସରକାରୀ ଋଣ ସହିତ ଏବେ ଚିଟଫଣ୍ଡ ଋଣର କିସ୍ତି ମଧ୍ୟ ମହିଳାମାନଙ୍କ ମୁଣ୍ଡ ଉପରେ ଚାପ ହୋଇଛି।

ସ୍ଥିତି ଏତେ ଖରାପ ଯେ କିଛି ଜାଗାରେ ଗୋଷ୍ଠୀର ମୁଖ୍ୟ ଋଣ ଟଙ୍କା ଏକୁଟିଆ ଖାଇ ଦେଇଥିବା ଅଭିଯୋଗ ହୋଇ ଥାନା ପର୍ଯ୍ୟନ୍ତ ମାମଲା ପହଞ୍ଚିଛି ପୂର୍ବରୁ ନଜିର ରହିଛି।

## ଗୋଚର ଜମିରେ ସରକାରୀ ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନା



ବାଲିଆପାଳ,୬।୮ (ସଂଚାର ବ୍ୟୁରୋ): ସରକାର ନିୟମ କଲେ ଆଉ ନିଜେ ସରକାର ନିୟମ ଭାଙ୍ଗିଲେ, ଏପରି ଏକ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ଜାରି ସୂଚନାରୁ ପ୍ରକାଶ ଯେ ଜଳେଶ୍ୱର ବ୍ଲକ ବାଇଗଣ ବାଡିଆ ପଞ୍ଚାୟତର କାଳିକାପୁର ଗାଁରେ ଥିବା ପ୍ରସିଦ୍ଧ ହରବାବାଜୀ ମେଳା ପଡ଼ିଆର ଗୋଚର ଜମିରେ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ଦୁଇଦିନ ଧରି ୪.୫ ଲକ୍ଷ ଟଙ୍କା ସରକାରୀ ଅର୍ଥରେ ବ୍ଲକ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ କରୁଛନ୍ତି । ଗୋଚର, ଜଙ୍ଗଲ ତଥା ବ୍ୟକ୍ତିଗତ ଜମିରେ ସରକାରୀ ଅର୍ଥରେ ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ, ପୁଣି ମେଳା ପଡ଼ିଆରେ ରାସ୍ତା ନିର୍ମାଣ ହେବାରୁ ପଡ଼ିଆ ସଂକୁଚିତ ହେଉଥିବାରୁ ଆଜି ସ୍ଥାନୀୟ ସରପଞ୍ଚଙ୍କ ସହିତ ବହୁ ଗ୍ରାମବାସୀ ଏହି ବେଆଇନ ନିର୍ମାଣକୁ ବିରୋଧ କରିଥିଲେ । ନିର୍ମାଣ ସ୍ଥଳରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନଥିବା ବେଳେ ଠିକାଦାର ଓ କିଛି ଅସାଧୁ ଗ୍ରାମବାସୀ ନିର୍ମାଣ ସ୍ଥାନରେ ଉତ୍ତେଜନା ସୃଷ୍ଟି କରିଥିଲେ । ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ଠେଲା ପେଲା ହୋଇ ମେଳା ପଡ଼ିଆଟି ରଣକ୍ଷେତ୍ର ପାଲଟି ଯାଇଥିଲା । ତେବେ ବିଭାଗୀୟ ଅଧିକାରୀ ଉକ୍ତ ଗୋଚର ଜମିରେ ବେଆଇନ ନିର୍ମାଣ ବନ୍ଦ ନ କଲେ ଆଗାମୀ ଦିନରେ ସ୍ଥିତି ଅସମ୍ଭାଳ ହେବାର ଆଶଙ୍କା ରହିଛି।

## ଦେବେନ୍ଦ୍ରଙ୍କ ଦୋକାନରେ ଗଣେଶ ମୂର୍ତ୍ତି ନେବାକୁ ଲାଗୁଛି ଭିଡ଼

ଯାଜପୁର ରୋଡ଼, ୬।୮(ସଂଚାର ବ୍ୟୁରୋ): ଆସନ୍ତା ସେପ୍ଟେମ୍ବର ମାସର ୧୪ ତାରିଖ ସୋମବାର ଦିନ ଶ୍ରୀ ଗଣେଶ ଠାକୁରଙ୍କ ପୂଜା ଉତ୍ସବ ପାଳନ ହେବାକୁ ଯାଉଅଛି। ତେଣୁ ଏବେଠାରୁ ବ୍ୟାସନଗର ପୌରାଅଞ୍ଚଳ ସହରର ବିଭିନ୍ନ କ୍ଲବ, ସଂଗଠନ ଅନୁଷ୍ଠାନରେ ଗଣେଶଙ୍କ ପୂଜା ପାଳନ ପାଇଁ ମେଳି ଆରମ୍ଭ ଦେଖିବାକୁ ମିଳୁଥିବା ବେଳେ ଏହି ସହରର ପନିପରିବା, ଲକ୍ଷ୍ମୀ ମାର୍କେଟ ଠାରେ ମେଟୁଆଣି ପୋଖରୀ ସାହିର ବାସିନ୍ଦା ଶ୍ରୀ ଦେବେନ୍ଦ୍ର ବେହେରା'ଙ୍କ ଗଣେଶ ଠାକୁରଙ୍କ ଦୋକାନ ଫାର୍ମରେ ବଡ଼ ବଡ଼ ଗଣେଶ ଠାକୁରଙ୍କୁ ନେବାକୁ ପ୍ରବଳରୁ ଅତି ପ୍ରବଳ ଗ୍ରାହକଙ୍କର ଭିଡ଼ ସହ ଆଡଭାନ୍ସ ଦିଆଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଜିଲ୍ଲା ବାହାରେ ନାମ କମାଇଥିବା ମୂର୍ତ୍ତିକାରିଗର ଶ୍ରୀ କାର୍ତ୍ତିକ ଚନ୍ଦ୍ର ତରାଇ, ସୁରଥ ମଲ୍ଲିକ, ଯିଜ ତରେଇ ପ୍ରମୁଖ ନାମିଦାମୀ ମୂର୍ତ୍ତିକାରିଗର ମାନେ ଆସି ରାତି ଦିନ ଏକ କରି ଗ୍ରାହକଙ୍କ ଚିହିଦା ମୁତାବକ ମୂର୍ତ୍ତି ପ୍ରସ୍ତୁତ କରୁଛନ୍ତି। ଏହି କାରିଗରଙ୍କ ତୁଳୀ ସ୍ପର୍ଶରେ ଆଗାମୀ ଦିନରେ ଜୀବନ୍ତ ହେବାକୁ ଯାଉଅଛି ମୂର୍ତ୍ତି।



## ବୈଜ୍ଞାନିକ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ନେଇ ସୋଆ କୃଷି ମହାବିଦ୍ୟାଳୟ ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ




ପୁରୋହିତପୁର ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମଗୁଡ଼ିକର ଉଦ୍ଦେଶ୍ୟ ଥିଲା କୃଷକମାନଙ୍କ ନିକଟରେ ବୈଜ୍ଞାନିକ କୃଷି ଜ୍ଞାନ ପହଞ୍ଚାଇବା, ସ୍ଥାୟୀ କୃଷି

ଭୁବନେଶ୍ୱର,୬।୮ (ସଂଚାର ବ୍ୟୁରୋ): କୃଷି ଗବେଷଣାର ଫଳାଫଳକୁ କୃଷକଙ୍କ କ୍ଷେତ୍ରରେ ପହଞ୍ଚାଇ ବୈଜ୍ଞାନିକ କୃଷି ପଦ୍ଧତିର ପ୍ରସାର ସହ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଗ୍ରାମୀଣ କୃଷି କାର୍ଯ୍ୟାନୁଭୂତି (ଆର୍‌ଏଡବ୍ଲୁଇ) କାର୍ଯ୍ୟକ୍ରମ ଅଧୀନରେ ଜୁଲାଇ ୩୦ରୁ ଅଗଷ୍ଟ ୬ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର, ଜଟଣୀ ଓ ବାଲିଅନ୍ତା ବ୍ଲକର ୧୧ଟି ପୋଷ୍ୟ ଗ୍ରାମରେ ୧୬ଟି କୃଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଝିଂଟିଶାସନ, ପାଣିକଟା, ବୁଢ଼ିପଡ଼ା, କୁଜିମହଲ, ସିଙ୍ଗିରିଶାସନ, ପୁରୁଣା ପଧାନ, ଛତାବର, ଭୋଳା, ବରୁଦାଖାନା, ମେଣ୍ଢାଶାଳ ଏବଂ ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ କୃଷି ଶିକ୍ଷା ଓ ଗ୍ରାମୀଣ ସମାଜ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା। ବର୍ତ୍ତମାନ କୃଷି କ୍ଷେତ୍ରରେ ବଢ଼ୁଥିବା ଉତ୍ପାଦନ ଖର୍ଚ୍ଚ, ଜଳବାୟୁ ପରିବର୍ତ୍ତନ, ମୃତ୍ତିକାର ଉର୍ବରତା ହ୍ରାସ, ଜଳ ସଂକଟ ଏବଂ କୀଟ ଓ ରୋଗର ପ୍ରକୋପ ଭଳି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ କାର୍ଯ୍ୟକ୍ରମର ବିଷୟବସ୍ତୁ ସ୍ଥାନୀୟ ଚାଷ ପ୍ରଣାଳୀ, ଉପଲବ୍ଧ ସମ୍ବଳ ଓ କୃଷକଙ୍କ ଆବଶ୍ୟକତା ଅନୁଯାୟୀ ଚୟନ କରାଯାଇଥିଲା, ଯାହାଫଳରେ ସେମାନଙ୍କୁ ଦିଆଯାଇଥିବା ପରାମର୍ଶ କ୍ଷେତ୍ରସ୍ତରରେ ପ୍ରଭାବଶାଳୀ ଭାବେ ପ୍ରୟୋଗ ହୋଇପାରିବ। ପାରଂପରିକ ସମ୍ପ୍ରସାରଣ କାର୍ଯ୍ୟକ୍ରମ ପରିବର୍ତ୍ତେ ଏଥିରେ ଅଂଶଗ୍ରହଣମୂଳକ ଓ ଆନ୍ତରିକ କାର୍ଯ୍ୟପଦ୍ଧତିକୁ ଅନୁସରଣ କରାଯାଇଥିଲା।

## ନିଶା ମୁକ୍ତ କନ୍ଧମାଳ ଲକ୍ଷ୍ୟରଖି 'ନିଶା ହଟାଓ ଜୀବନ ବଂଚାଓ' ଅଭିଯାନ




ଯୁବକ ଏବଂ ଛୋଟ ପିଲାମାନେ ବିଭିନ୍ନ ନିଶା ସାମଗ୍ରୀ ବ୍ୟବହାର କରି ନିଶାଯୁକ୍ତ ହୋଇ ବିଭିନ୍ନ ଅସାମାଜିକ କର୍ଯ୍ୟରେ ଲିପ୍ତ

ଫୁଲବାଣୀ,୬।୮ (ସଂଚାର ବ୍ୟୁରୋ): ଭାରତ ସରକାର ଙ୍କ ନିଶାମୁକ୍ତି ଅଭିଜାନ ପରିପ୍ରେକ୍ଷୀରେ ଟିକାବାଲି ବ୍ଲକ୍ କୁ ନିଶାମୁକ୍ତ କରିବା ଲକ୍ଷରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପାବୁରିଆ ଅଞ୍ଚଳରୁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଯୋଗଦେଇ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରି ମାନଙ୍କୁ ନିଶା ମୁକ୍ତ ଟିକାବାଲି ସହିତ କନ୍ଧମାଳ ଜିଲ୍ଲାରୁ ନିଶା ହଟାଇବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ବୟଷ୍କ, ଯୁବପିଢି ଏବଂ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର/ଛାତ୍ରୀ ମାନଙ୍କୁ ପ୍ରାଧାନ୍ୟ ଦେଇ ସଚେତନତା କୁ ଆଗକୁ ବଢ଼ାଇବା ପାଇଁ ସମସ୍ତେ ଶପଥ ନେଇଥିଲେ। ଆଜିର ସମୟରେ ରହୁଛନ୍ତି ତାହା ସମାଜ ପାଇଁ ମୁଣ୍ଡବ୍ୟଥା ର କାରଣ ପାଲଟିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହିତ ନିଶା ସେବନ ମଧ୍ୟ ବିଭିନ୍ନ ରୋଗର କାରଣ ବୋଲି କୁହାଯାଇଥିଲା। ଏଣୁ ସଚେତନତା, ପ୍ରଚାରପତ୍ର ବଣ୍ଟନ ଓ ବୈଠକ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ହେଉଛି ଆମର ଲକ୍ଷ ବୋଲି ସମ୍ପାଦକ ମତ ବ୍ୟକ୍ତ କରିଥିଲେ। ଏଥି ନିମନ୍ତେ ନିଶା ହଟାଓ ଜୀବନ ବଂଚାଓ ଅଭିଜାନ ଜିଲ୍ଲା ବ୍ୟପି କାର୍ଯ୍ୟକାରି କରିବା ନିମନ୍ତେ ନିଷ୍ପତି ନେଇ ଆଜି ଠାରୁ ଆରମ୍ଭ କରାଯାଇଛି। ନିଶା ର ବ୍ୟବହାର କମିଲେ ଦେଶରୁ ଅରାଜକତା ନିଶ୍ଚିତ ରୁପେ ଲୋପ ପାଇପାରିବ ବୋଲି ଉପସ୍ଥିତ କର୍ମଚାରି ମାନେ ମତ ବ୍ୟକ୍ତ କରିଥିଲେ।

## ବନ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା

ଆନନ୍ଦପୁର,୬।୮ (ସଂଚାର ବ୍ୟୁରୋ): ବୈତରଣୀ ନଦୀର ରିଙ୍ଗ ରୋଡ୍‌ରେ ଘାଇ ସୃଷ୍ଟି ହେବା ପରେ ଆନନ୍ଦପୁର



ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ବନ୍ୟା ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବହୁ ବାସଗୃହ ଭାଙ୍ଗିଯିବା ସହ ଅନେକ ପରିବାର ଦୁର୍ଦ୍ଦଶାରେ ପଡ଼ିଥିଲେ। ବିଶେଷକରି ଆନନ୍ଦପୁର ପୌରାଞ୍ଚଳର ୪ ନଂ ୱାର୍ଡ ମୁଖିସାହିରେ ବନ୍ୟାର ପ୍ରଭାବ ବେଶ୍ ଅଧିକ ରହିଥିଲା। ବନ୍ୟା ପାଣିରେ ଅନେକ ଘର ବୁଡ଼ିଯିବା ସହ କେତେକ ବାସଗୃହ ଭାଙ୍ଗିଯାଇଥିଲା। ଏଭଳି ଦୁର୍ଦ୍ଦିନରେ କ୍ଷତିଗ୍ରସ୍ତ ପରିବାରଙ୍କ ସହାୟତା ପାଇଁ ଆଗେଇ ଆସିଛି 'ରତ୍ନ ହସ୍ପିଟାଲ'। ହସ୍ପିଟାଲର ଅଧ୍ୟକ୍ଷ ନଟବର ରଣାଙ୍କ ସାନଭାଇ ତଥା ୭ ନଂ ୱାର୍ଡର କାଉନସିଲର କୃଷ୍ଣ ଚନ୍ଦ୍ର ରଣାଙ୍କ ମାଧ୍ୟମରେ ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୪ ନଂ ୱାର୍ଡ ମୁଖିସାହିର ପଟୁ ମୁଖି, ମାଳତୀ ମୁଖି, ଝରଣା ମୁଖି, ପ୍ରଶାନ୍ତ ମୁଖି, ମଞ୍ଜୁ ଦଳେଇ, ଆକାଶ ଦଳେଇ, ରଞ୍ଜୁ ମୁଖି ଓ କୁମୁଦୁନୀ ଦଳେଇଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ସେହିପରି ୭ ନଂ ୱାର୍ଡରେ ବନ୍ୟାରେ ତିନୋଟି ଗାଈ ଓ ଆଠଟି ଛେଳି ମୃତ୍ୟୁବରଣ କରିବାରୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଜୟନ୍ତ ଦାସଙ୍କୁ ମଧ୍ୟ ଆର୍ଥିକ ସହାୟତା ଦିଆଯାଇଛି। ଏଥିସହ ବନ୍ୟାରେ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗିଯାଇ ବାସହରା ହୋଇଥିବା କୃପାସିନ୍ଧୁ ସିଂଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ପ୍ରଦାନ କାର୍ଯ୍ୟରେ ୯ ନଂ ୱାର୍ଡର କାଉନସିଲର ସନତ କରଙ୍କ ସମେତ ୭ ନଂ ୱାର୍ଡର ବାପି ରଣା, ପିଙ୍କୁଲ ରାମ, ରୁବୁଲ ରାଜ, ବିକାଶ ଜେନା, ଟିଟୁ ପତି ଓ ହରେକୃଷ୍ଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## କେନାଲରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ



ନିଶ୍ଚିନ୍ତକୋଇଲି,୬।୮ (ସଂଚାର ବ୍ୟୁରୋ): ସାଲେପୁର ଥାନା ଅଧିନ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଖଣ୍ଡଗାଁ ଗ୍ରାମର ଦାମୋଦର ବେହେରାଙ୍କର ପତ୍ନୀ ରଙ୍ଗଲତା ବେହେରା(୭୫)ବର୍ଷ ଗୁରୁବାର ଭୋର ସମୟରେ ୮(ଏ)ନଂ କେନାଲରେ ଶୌଚ ହେବାକୁ ଯାଇଥିବା ସମୟରେ ପାଣିରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ସମୟ ଖୋଜାଖୋଜି କରିବା ପରେ ୮କ(୨)କେନାଲ ମହାଜନପୁର ମାତକତପୁର ଠାରେ ଶବ ଲାଗିଥିବା ଖବର ପାଇ ପରିବାର ଲୋକେ ସେଠାରୁ ରଙ୍ଗଲତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନାକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମାନସ ମୁଖାଗ୍ନୀ ପ୍ରଦାନ କରିଥିଲେ।

### ଜିଲ୍ଲାପାଳଙ୍କ ଅଭିନବ ଯୋଜନା

## ସ୍କୁଲକୁ ଯିବେ ସମସ୍ତ ଜିଲ୍ଲା ବିଭାଗୀୟ ଅଧିକାରୀ

ଫୁଲବାଣୀ,୬।୮ (ସଂଚାର ବ୍ୟୁରୋ): ସରକାରୀ ସ୍କୁଲରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହିତ ସ୍କୁଲର ସାମଗ୍ରିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଏକ ଅଭିନବ ପଦକ୍ଷେପ ନେଇଛନ୍ତି। 'ଟିଚ୍ କନ୍ଧମାଳ' ନାମକ ଏହି କାର୍ଯ୍ୟକ୍ରମରେ ପ୍ରତି ମାସର ପ୍ରଥମ ସୋମବାର ଜିଲ୍ଲାସ୍ତରୀୟ ଅଧିକାରୀମାନେ ବିଭିନ୍ନ ସ୍କୁଲ ପରିଦର୍ଶନ କରି ପାଠପଢ଼ା ସହ ସ୍କୁଲର ସାମଗ୍ରିକ ବ୍ୟବସ୍ଥାର ତଦାରଖ କରିବେ। ଆଜି ଜିଲ୍ଲାପାଳ ଓ ଏସ୍‌ପି ସ୍ୱୟଂ ବିଭିନ୍ନ ସ୍କୁଲକୁ ଯାଇ ପିଲାମାନଙ୍କ ସହ ସମୟ ବିତାଇବା ସହ ପାଠ ପଢ଼ାଇଥିଲେ। ଦେଖନ୍ତୁ




ଏହି ରିପୋର୍ଟ। ସ୍କୁଲ କେବଳ ପାଠପଢ଼ାର କେନ୍ଦ୍ର ନୁହେଁ, ବରଂ ଭବିଷ୍ୟତ ଗଢ଼ିବାର ମୂଳଦୁଆର। ଏହାକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଆରମ୍ଭ କରିଛନ୍ତି 'ଟିଚ୍ କନ୍ଧମାଳ' କାର୍ଯ୍ୟକ୍ରମ। ଏହି ଯୋଜନାରେ ପ୍ରତି ମାସର ପ୍ରଥମ ସୋମବାର ମିଳିତ ଜନଶୁଣାଣୀ ଦିନ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ନିଜ ନିଜ ଅଞ୍ଚଳର ଗୋଟିଏ ଲେଖାଏଁ ସ୍କୁଲ ପରିଦର୍ଶନ କରିବେ।ପ୍ରାର୍ଥନାଠାରୁ ଆରମ୍ଭ କରି ଶ୍ରେଣୀଗୃହରେ ପାଠପଢ଼ା, ମଧ୍ୟାହ୍ନ ଭୋଜନର ମାନ, ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟର ସୁବିଧା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ସ୍କୁଲର ସାମଗ୍ରିକ ପରିବେଶକୁ ଅନୁଧ୍ୟାନ କରିବା ସହ ଶିକ୍ଷକ ଓ ପିଲାମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି ଅଧିକାରୀମାନେ। ଜିଲ୍ଲାପାଳ ବେଦଭୂଷଣ ଜାମୁଝରି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଶ୍ରେଣୀଗୃହରେ ବସି ପାଠପଢ଼ାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସେ ନିଜେ ଗଣିତ ସହ ବିଭିନ୍ନ ବିଷୟ ପଢ଼ାଇବା ସହ ଉଚ୍ଚ ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ।

## ସ୍ୱାମୀର ଟାଙ୍ଗିଆ ଚୋଟରେ ପତ୍ନୀଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୬।୮ (ସଂଚାର ବ୍ୟୁରୋ): ନେମାଳ ଥାନା ଅଧିନସ୍ଥ ବନ୍ଧକାଟିଆ ପଞ୍ଚାୟତ ସହଦେବପୁର ଗ୍ରାମର ସୁରେନ୍ଦ୍ରନାଥ ମଳିକଙ୍କ ବଡ଼ପୁଅ ଶୈଳେନ୍ଦ୍ରନାରାୟଣ ମଳିକ ଗତ ତା.୧୨.୦୭.୨୦୨୬ ରିଖରେ କେନ୍ଦ୍ରାପଡ଼ା ଜିଲ୍ଲା ସଦର କେନ୍ଦ୍ରାପଡ଼ା ଇନ୍ଦାଳୋ ବାଲିସାହିର ଭରତଚନ୍ଦ୍ର ମଳିକଙ୍କ କନ୍ୟା ରୋଜାଲିନ ମଳିକଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ବିବାହର ଏକ ମାସ ନପୁରୁଣୁ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ଶୈଳେନ୍ଦ୍ରଙ୍କ ଟାଙ୍ଗିଆ ମାଡ଼ରେ ପତ୍ନୀ ରୋଜାଲିନଙ୍କର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ



ହୋଇଛି। ତା.୦୬.୦୮.୨୦୨୬ରିଖି ଭୋର ୪ଟା ସମୟରେ ଶୈଳେନ୍ଦ୍ରଙ୍କ ସାନଭାଇ ଭବାନୀଶଙ୍କର ମଳିକ ରୋଜାଲିନଙ୍କ ମୃତ୍ୟୁ ଘଟିଥିବା ନେଇ ରୋଜାଲିନଙ୍କ ବାପଘରକୁ ଫୋନ୍ କରି ଜଣାଇଥିଲେ। ରୋଜାଲିନ୍‌ଙ୍କ ବାପଘର ଲୋକେ ସହଦେବପୁର ଆସି ପହଞ୍ଚି ଦେଖିବାକୁ ପାଇଲେ ତାଙ୍କ ଝିଅକୁ ଏକ ଧାରୁଆ ଅସ୍ତ୍ରରେ କାନ ମୂଳେ ଚୋଟମାରି ହଣାହୋଇଛି ଏବଂ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ୍ୟୁବରଣ କରିଛି। ଏସବୁ ଘଟଣା ଦେଖିସାରିବା ପରେ ରୋଜାଲିନଙ୍କ ବାପଘର ଲୋକେ ତାଙ୍କ ଝିଅକୁ ଜ୍ୱାଇଁ ଶୈଳେନ୍ଦ୍ରନାରାୟଣ ମଳିକ, ଶ୍ୱଶୁର ସୁରେନ୍ଦ୍ରନାଥ ମଳିକ, ଶାଶୁ ମଞ୍ଜୁ ମଳିକ, ଦିଅର ଭବାନୀଶଙ୍କର ମଳିକ ମିଳିମିଶି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ନେଇ ରୋଜାଲିନଙ୍କ ବାପା ଭରତଚନ୍ଦ୍ର ମଳିକ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୧୩ କୁଇଣ୍ଟାଲ କେନ୍ଦୁପତ୍ର ଜବତ, ୨ ଗିରଫ

ନୀଳଗିରି,୬।୮ (ସଂଚାର ବ୍ୟୁରୋ ): ନୀଳଗିରି ବନବିଭାଗ ଦ୍ୱାରା ୧୩କୁଇଣ୍ଟାଲ କେନ୍ଦୁପତ୍ର ଜବତ ୨ ଚାଲାଣକାରୀ ଗିରଫ କରାଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନାରୁ ଜଣା ପଡ଼ିଛିଗତ ୫ତାରିଖ ସନ୍ଧ୍ୟା ୭ ଘଟିକା ସମୟରେ ମଙ୍ଗୁଳି ରୁ ସୋରୋ ଦେଇ ବାଲେଶ୍ୱର ଅଭିମୁଖେ ୧୬ନମ୍ବର ଜାତୀୟ ରାଜପଥଦେଇ ଯାଉଥିବା କେନ୍ଦୁପତ୍ର ବୋଝେଇ ପିକଅପ ବିଷୟରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୀଳଗିରି ରେଞ୍ଜର ତଥା ଚାନ୍ଦିପୁର ଭାରପ୍ରାପ୍ତ ରେଞ୍ଜର ମନୱର ଖାଁ ସଦଳବଳେ ଶେରଗଡ଼ ଟୁଲ ଗେଟ ପାଖରୁ ଏକ ଡବ୍ଲୁବି ୨୯ଏ ୬୧୧୩ନମ୍ବର ବିଶିଷ୍ଟ ଧଳା ରଙ୍ଗର ବୋଲେରୋ ପିକଅପ କୁ ପଛରୁ ଗୋଡ଼ାଇ ବାଲେଶ୍ୱର ଆଇଟିଆଇ ଛକ ପାଖରେ ଆଡା ପକେଇ ଗାଡିକୁ ଧରିଥିଲେ। ତେବେ ୧୩କୁଇଣ୍ଟାଲ କେନ୍ଦୁପତ୍ର ଓ ବୋଲେରୋ ଗାଡିକୁ ଜବତ କରିବା ସହିତ କେନ୍ଦୁପତ୍ର ଚାଲାଣକାରୀ ୨ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇ ଚାନ୍ଦିପୁର ବନ କାର୍ଯ୍ୟାଳୟକୁ ଅଣାଯାଇ ଥିଲା। ପରେ ସେମାନଙ୍କ ବିରୋଦ୍ଧରେ ମୋକଦ୍ଦମା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଡ୍ରାଇଭର ଜଣକ ହେଲେ ପଶ୍ଚିମ ବଙ୍ଗ ରାଜ୍ୟ ପଶ୍ଚିମ ମେଦିନା ପୁର ଜିଲ୍ଲା ଚନ୍ଦ୍ରକୋଣା ଥାନା ଦକ୍ଷିଣ ବଜାର ଅଞ୍ଚଳ ନିତାଇ ମଣ୍ଡଳ ଙ୍କ ପୁତ୍ର ସୁଶାନ୍ତ ମଣ୍ଡଳ (୩୨)ଏବଂ ହେଲ୍ପର ପାନସ୍କୁରା ଥାନା ଦକ୍ଷିଣ ବଜାର ଅଞ୍ଚଳର କିଙ୍କର ସିଂ ଙ୍କ ପୁଅ ସୁରଜିତ ସିଂ (୨୦)। ଉଭୟଙ୍କ ନାମରେ ଓ ଆର ୧୯ସି ଏଚ ର ୨୦୨୬-୨୭ରେ ମାମଲା ରୁଜୁ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉ ବେଳେ ଫରେଷ୍ଟର ଦିଲ୍ଲୀପ କୁମାର ସିଂ, ବନରକ୍ଷୀ ଅଞ୍ଜନ କୁମାର ଦାସ, ଏଡିଏସ ଦୁର୍ଯ୍ୟୟ ଲାୟା, ଭୋଳାଶଙ୍କର ନାଥ, ଜୟଦେବ ଦାସ ସାମିଲ ଥିଲେ।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

ବାରିପଦା,୬।୮ (ସଂଚାର ବ୍ୟୁରୋ): ଗତକିଛି ଦିନ ପୂର୍ବରୁ ହୋଇଥିବା ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଓ ବଡ଼ସାହି ବ୍ଲକ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳର ବନ୍ୟା ପରବର୍ତ୍ତୀ ସ୍ଥିତି ଜାଣିବା ପାଇଁ ସ୍ଥଳ ପରିଦର୍ଶନ କରି ଗ୍ରାଉଣ୍ଡ ଜିରୋରୁ ସମୀକ୍ଷା କରିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାଏକ। ପରିଦର୍ଶନ ଅବସରରେ ସେ ବନ୍ୟା ପ୍ରଭାବିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହେବା ସହ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତିର ଶୀଘ୍ର ଆକଳନ କରି ସରକାରଙ୍କ ପ୍ରଚଳିତ ନିୟମାବଳୀ ଅନୁଯାୟୀ ତୁରନ୍ତ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଇଂ ଗଣେଶରାମ ସିଂ ଖୁଣ୍ଟିଆ, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରିଥିଲେ।ପ୍ରଥମେ ମନ୍ତ୍ରୀ ବେତନଟୀ ବ୍ଲକର ପାଟଳିପୁରା ଗ୍ରାମପଞ୍ଚାୟତ ଅଧୀନ କାଠପାଳ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ସମସ୍ୟା, ଆବଶ୍ୟକତା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ବୁଢ଼ାବଳଙ୍ଗ ନଦୀରେ ଥିବା ନାଖରା ପୋଲ ନିକଟରେ ବନ୍ୟାର ପ୍ରଭାବ, କ୍ଷତିଗ୍ରସ୍ତ ରାସ୍ତାଘାଟ ଓ ଘରବାଡ଼ିର ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଭବିଷ୍ୟତରେ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନଦୀର ଉଭୟ ପାର୍ଶ୍ୱରେ ସୁଦୃଢ଼ ତଟବନ୍ଧ ନିର୍ମାଣ ସମ୍ଭାବନା ଉପରେ ବିଚାର କରି ଆବଶ୍ୟକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



- ଯାଜପୁର ରାଜନୀତିରେ 'ଜେନ-ଜି'ର ଏଣ୍ଟ୍ରି

## ନୂଆ ସମୀକରଣର କେନ୍ଦ୍ରରେ ସଂଗ୍ରାମ ପାତ୍ର, ବଦଳିବ କି ରାଜନୀତିର ଚିତ୍ର ?




ଯାଜପୁର,୬।୮ (ସଂଚାର ବ୍ୟୁରୋ): ଯାଜପୁର ନିର୍ବାଚନମଣ୍ଡଳୀ ରାଜନୀତି ଏବେ ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଥିବା ଭଳି ଚିତ୍ର ଦେଖାଯାଉଛି। ଦୀର୍ଘଦିନ ଧରି ପାରମ୍ପରିକ ନେତୃତ୍ୱ, ସଂଗଠନ ଓ ଜାତିଗତ-ସାମାଜିକ ସମୀକରଣକୁ କେନ୍ଦ୍ର କରି ଆଗେଇ ଆସୁଥିବା ରାଜନୀତିରେ ବର୍ତ୍ତମାନ ଯୁବପିଢ଼ି, ବିଶେଷକରି 'ଜେନ-ଜେଡ୍'ର ଭୂମିକାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୋସିଆଲ ମିଡିଆର ପ୍ରଭାବ, ଯୁବମାନଙ୍କ ସକ୍ରିୟ ଅଂଶଗ୍ରହଣ ଓ ନୂଆ ରାଜନୈତିକ ଚିନ୍ତାଧାରା ଏବେ ଜିଲ୍ଲାର ରାଜନୀତିକୁ ଏକ ନୂଆ ମୋଡ଼ ଦେଇପାରେ ବୋଲି ଆଲୋଚନା ହେଉଛି।ଏହି ପରିପ୍ରେକ୍ଷୀରେ ବିଜେପିର ଯୁବ ନେତା ସଂଗ୍ରାମ ପାତ୍ରଙ୍କ ନାମ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚାରେ ରହିଛି। ତାଙ୍କ ସମର୍ଥକମାନଙ୍କ ମତରେ, ସେ କେବଳ ଦଳୀୟ ରାଜନୀତିରେ ସୀମିତ ନରହି ଯୁବପିଢ଼ି ସହ ସିଧାସଳଖ ସଂପର୍କ ସ୍ଥାପନ କରିବା ଓ ସାମାଜିକ ପ୍ରସଙ୍ଗକୁ ଆଧାର କରି ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାକୁ ଉଦ୍ୟମ କରୁଛନ୍ତି। ଗତ କିଛି ମାସ ଧରି 'ଜେନ-ଜେଡ୍' ନାମରେ ବିଭିନ୍ନ ଯୁବ ଅଭିଯାନ, ଛାତ୍ର-ଯୁବକଙ୍କ ସହ ମତବିନିମୟ, ସୋସିଆଲ ମିଡିଆରେ ସକ୍ରିୟ ଉପସ୍ଥିତି ଓ ସଂଗଠନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସେ ଯୁବପିଢ଼ି ମଧ୍ୟରେ ନିକଟତା ବଢ଼ାଇବାକୁ ପ୍ରୟାସ କରୁଥିବା ନେଇ ତାଙ୍କ ସମର୍ଥକମାନେ ଦାବି କରୁଛନ୍ତି।

## ୧୦ରେ ଅନୁଷ୍ଠିତ ହେବ ଯୁଗ୍ମ ଜନ ଶୁଣାଣି ଶିବିର

ବାରିପଦା,୬।୮(ସଂଚାର ବ୍ୟୁରୋ): ଜିଲ୍ଲା କାର୍ଯ୍ୟାଳୟର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଅଗଷ୍ଟ ମାସ ଦ୍ୱିତୀୟ ସୋମବାର ତା ୧୦-୦୮-୨୦୨୬ ରିଖ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ. କାର୍ଯ୍ୟ ସୂଚୀ ଅନୁଯାୟୀ ଉକ୍ତ ଜନ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି /ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ, ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସମସ୍ତ ସି ଡି ପି ଓ, ଅନ୍ୟାନ୍ୟ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ରାଇରଙ୍ଗପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀପ୍ରମୁଖଙ୍କ ଉପସ୍ଥିତିରେ ଆପତ୍ତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ।

## ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନିଶାମୁକ୍ତି ଅଭିଯାନ

ବେତନଟୀ,୬।୮(ସଂଚାର ବ୍ୟୁରୋ): ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେତନଟୀ



ସେବା କେନ୍ଦ୍ର ତରଫରୁ ବେତନଟୀ ମହାବିଦ୍ୟାଳୟରେ 'ନିଶା ମୁକ୍ତି ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେତନଟୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୟୂରଭଞ୍ଜ ଜିଲ୍ଲା ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀ, ମୁଖ୍ୟବକ୍ତା ଭାବେ ବେତନଟୀ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡଃ. ବନବିହାରୀ ମହାନ୍ତି, ସଂଯୋଜକ ବ୍ରହ୍ମାକୁମାର କୃପାସିନ୍ଧୁ ପ୍ରମୁଖ ମଞ୍ଚାସୀନ ଥିଲେ। ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର, ସମାଜ ଓ ଜାତିର ଭବିଷ୍ୟତକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାଏ। ତେଣୁ ଏହି ନିଶାକୁ ଦୂରେଇ ନିଜକୁ ଭଗବତ ବିଶ୍ୱାସୀ ହେବା ନିମନ୍ତେ ମଞ୍ଚାସୀନ ଅତିଥି ସମୂହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।




# ମଖାନା ଓ କ୍ଷୀର ଶାରୀରିକ ଦୁର୍ବଳତାକୁ କରେ ଦୂର



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। ସୁସ୍ଥ ଶରୀର ଗଠନ ପାଇଁ ଅନେକ ଲୋକ ବହୁତ କିଛି ପଦକ୍ଷେପ ନେଇଥାନ୍ତି। କିଏ ଖାଦ୍ୟକୁ ନେଇ ସଚେତନ ଥାଆନ୍ତି ତ ଆଉ ପୁଣି କିଏ ବ୍ୟାୟାମ କରନ୍ତି ଏବଂ ଜିମରେ ଜଏନ୍ କରିଥାନ୍ତି। ସୁସ୍ଥ ଶରୀର ପାଇଁ ଉପଯୁକ୍ତ ଏବଂ ଉତ୍ତମ ଖାଦ୍ୟର ଆବଶ୍ୟକତା ରହିଛି। ସେହିସବୁ ମଧ୍ୟରୁ ମଖାନା ହେଉଛି ଅନ୍ୟତମ। ମଖାନାରେ ମିଳୁଥିବା ସମସ୍ତ ପୁଷ୍ଟିକର ଉପାଦାନ ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଅନେକ ସକରାତ୍ମକ ପ୍ରଭାବ ପକାଇଥାଏ। ଯଦି ଆପଣ ପ୍ରତିଦିନ ଏକ କପ୍ ମଖାନା ଖାଇବା ଆରମ୍ଭ କରନ୍ତି, ତେବେ ଆପଣଙ୍କ ସ୍ୱାସ୍ଥ୍ୟ ଅନେକ ଲାଭ ପାଇପାରିବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଶାରୀରିକ ଦୁର୍ବଳତାକୁ ଦୂର କରିବାରେ ମଖାନା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ। କ୍ଷୀର ମଧ୍ୟ ଆମ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଆମେ ଜାଣିଛେ। ଯେମିତି ମଖାନାରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫାଇବର, ପୋଟାସିୟମ୍, ଆଇରନ୍ ଏବଂ ଜିଙ୍କର ଏକ ଭଲ ଉତ୍ସ ଥାଏ ଠିକ୍ ସେହିପରି କ୍ଷୀରରେ ମଧ୍ୟ କ୍ୟାଲସିୟମ ଏବଂ ମିନେରାଲ୍ସ ଭଳି ଗୁଣ ରହିଥାଏ, ଯାହା ଶରୀରକୁ ଅନେକ ଲାଭ ଦେଇଥାଏ। କିନ୍ତୁ ଆପଣ କ'ଣ ଜାଣିଛନ୍ତି କି, ମଖାନା ସହିତ କ୍ଷୀର ଖାଇବା ଦ୍ୱାରା କେଉଁ ସବୁ ଲାଭ ମିଳିଥାଏ। ତେବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା। ମଖାନା ଶରୀର ପାଇଁ କୌଣସି ବରଦାନ ଠାରୁ କମ୍ ନୁହେଁ। ଏଥିରେ ସୋଡିୟମ୍, କ୍ୟାଲୋରୀ ଏବଂ ଫ୍ୟାଟ ମାତ୍ରା କମ୍ ରହିଥାଏ। ମଖାନାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ପ୍ରୋଟିନ୍ ଭଳି ଗୁଣ ପ୍ରଚୁର ମାତ୍ରାରେ ରହିଥାଏ। କ୍ଷୀରରେ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରରେ ଏନିମିୟାର ଅଭାବକୁ ଦୂର କରାଯାଇପାରେ। ଯେଉଁମାନଙ୍କ ଶରୀରରେ ରକ୍ତର ଅଭାବ ରହିଛି ସେମାନଙ୍କ ପାଇଁ ଏହା ଖୁବ୍ ଫଳପ୍ରଦ ହୋଇଥାଏ। କେବଳ ଏତିକି ନୁହେଁ ମଖାନା ଓ କ୍ଷୀର ସେବନ କରିବା ଦ୍ୱାରା ଏନର୍ଜିକୁ ମଧ୍ୟ ବୃଷ୍ଟ କରାଯାଇପାରିବ। ତାହେଲେ ଆସନ୍ତୁ ଜାଣିବା କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରକୁ କଣ କଣ ସବୁ ଫାଇଦା ମିଳିଥାଏ।

**ହାର୍ଟ:** କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ହାର୍ଟ ହେଲ୍ଦି ରହିଥାଏ। ମଖାନାରେ ଆଲ୍କାଲାଇଡ ନାମକ ତତ୍ତ୍ୱ ରହିଥାଏ। ଏଥିରେ କିଛି ଖାସ୍ ପୋଷକ ତତ୍ତ୍ୱ ମିଳିଥାଏ ଯାହା ହୃଦ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ। ଏଥିସହିତ ଅଧିକ ଚିନ୍ତାରେ ରହୁଥିଲେ ମଖାନା ସେବନ କରିବା ଉଚିତ୍। ରାତିରେ ଶୋଇବା ପୂର୍ବରୁ କ୍ଷୀର ଓ ମଖାନା ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଯାହା ଦ୍ୱାରା ଅଧିକ ଚିନ୍ତାକୁ ଦୂର କରାଯାଇପାରିବ।

**ଗ୍ୟାସ୍ ସମସ୍ୟା:** ମଖାନାରେ ବହୁତ ମାତ୍ରାରେ ଫାଇବର ଗୁଣ ମିଳିଥାଏ। ଏଥିରେ କେବଳ ଫାଇବର ନୁହେଁ ବରଂ କ୍ୟାଲସିୟମ୍‌ର ତତ୍ତ୍ୱ ମଧ୍ୟ ମିଳିଥାଏ। ଯାହା ପେଟ ଗ୍ୟାସ୍ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ଆଣ୍ଠୁ ଗଣ୍ଠି:** କ୍ଷୀର ଓ ମଖାନାରୁ ପ୍ରଚୁର ମାତ୍ରାର କ୍ୟାଲସିୟମ୍ ମିଳିଥାଏ। ଏହି ଦୁଇଟିକୁ ମିଶାଇ ଖାଇବା ଦ୍ୱାରା ଦୁର୍ବଳ ହୋଇଯାଇଥିବା ଆଣ୍ଠୁ ଗଣ୍ଠିକୁ ମଜବୁତ କରିଥାଏ। ତେଣୁ ଆପଣଙ୍କ ଖାଇବା ଲିଷ୍ଟରେ ମଖାନା ଏବଂ କ୍ଷୀରକୁ ସାମିଲ କରିପାରିବେ।

**ଏନର୍ଜି:** ଯଦି ଆପଣ ଦୁର୍ବଳତା ଏବଂ ଏନର୍ଜିର ଅଭାବ ଅନୁଭବ କରୁଛନ୍ତି, ତେବେ କ୍ଷୀର ଓ ମଖାନା ଖାଇ ପାରିବେ। ମଖାନା ଓ କ୍ଷୀରରେ ପ୍ରୋଟିନ୍ ଏବଂ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ଯାହା ଶରୀରକୁ ଶକ୍ତି ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

# ପଇଡ଼ ନାଳିରେ ଭରି ରହିଛି ପୋଷକ ତତ୍ତ୍ୱ



ଆଜିକାଲିକା ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯାହା ଖାଦ୍ୟପେୟରେ ଅନିର୍ଦ୍ଦିଷ୍ଟ କାରଣ ପାଇଁ ଏପରି ପରିବର୍ତ୍ତନ ଦେଖିବାକୁ ମିଳିଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ। ପ୍ରତ୍ୟେକ ଲୋକ ଏପରି ସ୍ଥିତିରୁ ବାହାରିବା ପାଇଁ ଉପାୟ ଖୋଜିଥାଆନ୍ତି। ଯେମିତି ବିନା ସାଇଡ୍ ଇଫେକ୍ଟରେ ଏବଂ ସହଜରେ ସେହି ସବୁ ସମସ୍ୟାରୁ ରକ୍ଷା ପାଇପାରିବେ। ପଇଡ଼ ପାଣି ଏପରି ଏକ ହର୍ବାଲ ଡ୍ରିଙ୍କ୍ସ ଯାହାକୁ ଆୟୁର୍ବେଦ ଅନୁସାରେ ମହୌଷଧି ଭାବେ ବିବେଚନା କରାଯାଏ। ପଇଡ଼ ପାଣି ପ୍ରାକୃତିକ ଗୁଣରେ ଭରପୁର ହୋଇଥିବାରୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ପଇଡ଼ ପାଣିରେ ଅନେକ ପୋଷକ ତତ୍ତ୍ୱ ଥାଏ। ଏଥିରେ ସୋଡିୟମ୍,ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭରପୁର ମାତ୍ରାରେ ରହିଥାଏ। ସେଥିରୁ ଇଲେକ୍ଟ୍ରୋଲାଇଟ୍ସ ମଧ୍ୟ ମିଳିଥାଏ। ଡିହାଇଡ୍ରେସନ୍ ଭଳି ସମସ୍ୟା ପାଇଁ ବେଷ୍ଟ ପଇଡ଼ ପାଣି। ପଇଡ ପାଣି ପାଣି ଭଳି ଏହାର ନାଳି ମଧ୍ୟ ଆମ ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ। ଏହା ଯେତିକି ସ୍ୱାଦିଷ୍ଟ ସେତିକି ହିତକର ହୋଇଥାଏ। ଭିଟାମିନ୍ ସି, ଇ, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍ ଏବଂ ଫସଫରସ୍ ପରି ପୁଷ୍ଟିକର ଖାଦ୍ୟ ନଡ଼ିଆ ନାଳିରେ ମିଳିଥାଏ ଯାହା ଆପଣଙ୍କ ଶରୀରର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଇମ୍ୟୁନିଟି ବଢ଼ାଇବା ପାଇଁ ନଡ଼ିଆର ନାଳି ଖାଇବା ବହୁତ ଲାଭଦାୟକ ହୋଇଥାଏ। ନଡ଼ିଆ ନାଳିରେ ଥିବା ଏଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିଇନଫ୍ଲାମେଟରୀ ଗୁଣ ଥିବାରୁ ଏହା ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଇମ୍ୟୁନିଟି ପାୱାର ବଢ଼ାଇବା ପାଇଁ ନାଳି ନଡ଼ିଆ ନିଶ୍ଚୟ ଖାଆନ୍ତୁ। ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ପାଇଁ ନଡିଆର ନାଳି ବହୁତ ଲାଭାକାରୀ ହୋଇଥାଏ। ଏଥିରେ ଭରପୁର ମାତ୍ରାରେ ଫାଇବର ରହିଥାଏ। ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ। ଏହା ପାଚନ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ହାର୍ଟ ସୁସ୍ଥ ରଖିବା ପାଇଁ ନଡିଆ ନାଳି ବହୁତ ପ୍ରଭାବଶାଳୀ ହୋଇଥାଏ। ନାଳି ନଡ଼ିଆରେ ସାଚୁରେଟେଡ ଫ୍ୟାଟ ରହିଥାଏ। ଯାହା ହାର୍ଟ ପାଇଁ ବହୁତ ଫଳପ୍ରଦ ହୋଇଥାଏ। କାରଣ ଏହି ଫ୍ୟାଟ ଭଲ କୋଲେଷ୍ଟ୍ରୋଲକୁ ବଢ଼ାଇଥାଏ ଓ ଖରାପ କୋଲେଷ୍ଟ୍ରୋଲକୁ କମାଇଥାଏ। ନଡ଼ିଆ ନାଳି ଖାଇଓ୍ୱା ଦ୍ୱାରା ମୋଟାପଣ କମିଯାଏ। ନଡ଼ିଆ ନାଳିରେ ଅଧିକ ପରିମାଣରେ ଚର୍ବି ଥାଏ। କିନ୍ତୁ ଏଥିରେ ସୁସ୍ଥ ଚର୍ବି ଥାଏ ଏବଂ ଏଥିରେ ଥିବା ପୋଷକ ତତ୍ତ୍ୱ ଆପଣଙ୍କ ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂରା ରଖେ। ଫଳରେ ଆପଣଙ୍କୁ ଶୀଘ୍ର ଭୋକିଲା ଅନୁଭବ ହେବାକୁ ଦେଇନଥାଏ ଏବଂ ଓଜନ କମ୍ କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ନଡ଼ିଆ ନାଳିରେ ଥିବା ଫାଇବର, ପୋଟାସିୟମ୍, ଆଇରନ୍ ଏବଂ ସୁସ୍ଥ ଚର୍ବି ଗର୍ଭବତୀ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ। ନଡିଆ ନାଳି ଖାଇବା ଦ୍ୱାରା ଗର୍ଭବତୀ ମହିଳାମାନଙ୍କୁ ସମସ୍ତ ରୋଗ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଭଲ ବିକଳ୍ପ।

# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଦୀର୍ଘଦିନର ମାନସିକ ଚାପ



ଆଜିକାଲିର ଜୀବନଶୈଳୀରେ, ଅନେକ ଲୋକଙ୍କ ପାଇଁ ଚାପ ଏକ ବଡ଼ ଅସୁବିଧାର କାରଣ ସାଜିଛି। କୌଣସି ବିଷୟକୁ ନେଇ ଚାପ ଅନୁଭବ କରିବା ସ୍ୱାଭାବିକ, କିନ୍ତୁ ଚାପଗ୍ରସ୍ତ ରହିବା ଅସ୍ୱାସ୍ଥ୍ୟକର। ଦୀର୍ଘ ସମୟ ଧରି ଚାପ ମନ ଏବଂ ଶରୀର ଉଭୟ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଶରୀରରେ ଶକ୍ତି ସ୍ତର ହ୍ରାସ ପାଇବା ଆରମ୍ଭ କରେ, ଯାହା ଫଳରେ ଦିନସାରା ଥକ୍କାପଣ ଏବଂ ଦୁର୍ବଳତା ଦେଖାଯାଏ। ନିଦ୍ରାହୀନତା ଚିଡିଚିଡ଼ା ହୋଇଯାଏ। ଯେକୌଣସି କାମରେ ଆଗ୍ରହ ହରାଇଥାଏ ଏବଂ ଜଣେ ହତାଶ ଅନୁଭବ କରିବାକୁ ଲାଗେ। ଏପରି ପରିସ୍ଥିତିରେ, ତୁରନ୍ତ ଏହି ଚାପକୁ ଦୂର କରିବା ପାଇଁ ଯୋଜନା କରିବା ଉଚିତ, କାରଣ ଦୀର୍ଘ ସମୟ ଧରି ଚାପ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦୀର୍ଘକାଳୀନ ଚାପ ସ୍ନାୟୁତନ୍ତ୍ରକୁ ନିରନ୍ତର ହାଇ ଆଲର୍ଟ ମୋଡରେ ରଖେ। ମସ୍ତିଷ୍କ ନିରନ୍ତର ଆଲାର୍ମ ସଙ୍କେତ ପଠାଏ, ଚାପ ହରମୋନକୁ ବୃଦ୍ଧି କରେ। ଏହା ନିଦ୍ରା ବ୍ୟାଘାତ, ସ୍ମୃତି ହ୍ରାସ, ଚିନ୍ତା ଏବଂ ଅବସାଦ ଭଳି ସମସ୍ୟା ସୃଷ୍ଟି କରିପାରେ। ଯଦି ଚାପ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ମନ ଦୁର୍ବଳ ହେବାକୁ ଆରମ୍ଭ କରେ। ପ୍ରଥମ ପଦକ୍ଷେପ ହେଉଛି ଚାପକୁ ସ୍ୱୀକାର କରିବା। କାର୍ଯ୍ୟଭାର, ଆର୍ଥିକ ଚାପ, ପାରିବାରିକ ଦ୍ୱନ୍ଦକୁ ନେଇ ଚିନ୍ତା ଲାଗି ରହିଲେ ଏହା କିପରି ଦୂର ହେବ ସେନେଇ ଚିନ୍ତା କରିବା ଜରୁରୀ। ଏହା କରିବା ପାଇଁ, ପ୍ରତିଦିନ ଧ୍ୟାନ କରନ୍ତୁ ଏବଂ ଗଭୀର ନିଶ୍ୱାସ ନେବା ଯୋଗ ଅଭ୍ୟାସ କରନ୍ତୁ। ଏହା ସ୍ନାୟୁ ପ୍ରଣାଳୀକୁ ଆରାମ ଦିଏ, ମନକୁ ଶାନ୍ତ କରେ ଏବଂ ଚାପ ହ୍ରାସ କରେ। ମାନସିକ ଚାପ କମାଇବା ପାଇଁ ଚିନ୍ତାଧାରାକୁ ପରିବର୍ତ୍ତନ କରିବା ଉଚିତ। ନକାରାତ୍ମକ ଚିନ୍ତାଧାରା ଆପଣଙ୍କ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଆପଣଙ୍କ ଚିନ୍ତାଧାରାରେ ନମନୀୟତା ସୃଷ୍ଟି କରନ୍ତୁ ଏବଂ ଆପଣଙ୍କ ମସ୍ତିଷ୍କକୁ ସକାରାତ୍ମକ ସଙ୍କେତ ପଠାଇବା ପାଇଁ ଜୀବନରେ ଛୋଟ ଛୋଟ ସକାରାତ୍ମକ ଜିନିଷ ଖୋଜନ୍ତୁ। ସୁସ୍ଥ ସ୍ନାୟୁ ପ୍ରଣାଳୀ ବଜାୟ ରଖିବା ପାଇଁ ଶାରୀରିକ ଭାବରେ ସକ୍ରିୟ ରୁହନ୍ତୁ। ପ୍ରତିଦିନ ହାଲୁକା ବ୍ୟାୟାମ କେବଳ ଶରୀରକୁ ସୁସ୍ଥ ରଖେ ନାହିଁ ବରଂ ମନକୁ ମଧ୍ୟ ଶକ୍ତିଶାଳୀ କରିଥାଏ। ଏହା ହାସଲ କରିବା ପାଇଁ, ଗଭୀର ନିଶ୍ୱାସ ପ୍ରଶ୍ୱାସ, ଧ୍ୟାନ, ହାଲୁକା ଯୋଗ, ଧୀରେ ଚାଲିବା କିମ୍ବା ପ୍ରକୃତିରେ ସମୟ ବିତାଇବା ଭଳି କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତୁ। ଏହା ଚାପ ହ୍ରାସ କରିବ। ଦୀର୍ଘକାଳୀନ ଚାପ ହ୍ରାସ କରିବାରେ ନିଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପର୍ଯ୍ୟାପ୍ତ ଏବଂ ଗଭୀର ନିଦ ପାଇବା ଦ୍ୱାରା ହରମୋନ ସନ୍ତୁଳିତ ହୁଏ ଏବଂ ଆପଣଙ୍କ ମନ ଶାନ୍ତ ହୁଏ। ଏହାକୁ ହାସଲ କରିବା ପାଇଁ, ପ୍ରତିଦିନ ସମାନ ସମୟରେ ଶୋଇବା ଅଭ୍ୟାସ କରନ୍ତୁ। ଶୋଇବା ପୂର୍ବରୁ ଆପଣଙ୍କ ଫୋନ୍, ଟିଭି ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ପରିହାର କରନ୍ତୁ। ମନକୁ ଶାନ୍ତ କରିବା ଏବଂ ଶୀଘ୍ର ନିଦ ହେବା ପାଇଁ କୋଠରୀରେ ଆଲୋକ କମ କରନ୍ତୁ ଏବଂ ସଙ୍ଗୀତ ବଜାନ୍ତୁ।



# ନାକରୁ ବାହାରୁଛି କି ରକ୍ତ ?

ଗ୍ରୀଷ୍ମ ଋତୁରେ ଦେଖାଦେଇଥାଏ ବିଭିନ୍ନ ସମସ୍ୟା। ଏହି ଋତୁରେ କେବଳ ଡିହାଇଡ୍ରେସନ ହୋଇନଥାଏ ବରଂ ଏହି ସମୟରେ ନାକରୁ ହଠାତ୍ ରକ୍ତ ବାହାରିବାର ସମସ୍ୟା ମଧ୍ୟ ଦେଖାଯାଏ। ଅତ୍ୟଧିକ ଗରମ ଓ ହଠାତ୍ ତାପମାତ୍ରା ପରିବର୍ତ୍ତନ ଯୋଗୁଁ ନାକ ଭିତରେ ଥିବା ସୂକ୍ଷ୍ମ ରକ୍ତବାହୀ ନଳୀ ଫାଟିଯାଏ, ଯାହାର ଫଳରେ ରକ୍ତସ୍ରାବ ଓ ଜଳାପୋଡ଼ା ଅନୁଭବ ହୁଏ। ଶୀତଦିନେ ନାକରୁ ରକ୍ତ ବାହାରିବା ଏକ ସାଧାରଣ କଥା। ବିଶେଷକରି ପିଲା, ବୟସ୍କ ଏବଂ ସାଇନସ୍ କିମ୍ବା ଆଲର୍ଜି ସମସ୍ୟା ଥିବା ଲୋକଙ୍କଠାରେ ଏହା ଦେଖାଯାଏ। ଯଦିଓ ଗ୍ରୀଷ୍ମ ଋତୁରେ ନାକରୁ ରକ୍ତ ବାହାରିବା ଚିନ୍ତାର ବିଷୟ ହୋଇପାରେ, କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ ଏବଂ କିଛି ଘରୋଇ ଉପଚାର ଦ୍ୱାରା ଏହାକୁ ରୋକାଯାଇପାରିବ। ବିଶେଷଜ୍ଞ ମତ ଅନୁଯାୟୀ, ଯଦି ଆପଣଙ୍କ ନାକରୁ ରକ୍ତ ବାହାରିଥାଏ ତେବେ ଚିନ୍ତା କରିବାର କୌଣସି କାରଣ ନାହିଁ। ଏହି ପରିସ୍ଥିତିରେ, ରୋଗୀଙ୍କୁ ଆରାମ କରିବାକୁ କୁହନ୍ତୁ। ସେ ଯେତେ ଭୟଭୀତ ହେବ, ତାଙ୍କର ସମସ୍ୟା ସେତେ ବଢ଼ିବ। ରୋଗୀଙ୍କୁ ଆରାମରେ ବସାଇ ଟିକେ ଆଗକୁ ନଇଁବାକୁ କୁହନ୍ତୁ ଯାହା ଦ୍ୱାରା ରକ୍ତ ଆଗ ଭାଗରୁ ବାହାରକୁ ବହିଯିବ ଏବଂ ଗଳାର ପଛ ପଟକୁ ନଯିବ। ଏହା ପରେ, ରୋଗୀଙ୍କୁ ତାଙ୍କ ମୁହଁ ଖୋଲି ଆରାମରେ ନିଶ୍ୱାସ ନେବାକୁ କୁହନ୍ତୁ। ଯାହା ଦ୍ୱାରା ବହୁତ ଆରାମ ଲାଗିବ। ଶରୀରରେ ପାଣି କମିଯିବାରୁ ନାକର ଭିତର ଆସ୍ତରଣ ଶୁଖିଯାଏ ଏବଂ ରକ୍ତସ୍ରାବର ଆଶଙ୍କା ବଢ଼ିଯାଏ। ତେଣୁ ଦିନକୁ ଅତି କମରେ ୮- ୧୦ ଗ୍ଲାସ ପାଣି ପିଇବା ସହ ତରଭୁଜ, କାକୁଡି ପରି ହାଇଡ୍ରେଟିଂ ଫଳ ଖାଇବା ଆବଶ୍ୟକ। ନାକ ଶୁଖିବାରୁ ରୋକିବା ପାଇଁ ସାଲାଇନ୍ ନାଜାଲ୍ ସ୍ପ୍ରେ ବ୍ୟବହାର କରିପାରିବେ। ଏହା ସହ ଏକ ସଫା କପଡାରେ ଅଳ୍ପ ପେଟ୍ରୋଲିୟମ୍ ଜେଲି କିମ୍ବା ନଡ଼ିଆ ତେଲ ନେଇ ନାକ ଭିତରେ ହଲୁକା ଭାବେ ଲଗାଇବା ଉପକାରୀ ହୁଏ। ଏୟାର କଣ୍ଡିସନର ଓ ଫ୍ୟାନ୍ ବ୍ୟବହାର କରିବାରୁ ଘର ଭିତରର ପବନ ଅତ୍ୟଧିକ ଶୁଷ୍କ ହୋଇଯାଏ, ଯାହା ନାକର ସମସ୍ୟା ବଢ଼ାଇପାରେ। ରାତିରେ ଶୋଇବାବେଳେ ହ୍ୟୁମିଡିଫାୟର୍ ବ୍ୟବହାର କଲେ ବାୟୁ ଆର୍ଦ୍ର ରହିଥାଏ ଏବଂ ନାକ ଶୁଖିବାରୁ ରକ୍ଷା ପାଏ। ତୀବ୍ର ଗରମରେ ବାହାରକୁ ଯିବା ସମୟରେ ଟୋପି ପିନ୍ଧିବା, ଛତା ବ୍ୟବହାର କରିବା ଏବଂ ସମ୍ଭବ ହେଲେ ଛାଇରେ ରୁହନ୍ତୁ। ଏହି ସାଧାରଣ ସତର୍କତା ଏବଂ ଘରୋଇ ଉପାୟ ଦ୍ୱାରା ଗ୍ରୀଷ୍ମ ଋତୁରେ ନାକରୁ ରକ୍ତସ୍ରାବ ସମସ୍ୟାକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ।

ବିପଦ ସାଜିଛି ହାତୀଶାଳ ଘାଟି

# ରାସ୍ତା ଚଉଡ଼ା କରିବାକୁ ଦାବି



ଲାଞ୍ଜିଗଡ଼,୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର ଠାରୁ ବିଜେପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଥିବା ହାତୀଶାଳ ଘାଟି ଏବେ ଗମନାଗମନ ପାଇଁ ବିପଦ ସାଜିଛି।ବିଭିନ୍ନ ପଞ୍ଚାୟତର ଲୋକେ ବ୍ଲକ,ତହସିଲ, ଡାକ୍ତରଖାନା,ବ୍ୟାଙ୍କ୍ କାର୍ଯ୍ୟ ପାଇଁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଆସିବାକୁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏହି ଘାଟି ରାସ୍ତାରେ ବିଭିନ୍ନ ସ୍ଥାନରେ ତୀବ୍ର ମୋଡ଼ ରହିଥିବା ବେଳେ ରାସ୍ତା ବହୁ ସ୍ଥାନରେ ଖାଲଖମା ହୋଇପଡ଼ିଛି। କେତେକ ସ୍ଥାନରେ ବଡ଼ ବଡ଼ ଖାଲ ଥିବାରୁ ବର୍ଷା ହେଲେ ଯାତ୍ରୀବାହୀ ଗାଡ଼ି ଓ ବାଇକ୍ ଆରୋହୀମାନେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅତ୍ୟଧିକ ଉଚ୍ଚ ଓ ବିପଦସଙ୍କୁଳ ହୋଇଥିବା ସତ୍ତ୍ୱେ ଘାଟି ସ୍ଥାନରେ କୌଣସି ସୂଚନା ବୋର୍ଡ କିମ୍ବା ସୁରକ୍ଷା ବାଡ଼ ନାହିଁ। ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। କେତେବେଳେ ବଡ଼ ବଡ଼ ଟ୍ରକ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସି ପଡୁଛି।ଏହି ଦୁର୍ଘଟଣାରେ ବହୁ ଲୋକ ଆହତ ହୋଇସାରିଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶତାଧିକ ଛାତ୍ରଛାତ୍ରୀ ସ୍କୁଲ,କଲେଜ ଯାଉଥିବା ବେଳେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏହି ଘାଟି ରାସ୍ତାର ତୁରନ୍ତ ମରାମତି,ଚଉଡ଼ାକରଣ ସହିତ ସୂଚନା ବୋର୍ଡ ଓ ସୁରକ୍ଷା ବାଡ଼ ଲଗାଇବା ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ଏନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସରପଞ୍ଚଙ୍କ ସ୍ୱାମୀ ତଥା ବିଜେପି କର୍ମୀଙ୍କୁ ବୀଭତ୍ସ ହତ୍ୟା



ମ.ରାମପୁର:୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅନ୍ତର୍ଗତ ତମ କର୍ଲାଖୁଣ୍ଟା ପଞ୍ଚାୟତର ମହିଳା ସରପଞ୍ଚ ସ୍ମିତା ରଣାଙ୍କ ସ୍ୱାମୀ ଫକୀର ରଣାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟାରେ ଫକୀର କୌଣସି କାମରେ ଗାଁ ନିକଟ ଏକ ପଡ଼ାକୁ ଯାଇଥିଲେ। ସେଠାରୁ ରାତି ପ୍ରାୟ ସାଢ଼େ ୮ଟାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଗାଁଠୁ ଅନତି ଦୂରରେ ଥିବା ଏକ ପୋଲ ନିକଟରେ କେହି ଦୁର୍ବୃତ୍ତ ତାଙ୍କୁ କୌଣସି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫକୀର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘଟଣାସ୍ଥଳରେ ପଡ଼ି ରହିଥିଲେ। କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମ.ରାମପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟା ପଛର କାରଣ ଜଣାପଡ଼ିନାହିଁ। ଫକୀରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା ନାଁ କେହି ଜଣେ ବ୍ୟକ୍ତି ଆକ୍ରମଣ କରିଥିଲେ, ତାହା ବି ଅସ୍ପଷ୍ଟ ରହିଛି। ପୂର୍ବଶତ୍ରୁତାରୁ ହତ୍ୟା କରାଯାଇଥିବା ଆଶଙ୍କା ରହିଛି। ସେହିଦିନ ରାତି ହୋଇଯାଇଥିବାରୁ ଶବବ୍ୟବଚ୍ଛେଦ ହୋଇନଥିବା ବେଳେ। ଆଜି ପୁଲିସ ଉପସ୍ଥିତି ରେ ଶବ ବ୍ୟବଚ୍ଛେଦ କରି ପରିବାର କୁ ହସ୍ତାନ୍ତର କରାଯାଇଛି।କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝି ସଦଳବ ଲବଳେ ପହଞ୍ଚି ଘଟଣାର ତଦନ୍ତ କରି ସନ୍ଦେହ ଜନକ ଭାବେ କିଛି ବ୍ୟକ୍ତିଙ୍କୁ ଥାନା କୁ ଆଣି ଅଟକ ରଖିବା ସହ ଜେରା ଜାରି ରଖିଛି। ତେବେ ଉକ୍ତ ହତ୍ୟା ରେ ସଂପୃକ୍ତ ଥିବା ଆସାମୀଙ୍କୁ ତୁରନ୍ତ ଗିରଫ କରିବା ନେଇ ରାଜ୍ୟ ସରପଞ୍ଚ ସଂଘ ପକ୍ଷରୁ ଦାବି କରାଯାଇଛି।

## ବିଶ୍ୱସ୍ତରୀୟ ମତ୍ସ୍ୟ ଚାଷ ବିଷୟରେ ବୈଷୟିକ ଶିକ୍ଷାପାଇଁ କୈଳାସ ହଚେରୀ ମନୋନୀତ



ବୈଶିଙ୍ଗା,୬।୮ (ସଂଚାର ବ୍ୟୁରୋ): ବୈଶିଙ୍ଗା ସ୍ଥିତ 'କୈଳାସ ଫିସାରୀ ଏଣ୍ଡ ଆକ୍ୱାଟିକ୍' ଦୀର୍ଘ ୩୦ ବର୍ଷ ଧରି ଆଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ସହିତ ମାଛ ଚାଷ କରିବା, ମାଛ ଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ଶିକ୍ଷାଦେବା ଏବଂ ଉନ୍ନତମାନର ପ୍ରାୟ ୩୦ ପ୍ରଜାତିର ମାଛ ଜାଆଁଳ ଉତ୍ପାଦନ କରି ସାରା ଭାରତ ବର୍ଷର ବିଭିନ୍ନ ସ୍ଥାନକୁ ମାଛ ଜାଆଁଳ ପଠାଇବା ଏବଂ ସେଥିରେ ସଫଳ ହେବା କାରଣରୁ କୈଳାସ ହଚେରୀ ୧ନଂ ମାଛ ଚାଷୀ ଭାବେ ଭାରତ ସରକାର ଙ୍କ ଠାରୁ ମାନ୍ୟତା ପାଇ ପାରିଛି। ଏଥିପାଇଁ ଗତ ୩ ବର୍ଷ ପୂର୍ବରୁ ଏଠାରେ ଏକ ମତ୍ସ୍ୟ ଚାଷ ସମ୍ପର୍କିତ ବୈଷୟିକ ଜ୍ଞାନ କୌଶଳ ଶିକ୍ଷାଦାନ ପାଇଁ ସରକାର ଙ୍କ ତରଫରୁ 'ଫିସରୀ କଲେଜ' ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବର୍ଷା ଋତୁ ଆସିବାର ବହୁ ପୂର୍ବରୁ ଯେତେବେଳେ କି ଦେଶର କୌଣସି ପ୍ରାନ୍ତ ରେ ଜାଆଁଳ ଉତ୍ପାଦନ ହୋଇନଥାଏ ଠିକ୍ ଫେବୃଆରୀ ମାସ ଶେଷ କିମ୍ବା ମାର୍ଚ୍ଚ ମାସ ପ୍ରଥମ ଭାଗରେ କୈଳାସ ହଚେରୀରେ ଜାଆଁଳ ଉତ୍ପାଦନ ହୋଇ ବିଭିନ୍ନ ପ୍ରାନ୍ତକୁ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଇଥାଏ। ମତ୍ସ୍ୟ ଚାଷ ସହିତ କୃଷି, ପନିପରିବା, ଫୁଲ, ଡାଏରୀ ଭଳି ଯୌଗିକ କୃଷିକୁ ପ୍ରଶଂସନୀୟ ପଦକ୍ଷେପ ମାନ୍ୟତା ମିଳିଥିଲା। ଏହି ଉଦ୍ୟମ ପାଇଁ କୈଳାସ ହଚେରୀର ମାଲିକ ଅକ୍ଷୟ କୁମାର ସାହୁଙ୍କୁ ଗୁଜୁରାଟର ସାଇନସ୍ ସିଟି ଅହମଦାବାଦ ଠାରେ ଅନୁଷ୍ଠିତ ବିଶ୍ୱ ସ୍ତରୀୟ ମତ୍ସ୍ୟଚାଷ ସମ୍ପର୍କିତ କର୍ମଶାଳାରେ ଶ୍ରେଷ୍ଠ ଉଦ୍ୟୋଗୀ ଭାବେ ମାନପତ୍ର, ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା।।ମତ୍ସ୍ୟ ଚାଷୀ ଅକ୍ଷୟ କୁମାର ସାହୁ ନିଜର ଅଭିଜ୍ଞତାକୁ ଅତିଥିମାନଙ୍କୁ ବଖାଣିବା ସହିତ ସାରା ବିଶ୍ୱ ରୁ ଆସିଥିବା ମତ୍ସ୍ୟ ଚାଷୀ ମାନଙ୍କୁ ନିଜର କର୍ମ କୁଶଳତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ।

ବର୍ଷାରେ କାଦୁଅ ପଚପଚ ଗାଁ ରାସ୍ତା

# ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି କଲେ ଗ୍ରାମବାସୀ



କନ୍ଧମାଳ,୬।୮ (ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ଅନେକ ଯୋଜନା ମାଧ୍ୟମରେ ଗାଁ ର ବିଭିନ୍ନ ସମସ୍ୟାର ବିକାଶ କରୁଛନ୍ତି କିନ୍ତୁ ଆଜିବି ଅନେକ ଗାଁ ରହିଛି ଯେଉଁ ଗାଁ କୁ ଯାତାୟତ ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ।ଯାହା ଫଳରେ ଅଞ୍ଚଳର ଜନସାଧାରଣ କାଦୁଅ ପଚପଚ ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏମିତି ଏକ ଗାଁ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅଧିନରେ ଥିବା ଭୂଇଁମୁଣ୍ଡା ଗ୍ରାମ। ଏହି ଗ୍ରାମ ସାରଙ୍ଗଡ଼ ପଞ୍ଚାୟତ ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଅବସ୍ଥିତ। ଟିକିଏ ବର୍ଷା ହେଲେ କାଦୁଅ ପଚପଚ ଏହି ରାସ୍ତା ଗ୍ରାମ ର ମୁଖ୍ୟ ରାସ୍ତା ହୋଇ ଥିବା ବେଳେ ବର୍ତ୍ତମାନ କାଦୁଅ ପାଣି ରେ ଭର୍ତ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଛୋଟ ଛୋଟ ପିଲା ମାନେ ସ୍କୁଲ ଯାଇ ପାରୁନଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ, ମେଡିକାଲ, ବ୍ଲକ କାର୍ଯ୍ୟାଳୟ ଯିବା ପାଇଁ ଏହି ରାସ୍ତା ହିଁ ଏକମାତ୍ର ଭରଷା ବୋଲି ଅଭିଯୋଗ କରିଛନ୍ତି ଗ୍ରାମ ବାସୀ। ବର୍ତ୍ତମାନ ବର୍ଷା ଦିନ ଟିକିଏ ବର୍ଷା ରେ ରାସ୍ତାର ଅବସ୍ଥା ବେହାଲ ହୋଇ ଥିବା ବେଳେ ବର୍ତ୍ତମାନ ବର୍ଷା ପାଇଁ ରାସ୍ତା ଯୋଗୁଁ ଚିନ୍ତାରେ ଗ୍ରାମବାସୀ। ଏହି ମାଟି ରାସ୍ତା ଉପରେ ଦଦକି, ଭୂଇଁ ମୁଣ୍ଡା, କଡିପାଙ୍ଗା ଭଳି ତିନୋଟି ସାହି ର ଜନ ସାଧାରଣ ଏହି ମାଟି ରାସ୍ତା ଉପରେ ନିର୍ଭର କରନ୍ତି। ତେବେ ବ୍ଲକ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ଗାଁ କୁ ପକ୍କା ରାସ୍ତା ନିର୍ମାଣ ପାଇଁ ଅଭିରାମ ପ୍ରଧାନ, ଅରୁଣ ପ୍ରଧାନ, ସଞ୍ଜୟ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ପ୍ରଦିପ ପ୍ରଧାନ, କ୍ଷେତ୍ରି ପ୍ରଧାନ ସମେତ ତିନୋଟି ସାହି ବାସୀ ଦାବି କରିଛନ୍ତି। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ ବରୁଣ କହଁର ଙ୍କୁ ପଚାରିବାରୁ କିଭଳି ଯଥା ଶିଘ୍ର ରାସ୍ତା ନିର୍ମାଣ ହୋଇ ପାରିବ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି।

## କେଶପୁର ପରିବା ବଜାରରେ ଅଗ୍ନିକାଣ୍ଡ



ଗଞ୍ଜାମ,୬।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର କେଶପୁର ପରିବା ବଜାରରେ ଆଜି ଭୋର୍ ୪ଟାରୁ ଅଗ୍ନିକାଣ୍ଡ ଘଟି ୪ଟି ଗୋଦାମ ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ପରିବା ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି। ରାଜେନ୍ଦ୍ର ପାତ୍ରଙ୍କ ପର୍ଖ୍ୱା ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ପରେ ଅନ୍ୟ ଦୋକାନକୁ ନିଆଁ ବ୍ୟାପି ଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛନ୍ତି। ତେବେ କେହି ଦୁର୍ବୃତ ତାଙ୍କ ଦୋକାନରେ ପେଟ୍ରୋଲ ଢ଼ାଳି ଅଗ୍ନି ସଂଯୋଗ କରିଛନ୍ତି ବୋଲି ରାଜେନ୍ଦ୍ର ଅଭିଯୋଗ କରିବା ସହ କିଛି ଦିନ ତଳେ ତାଙ୍କର ଅନ୍ୟ ଏକ ଦୋକାନରେ ମଧ୍ୟ କେହି ନିଆଁ ଲଗାଇ ପୋଡି ଦେଇଥିବା କହିଛନ୍ତି।

## ମହାବିଦ୍ୟାଳୟରେ ଶକ୍ତିଶ୍ରୀର ଶକ୍ତି ପ୍ରଦର୍ଶନ



ନୀଳଗିରି,୬।୮ (ସଂଚାର ବ୍ୟୁରୋ): ମଙ୍ଗଳବାର ଦିନ ନୀଳଗିରି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶକ୍ତିଶ୍ରୀ' ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳ ସଭାପତିତ୍ୱ କରିଥିଲେ।ଏଥିରେ ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ସୁପରିଚିତ ଆଡଭୋକେଟ୍ ଚିରଞ୍ଜୀବୀ ପାଣିଗ୍ରାହୀ ଯୋଗ ଦେଇ ଭାରତୀୟ ନାଟ୍ୟ ସଂହିତା ଆଧାରିତ ନାରୀ ସୁରକ୍ଷା ସମ୍ବନ୍ଧିତ ଆଇ. ପି. ସି, ପୋକ୍ସ, ପୋକ୍ସୋ, ଆଣ୍ଟି-ରାଗିଙ୍ଗ୍, ଆଇନ ବିଷୟରେ ସମ୍ମିଳିତ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ଅଧ୍ୟାପକ ଡକ୍ଟର ଶଙ୍କର୍ଷଣ ନାୟକ ଏବଂ ଅନ୍ୟତମ ସମ୍ମାନିତ ଅତିଥି ତଥା ବରିଷ୍ଠ ଅର୍ଥନୀତି ଅଧ୍ୟାପିକା ଶ୍ରୀମତୀ ମଧୁସ୍ମିତା ପଣ୍ଡା ନାରୀ ସଶକ୍ତିକରଣ ଉପରେ ସୁନ୍ଦର ଅଭିଭାଷଣ ରଖିଥିଲେ।ଉକ୍ତ କାର୍ଯ୍ୟକ୍ରମ, ପରିଚାଳନା ରେ ଶକ୍ତିଶ୍ରୀ ସଂଯୋଜିକା ତଥା ଇତିହାସ ବିଭାଗ ଅଧ୍ୟାପିକା ଶ୍ରୀମତୀ ସ୍ମିତା ମହାରଣା ଶକ୍ତିଶ୍ରୀର ସଂଗଠନ ଓ କାର୍ଯ୍ୟପନ୍ଥା ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ସହ ସଂଯୋଜିକା, ଶକ୍ତିଶ୍ରୀ ସ୍କ୍ରିନିଙ୍ଗ୍ କମିଟି ସଦସ୍ୟା ତଥା ବାଣିଜ୍ୟ ବିଭାଗ ଅଧ୍ୟାପିକା ସୁଦେଷ୍ଣା ଚିରସ୍ରୋତା ନାରୀ ସୁରକ୍ଷା ର ବିଭିନ୍ନ ଉପୟ ବତାଇଥିଲେ।ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ' ସଶକ୍ତିକରଣ ସେଲ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଶକ୍ତିଶ୍ରୀ ସଦସ୍ୟ ତଥା ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ଯୋଶବନ୍ତ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପିକା/ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀ ଏହି କାର୍ଯ୍ୟକ୍ରମ କୁ ସଫଳ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ।

## ଜୁଆ ଆଡ୍ଡା ଉପରେ ଜିଲ୍ଲାପାଳଙ୍କ ଚଢ଼ାଉ, ୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜବତ, ଜଣେ ଗିରଫ



ସୁବର୍ଣ୍ଣପୁର,୬।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼.ନୃପରାଜ ସାହୁ ଡୁଙ୍ଗୁରିପାଲି ଗସ୍ତରେ ଯାଇଥିଲେ ଓ ହେଲେ ଖବର ପାଇ ହଠାତ ସଙ୍ଗା ଆଡ୍ଡା ଭିତରକୁ ପଶିବା ସହ ଚଢ଼ାଉ କରିଥିଲେ ଓ ପରେ ଡୁଙ୍ଗୁରିପାଲି ପୋଲିସ କୁ ଖବର ଦେବାପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଡୁଙ୍ଗୁରିପାଲି ଗାଁର ମନବୋଧ ନାଏକ (୩୬) ନାମକ ସଙ୍ଗା ଖେଳାଉଥିବା ଯୁଆଡ଼ିକୁ ଗିରଫ କରିବା ସହ ସଙ୍ଗା କାଗଜ ସାମଗ୍ରୀ ଏବଂ ୨ ହଜାର ୭୯୦ ଟଙ୍କାକୁ ଜବତ କରିଛି ପୋଲିସ ଓ ଏ ବିଷୟରେ ପୋଲିସ ଥାନାରେ ଏକ ମକଦ୍ଦମା ରୁଜୁ କରିଛି। କିନ୍ତୁ ଥାନା ନିକଟରେ ସଙ୍ଗା ଖେଳ ଚାଲିଥିଲେ ବି ଡୁଙ୍ଗୁରିପାଲି ପୋଲିସ ଜାଣି ଅଜଣା ରହୁଥିବା ବେଳେ ଜିଲ୍ଲାପାଳ ଚଢାଉ କରିଥିବାରୁ ଜିଲ୍ଲାପାଳଙ୍କ ଏଭଳି ପଦକ୍ଷେପକୁ ନେଇ ଅଞ୍ଚଳରେ ପ୍ରଶଂସା କରାଯାଇଛି ଓ ଏହା ସ୍ଥାନୀୟ ପୋଲିସ ର ଜାଣତରେ ହେଉଛି ବୋଲି ସନ୍ଦେହ ହେଉଥିବା ବେଳେ ଏଥିରେ ପିସି କାରବାର ହେଉଥିବା କୁହାଯାଉଛି। ତେଣୁ ଏଥି ପ୍ରତି ଏସପି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଉଛି।

## ନିଖୋଜର ସାତ ଦିନ ପରେ ଯୁବକଙ୍କ ଶବ ଉଦ୍ଧାର



ଫୁଲବାଣୀ,୬।୮ (ସଂଚାର ବ୍ୟୁରୋ): ଗୋଛାପଡା ଥାନା ନମରବାଲି ଘାଟି ନିକଟରେ ଥିବା ନାଳରେ ଭାସୁଥିବା ଅବସ୍ଥାରେ ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଛି। ମୃତକ ଜଣକ ଗୋଛାପଡା ଥାନା କଟ୍ରିଙ୍ଗିଆ ପଞ୍ଚାୟତ ସଲଗୁଡି ଗାଁର ସାର୍ଥକ କହଁର (୨୦) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ସାର୍ଥକ ଜଣେ ଟ୍ରାକ୍ଟର ଡ୍ରାଇଭର ଓ ସେ ଦୋକାନପଦର ଗ୍ରାମର ବିଶ୍ୱଜିତ ବିଦ୍ୟାଧର ମଲିକଙ୍କ ଟ୍ରାକ୍ଟର ଚଳାଉଥିଲେ। ଗତ ୩୦ ତାରିଖ ରାତି ପ୍ରାୟ ନ'ଟା ସମୟରେ ଘରେ କାହାକୁ କିଛି ନକହି କୁଆଡେ ଚାଲିଯାଇଥିଲେ ଓ ପରିବାର ଲୋକେ ଓ ଟ୍ରାକ୍ଟର ମାଲିକ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଶେଷରେ ବିଶ୍ୱଜିତ ୩ ତାରିଖ ଦିନ ଗୋଛାପଡା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ ଓ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ସକାଳୁ କିଛି ଲୋକ ନଦୀକୁ ଶୌଚ ହେବା ପାଇଁ ଯାଇଥିବା ସମୟରେ ଯୁବକଙ୍କ ଶବ ନଦୀ ଭିତରେ ଏକ ପଥର ଚଟାଣରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଗୋଛାପଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଯୁବକଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବୌଦ ଜିଲାରୁ ସାଇଣ୍ଟିଫିକ ଟିମ୍ ଓ ବ୍ରହ୍ମପୁରରୁ ଡଗ ସ୍କ୍ୱାଡ ଆସି ଆଜି ଘଟଣା ସ୍ଥଳର ଛାନବିନ କରିଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣା ପଡ଼ିବ ବୋଲି କହିଛନ୍ତି ସଦର ଏସଡିପିଓ ଶୁଭଜିତ୍ ବିଶ୍ୱାଳ। ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି କହିଛନ୍ତି ଗୋଛାପଡା ଥାନା ଅଧିକାରୀ ଶୁଭ୍ରଜିତ ସମାନ୍ତରାୟ। ବିଜେପି ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ବିଧାୟକ୍ ପ୍ରତିନିଧି ଲଳିତ ମୋହନ ଦିଗାଲ ଓ ବିଜେପି କିଷାନ ମୋର୍ଚ୍ଚା ଜିଲ୍ଲା ସଭାପତି ଆଦିତ୍ୟ କହଁର ପ୍ରମୁଖ ଶୀଘ୍ର ଆସାମୀକୁ ଧରିବା ପାଇଁ ଦାବୀ କରିଛନ୍ତି।

ଉଦ୍ୟାନ ବିଭାଗ ଅଧିକାରିଣୀଙ୍କ ଦେଖା ନାହିଁ

# ଚାଷୀଙ୍କ ଫସଲ ନଷ୍ଟର ହିସାବ ନାହିଁ



ତିର୍ତ୍ତୋଲ,୬।୮ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଉଦ୍ୟାନ ବିଭାଗ ର ମ୍ୟାଡ଼ାମ ବନ୍ୟା ସମୟରେ ଅଫିସ୍ ଆସୁ ନଥିବା ଦେଖିବାକୁ ମିଳିଛୁ।ବନ୍ୟା ପ୍ରଭାବରେ ତିର୍ତ୍ତୋଲ ଅଞ୍ଚଳରେ ବ୍ୟାପକ ପନିପରିବା ଫସଲ ନଷ୍ଟ ହେଉଥିବା ବେଳେ ଅନେକ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏହି ସମୟରେ ଉଦ୍ୟାନ ବିଭାଗ ମ୍ୟାଡ଼ାମ ସ୍ଥିତି ପରଖିବା କୁ ଆସୁନାହାଁନ୍ତି କିମ୍ବା ଅଫିସ କୁ ମଧ୍ୟ ଏତେ ଆସୁ ନଥିବା ଦେଖିବାକୁ ମିଳିଛୁ। ଚାଷୀମାନେ ନିଜର ଅସୁବିଧା ନେଇ ଅଫିସ କୁ ଗଲାବେଳକୁ ମ୍ୟାଡମ ଙ୍କ ଦେଖା ନଥିବା ବେଳେ ଉଦ୍ୟାନ ବିଭାଗ ର ମାଳି ଜଣକ ନିଜକୁ ସର୍ବେସର୍ବା କହି ଚାଷୀମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ମ୍ୟାଡ଼ାମ ଜାଗା ଉପରକୁ ନଯାଇ ମାଳି ଙ୍କୁ ଫିଲିଡ ପଠାଉ ଥିବା ବେଳେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଖାଲି ସେତିକି ନୁହେଁ ଅଧିକାଂଶ ସମୟରେ ଅଧିକାରୀଣୀ ମହୋଦୟା ଅନୁପସ୍ଥିତ ରହିଥିବା ବେଳେ ମାଳି ବାବୁ ନିଜେ ନିଜକୁ ଅଫିସର କରି ଚାଷୀ ମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି।ଚାଷୀମାନଙ୍କୁ ଦିଆଯାଉଥିବା ବିଭିନ୍ନ ସ୍କିମ୍ ଉପରେ ଅଧିକାରୀଣୀ ଓ ମାଳି ଚାଷୀମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ମଧ୍ୟ ଆଦାୟ କରୁଛନ୍ତି ବୋଲି ଚାଷୀମାନେ କହିଛନ୍ତି ! ଚାଷୀମାନେ କହିଛନ୍ତି ଅଧିକାରୀଣୀ ଓ ମାଳି ଙ୍କ ମଧୁ ଚନ୍ଦ୍ରିକା ରେ ଏସବୁ ଚାଲିଛି। ଏମିତି କି ମାଳି ଓ ମ୍ୟାଡମ ରହିବା ଦିନଠାରୁ କରିଥିବା ସ୍କିମ୍ ଓ ଚାଷୀମାନଙ୍କ ବିବରଣୀ ସେମାନଙ୍କ ପାଖରେ ନଥିବା ଶୁଣିବାକୁ ମିଳୁଛି। ବ୍ୟାପକ ଅନିୟମିତତା ଏହି ଉଦ୍ୟାନ ବିଭାଗ ରେ ଚାଲିଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଜିଦ୍ ରେ ଅଛନ୍ତି। ଅନ୍ୟ ପକ୍ଷରେ ମାଳି ହୋଇ କିଭଳି ଏତେ ବାହାଦୁର ଦେଖଉଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ବିଭାଗୀୟ ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇ ସାଧାରଣ ରେ ଦାବି ହୋଇଛି।

## ଦୁଇ ବର୍ଷର ଆର୍ଥକ ଅନୁଦାନ ନାହିଁ, ଚିନ୍ତାରେ ନିର୍ବାଚିତ ଜନପ୍ରତିନିଧି

କନ୍ଧମାଳ,୬।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଏକ ପଛୁଆ ଏବଂ ଅନୁନ୍ନତ ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଚିତ ଥିବା ବେଳେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଜିଲ୍ଲାର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି, ହେଲେ ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ଆର୍ଥିକ ବର୍ଷ ୨୦୨୫/୨୬ କନ୍ଧମାଳ ଓ ଗଜପତି ବିକାଶ ଯୋଜନା ଆର୍ଥିକ ଅନୁଦାନ ମଧ୍ୟ ଆସି ପାରୁନାହିଁ। ସୂଚନା ଅନୁସାରେ, ଉକ୍ତ ଯୋଜନାର ଅର୍ଥ ବିନିଯୋଗ ପାଇଁ ସରକାରୀ ଭାବେ ଜିଲ୍ଲା ଯୋଜନା କମିଟିର ସ୍ୱତନ୍ତ୍ର ଯୋଜନା ବୈଠକରେ ସମସ୍ତ ପ୍ରକଳ୍ପ ଗୁଡିକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନୁମୋଦନ କରିଥାନ୍ତି। କିନ୍ତୁ, ବର୍ତ୍ତମାନ କନ୍ଧମାଳ ଜିଲ୍ଲାର ସମସ୍ତ ୧୮ ଜିଲ୍ଲା ପରିଷଦ ସଦସ୍ୟଙ୍କ ତରଫରୁ ସେମାନଙ୍କ ଜୋନ୍ ଅଞ୍ଚଳର ବିକାଶ ପାଇଁ ଯାଇଥିବା ଦୁଇ ଆର୍ଠଥକ ବର୍ଷର ଅନୁଦାନ ଆଜି ପର୍ଯ୍ୟନ୍ତ ଅନୁମୋଦନ ହୋଇ ନଥିବା ହେତୁ ଜନପ୍ରତିନିଧିମାନେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେବା ସହ ବିକାଶ କାର୍ଯ୍ୟ ବନ୍ଦ ହୋଇଥିବା ଅଭିଯୋଗ କରୁଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଦୁଇ ବର୍ଷର ପ୍ରକଳ୍ପ ଅନୁମୋଦନ ସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରକଳ୍ପ ତାଲିକା ଜିଲ୍ଲା ପରିଷଦ ସଦସ୍ୟଙ୍କୁ ମାଗନ୍ତୁ ବୋଲି ଦାବୀ କରିଛନ୍ତି। ଏଥିପାଇଁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାଙ୍କ ସମସ୍ୟା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଅନ୍ତୁ ବୋଲି ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ଅନୁରୋଧ କରିଛନ୍ତି।

● ଚାରି ମାସ ହେବ ବ୍ୟାଙ୍କକୁ ଆସୁନି ଭତ୍ତା ଟଙ୍କା

## ୨ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ



ମାହାଙ୍ଗା,୬।୮ (ସଂଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ, ବିଧବା, ବୃଦ୍ଧବୃଦ୍ଧା ମାନଙ୍କୁ ପ୍ରଦାନ କରାଯାଉଥିବା ଭତା ଟଙ୍କା ପାଇବାରୁ ବିଚିତ ହେଉଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ ମାହାଙ୍ଗା ବ୍ଲକରେ ଇନ୍ଦିରାଗାନ୍ଧୀ ଭତା ୧୯ ଶହ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୪ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଆସୁନଥିବାରୁ ଅସହାୟ ହିତାଧିକାରୀମାନେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି।ଏହି ହିତାଧିକାରୀ ମାନେ ବ୍ଲକ ଓ ବ୍ୟାଙ୍କକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ବି କର୍ଣ୍ଣପାତ କରୁନାହାନ୍ତି। ବ୍ୟାଙ୍କରେ ଇ-କେୱାଇସି, ଏମପିସିଆଇ ଫର୍ମକୁ ହିତାଧିକାରୀ ମାନେ ପ୍ରଦାନ କରିଥିଲେ ମଧ୍ୟ ଏହି ଭତା ଅର୍ଥ ଜମା ଖାତାକୁ ଆସୁନାହିଁ। ସେହିପରି ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ୮୦ ପ୍ରତିଶତ ଦିବ୍ୟାଙ୍ଗ ଏହି ବର୍ଦ୍ଧିତ ଭତା ଦୀର୍ଘ ମାସ ହେବ ପାଇ ପାରୁନାହାନ୍ତି। ଏପରିକି ବର୍ଦ୍ଧିତ ଭତା ୧୨୦୦ ଟଙ୍କାରୁ ୩୫୦୦ ଟଙ୍କା କରାଯାଇଥିଲେ ମଧ୍ୟ ୨ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ଏହି ଅର୍ଥ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବହୁ ବାର୍ଦ୍ଧକ୍ୟ ବୃଦ୍ଧବୃଦ୍ଧା ଭତା ନିମନ୍ତେ ଆବେଦନ କରି ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ସେମାନେ ଏହି ଭତା ପାଇଁ ଚାତକ ପରି ଚାହିଁ ରହିଛନ୍ତି। ଏହି ବ୍ଲକର ୩୭ ଗୋଟି ପଞ୍ଚାୟତର ୨୫ ଶହ ହିତାଧିକାରୀ ଆଜି ସୁଦ୍ଧା ଆବେଦନ କରିଥିଲେ ମଧ୍ୟ ତାହା ମିଳୁପାରୁନାହିଁ। ଯାହାକୁ ମାନେ ସେମାନେ ନାନା ଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି। ଯାହକୁ ନେଇ ସେମାନେ ବାରମ୍ବାର ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ୍ ସେମାନେଙ୍କୁ ସୁଫଳ ମିଳୁନାହିଁ। ତେଣୁ କଟକ ଜିଲ୍ଲାପାଳ ଏବଂ ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଭତା ପ୍ରଦାନ ବ୍ୟବସ୍ଥା କରିବାକୁ ହିତାଧିକାରୀ ମାନେ ଦାବି କରିଛନ୍ତି।

# ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ



ବଲାଙ୍ଗୀର,୬।୮ (ସଂଚାର ବ୍ୟୁରୋ): ଜିଲ୍ଲାରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ସଫଳ ପରିଚାଳନା, ଜରୁରୀକାଳୀନ ଯୋଜନା, ପୂର୍ବ ପ୍ରସ୍ତୁତି ତଥା ପରବର୍ତ୍ତୀ ପ୍ରତିକ୍ରିୟାର ସମୀକ୍ଷା କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ ବୈଠକଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଜିଲ୍ଲାପାଳ ଗୌରଓ୍ୱ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ, କାରଖାନା ଏବଂ ରାସାୟନିକ ପଦାର୍ଥ ପରିବହନ ସମୟରେ ହୋଇପାରୁଥିବା ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ବ୍ୟାପକ ଆଲୋଚନା କରାଯାଇଥିଲା। କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଲେ, ତାହାର ତୁରନ୍ତ ଓ ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିସହ ଜିଲ୍ଲାର ସମସ୍ତ ଶିଳ୍ପାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ନିୟମିତ ଭାବେ ସୁରକ୍ଷା ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୃକ୍ତ ବିଭାଗ, ଅଗ୍ନିଶମ ବାହିନୀ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତିକୁ ପରଖିବା ପାଇଁ ନିୟମିତ ମକ୍‌ଡ୍ରିଲ୍ କରାଯିବ। ରାସାୟନିକ ଦୁର୍ଘଟଣା ସମୟରେ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆମ୍ବୁଲାନ୍ସ, ଔଷଧ ଏବଂ ଡାକ୍ତରୀଦଳକୁ ସଦାସର୍ବଦା ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ, ଦୁର୍ଘଟଣା ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ, ସେ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ।

● ବ୍ଲକ ଗସ୍ତରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## ପ୍ରଧାନମନ୍ତ୍ରୀ ଜନମନ ଗୃହ ଯୋଜନାର ସମୀକ୍ଷା



ଲାଞ୍ଜିଗଡ଼,୬।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ।ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନରେ ନିର୍ମାଣ ହେଉଥିବା ଗୃହ ଗୁଡିକର ସ୍ଥିତି ପରିଦର୍ଶନ କରିଥିଲେ। ପ୍ରଥମେ ସେ ବନ୍ଧପରୀ ପଞ୍ଚାୟତର କୁବୁରୀ, କର୍କାମସ୍କା, କୁଟୃଗୁଡ଼ା ପରିଦର୍ଶନ କରିଥିଲେ। ଏହାପରେ ସେ ଛତ୍ରପୁର ପଞ୍ଚାୟତର ମସ୍କାପଦର ଖଜୁରିପଡ଼ା, ଲାଞ୍ଜିଗଡ଼ ପଞ୍ଚାୟତର କେନ୍ଦୁଗୁଡ଼ାକୁ ଗସ୍ତ କରି ହିତାଧିକାରୀମାନଙ୍କ ସହ ସିଧା ଆଲୋଚନା କରିଥିଲେ। ସେ ହିତାଧିକାରୀମାନଙ୍କୁ ସରକାରୀ ସହାୟତାର ସମ୍ପୂର୍ଣ୍ଣ ଲାଭ ନେବା ସହ ଯେତେ ଶୀଘ୍ର ସମ୍ଭବ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପ୍ରୋତ୍ସାହିତ କରିଥିଲେ। ଗୃହ ନିର୍ମାଣରେ କୌଣସି ଅସୁବିଧା ହେଲେ ତୁରନ୍ତ ବ୍ଲକ ପ୍ରଶାସନକୁ ଜଣାଇବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅମୁଲ୍ୟ ବାହୁଲ, ଲାଞ୍ଜିଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର, କନିଷ୍ଠ ଯନ୍ତ୍ରୀ ସ୍ମିତା ବିଶ୍ୱାଳଙ୍କ ସମେତ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ ମାନେ ଉପସ୍ଥିତ ଥିଲେ।